

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

*The Dhwani Pratidhwani*

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୯ ଫେବୃଆରୀ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 9 FEBRUARY 2024

Vol.No. 35 ■ No.39 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଏସସିବି ମେଡିକାଲରୁ ୫ ଦଲାଲ ଗିରଫ

କଟକ, ୮/୨ (ନି.ପ୍ର): କଟକ ଏସସିବି ମେଡିକାଲରୁ ୫ ଦଲାଲ ଗିରଫ। ଘରୋଇ ମେଡିକାଲକୁ ରେଫର୍ କରୁଥିବା ଅଭିଯୋଗରେ ଏମାନଙ୍କୁ ଗିରଫ କରିଛି ପୁଲିସ। ଗିରଫ ହୋଇଥିବା ସମସ୍ତ ବ୍ୟକ୍ତି ହେଉଛନ୍ତି ଆମ୍ବୁଲାନ୍ସ ଡ୍ରାଇଭର। ଏସସିବି ଆଇସିୟୁରେ ବେଡ୍ ନାହିଁ କହି ଏମାନେ ରୋଗୀଙ୍କୁ ଅନ୍ୟ ଘରୋଇ ନର୍ସିଂହୋମକୁ ସ୍ଥାନାନ୍ତର କରୁଥିଲେ। ଦୀର୍ଘବର୍ଷ ଧରି ଏମାନେ ରୋଗୀ ସ୍ଥାନାନ୍ତର କରିଆସୁଥିବା ଅଭିଯୋଗ ହୋଇଥିଲା। ପୁଲିସର ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ଏହି ଦଲାଲଙ୍କ ଉପରେ ନଜର ରଖିଥିଲା। ଆଜି ୫ ଜଣ ଦଲାଲଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ପୁଲିସ। ତେବେ ଏହି ଦଲାଲଙ୍କ ସହ କେଉଁ କେଉଁ ନର୍ସିଂହୋମର ଲିଙ୍କ ରହିଛି ସେନେଇ ଖୋଳତାଡ଼ ଜାରି ରହିଥିବା ଏସିପି କହିଛନ୍ତି।

# ବିକ୍ଷୋଭ ପାଇଁ ଦିଲ୍ଲୀ ଅଭିମୁଖେ ଚାଷୀ

### ନୋଏଡା ସୀମା ସିଲ, ହରିଆଣାରେ ବ୍ୟାରିକେଡ୍



ନୂଆଦିଲ୍ଲୀ, ୮/୨ : ନିଜର ହକ ପାଇଁ ଦିଲ୍ଲୀରେ ବିକ୍ଷୋଭ କରିବାକୁ ଆସୁଥିବା ଶତାଧିକ ଚାଷୀଙ୍କ ବାଟ ଓଗାଳିବାକୁ ଉତ୍ତର ପ୍ରଦେଶ ଓ ହରିଆଣା ସରକାର ବ୍ୟାପକ ଯୋଜନା କରିଛନ୍ତି। ନୋଏଡା ପ୍ରଶାସନ ନିଜର ସୀମା ସିଲ କରିଥିବା ବେଳେ ହରିୟାଣା ପକ୍ଷରୁ ବ୍ୟାରିକେଡ ଲଗା ଯାଇଛି। ଏଥିଯୋଗୁ ବ୍ୟାପକ ଟ୍ରାଫିକ ଜାମ ଦେଖିବାକୁ ମିଳିଛି। ନୋଏଡା ଓ ଗ୍ରେଟର ନୋଏଡାରେ ଚାଷୀମାନେ ଆନ୍ଦୋଳନ ଡାକରା ଦେଇଥିବାରୁ ଏପରି ସମସ୍ୟା ସୃଷ୍ଟି ହୋଇଛି। ବିଭିନ୍ନ ଗାଡ଼ିକୁ ଅଟକାଇ ପୁଲିସ୍ ସର୍ଚ୍ଚ ଅପରେସନ ମଧ କରୁଛି। ଏଥିଯୋଗୁ ସାଧାରଣ ଲୋକ ନାନା ପ୍ରକାରର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସ୍ଥିତିକୁ ଦେଖି ପୁଲିସ୍ ? ବ୍ୟତୀତ ରାପିଡ ଆକ୍ସନ ଫୋର୍ସକୁ ମୁତୟନ କରାଯାଇଛି। ସୀମାନ୍ତ ଅଞ୍ଚଳରେ ଦଙ୍ଗା ନିୟନ୍ତ୍ରଣ ଗାଡ଼ି ରଖାଯାଇଛି। ଡ୍ରୋନ ଦ୍ୱାରା ପୂରା ସ୍ଥିତି ଉପରେ ନଜର ଲେଖାଯାଇଛି। ନୋଏଡା-ଦିଲ୍ଲୀ ସୀମାରେ ବ୍ୟାରିକେଡ ଲାଗିଥିବାରୁ ଚାଷୀମାନେ ଏହା ଉପରେ ଚଢ଼ି ଆଗକୁ ଯିବାକୁ ମଧ ଚେଷ୍ଟା କରୁଛନ୍ତି। ସାଧାରଣ ଲୋକଙ୍କ କହିବା କଥା ଯେ ଚାଷୀମାନଙ୍କୁ ରାସ୍ତା କଡ଼ରେ ଅଟକା ଯାଇଛି। କିନ୍ତୁ ପ୍ରବଳ ଭିଡ଼ ଯୋଗୁ ବିଭିନ୍ନ ସ୍ଥାନରେ ଯାତାୟାତରେ ବାଧା ସୃଷ୍ଟି ହେଉଛି। ପ୍ରବଳ ଟ୍ରାଫିକ ଜାମ ଓ ଚେକିଂ ଯୋଗୁ ୩୦ ମିନିଟରୁ ୧ ଘଣ୍ଟା ବିଳମ୍ବ ଭଳି ସ୍ଥିତିର ସମ୍ମୁଖୀନ ହେବାକୁ ପଡୁଛି। ଦିଲ୍ଲୀ ସୀମାନ୍ତରେ ଚାଷୀମାନେ ୩ ବର୍ଷ ତଳେ ଐତିହାସିକ ଆନ୍ଦୋଳନ କରିଥିଲେ। ଚାଷୀଙ୍କ ଆନ୍ଦୋଳନ ଯୋଗୁ ମୋଦି ସରକାର ୩ କୃଷି ଆଇନକୁ ପ୍ରତ୍ୟାହାର କରି ନେଇଥିଲେ। ଏବେ ପୁଣି ଚାଷୀମାନେ ବିଭିନ୍ନ ସମସ୍ୟା ଧରି ଦିଲ୍ଲୀ ସୀମାନ୍ତରେ ଆନ୍ଦୋଳନ କରିବାକୁ ଅଣ୍ଟା ଭିଡ଼ିଛନ୍ତି। ଚାଷୀଙ୍କ ଆନ୍ଦୋଳନକୁ ବନ୍ଦ କରିବା ପାଇଁ ହରିଆଣା ଓ ଉତ୍ତର ପ୍ରଦେଶ ସରକାରଙ୍କ ପକ୍ଷରୁ ସବୁ ପ୍ରକାରର ବ୍ୟବସ୍ଥା କରାଯାଇଛି। ସିମେଣ୍ଟ ବ୍ୟାରିକେଡ, ବାଲିବସ୍ତା ଓ ଲୁହା ତାର ଲଗାଇ ଯାଇଛି। ଚାଷୀମାନେ ଯେମିତି ଦିଲ୍ଲୀରେ ପହଞ୍ଚି ପାରିବେ ନାହିଁ, ସେଥିପାଇଁ ନିଷେଧା ଆଦେଶ ଜାରି କରାଯାଇଛି। ଚାଷୀମାନେ ଦୁଇଟି ପର୍ଯ୍ୟାୟରେ ଆନ୍ଦୋଳନ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଆଜି ଗୋଟିଏ ପର୍ଯ୍ୟାୟ ଆନ୍ଦୋଳନ ଆରମ୍ଭ ହୋଇଛି। ନୋଏଡା ଓ ଗ୍ରେଟର ନୋଏଡାର ଚାଷୀମାନେ ଏକାଠି ହୋଇ ଶୋଭାଯାତ୍ରା ବାହାର କରିଛନ୍ତି। ଏହି ଚାଷୀମାନେ ମାସାଧିକ କାଳ ହେଲା ଆନ୍ଦୋଳନ କରୁଥିଲେ। ସ୍ଥାନୀୟ ପ୍ରଶାସନ ଚାଷୀଙ୍କ ଜମିକୁ ଅଧିଗ୍ରହଣ କରୁଛି। ଚାଷୀମାନେ ବିକାଶମୂଳକ କାର୍ଯ୍ୟ ପାଇଁ ଜମି ଦେବାକୁ ରାଜି ଅଛନ୍ତି। କିନ୍ତୁ ଏହା ବଦଳରେ ଅଧିକ କ୍ଷତିପୂରଣ ଓ ଜମି ବଦଳରେ ବିକଶିକ ପ୍ଲଟ ଦେବାକୁ ସେମାନେ ଦାବି କରିଛନ୍ତି। ପ୍ରଶାସନ ସେମାନଙ୍କ କଥା ଶୁଣୁ ନଥିବାରୁ ଆଜି ଚାଷୀମାନେ ସଂସଦ ଅଭିମୁଖେ ଶୋଭାଯାତ୍ରାରେ ବାହାରିଛନ୍ତି। ତେବେ ସୀମା ନିକଟରେ ଏକାଠି ହେବା ଓ ଦିଲ୍ଲୀ ପ୍ରବେଶ ଉପରେ ନୋଏଡା ପୁଲିସ୍ ରୋକ ଲଗାଇ ଦେଇଛି। ଚାଷୀଙ୍କ ଆନ୍ଦୋଳନ ଯୋଗୁ ପୁଲିସ୍ ପକ୍ଷରୁ ଲୋକଙ୍କୁ ଅନ୍ୟ ରାସ୍ତାରେ ଯିବା ଆସିବା କରିବାକୁ ପରାମର୍ଶ ଦିଆଯାଇଛି। ଚାଷୀଙ୍କ ଆନ୍ଦୋଳନ ବେଳେ ଦେଶ ବିରୋଧୀ ତତ୍ତ୍ୱ ଦିଲ୍ଲୀରେ ▶▶ପୃଷ୍ଠା ୭

## ଓଡ଼ିଶା ଆସିବେ ମୁଖ୍ୟ ନିର୍ବାଚନ କମିଶନର




ଭୁବନେଶ୍ୱର, ୮/୨ (ନି.ପ୍ର): ଆଗକୁ ସାଧାରଣ ନିର୍ବାଚନ ହେବାକୁ ଥିବାବେଳେ ଏହାର ପ୍ରସ୍ତୁତି ସମୀକ୍ଷା କରିବାକୁ ଓଡ଼ିଶା ଆସୁଛନ୍ତି ଦେଶର ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର। ତାଙ୍କ ନେତୃତ୍ୱରେ ଏକ ୭ ଜଣିଆ ଟିମ୍ ଆସନ୍ତା ୧୫ରୁ ୧୭ ତାରିଖ ପର୍ଯ୍ୟନ୍ତ ନିର୍ବାଚନ ପ୍ରସ୍ତୁତିର ସମୀକ୍ଷା କରିବେ। ୧୬ ତାରିଖରେ ଏହି ଟିମ୍ ବିଭିନ୍ନ ଜାତୀୟ ଏବଂ ଆଂଚଳିକ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହିତ ଆଲୋଚନା କରିବେ। ଏଥିସହିତ ରାଜ୍ୟ ପଦାଧିକାରୀ, ଡିଇଓ, ଏସପି, ସିପି ଏବଂ ଆଇଜିଙ୍କ ସହ ମଧ ଆଲୋଚନା କରିବା କାର୍ଯ୍ୟକ୍ରମ ରହିଛି। ଏହା ପର ଦିନ ଅର୍ଥାତ୍ ୧୭ ତାରିଖରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ, ନୋଡାଲ ଅଫିସର, ମୁଖ୍ୟଶାସନ ସଚିବ, ପୁଲିସ ଡିଜି ଏବଂ ଏନଫୋର୍ସମେଣ୍ଟ ଏଜେନ୍ସି ସହ ନିର୍ବାଚନ ବାବଦରେ ସମୀକ୍ଷା କରିବେ ମୁଖ୍ୟ ନିର୍ବାଚନ କମିଶନର ଓ ତାଙ୍କ ଟିମ୍।

## କ୍ରମାଗତ ଷଷ୍ଠ ଥର ପାଇଁ ଅପରିବର୍ତ୍ତିତ ରହିଲା ରେପୋ ରେଟ୍




ନୂଆଦିଲ୍ଲୀ, ୮/୨ :ଏଥର ବି ଇଏମଆଇ ହ୍ରାସ ପାଇଁ ଅପେକ୍ଷା କରିଥିବା ଋଣଧାରୀ ନିରାଶ ହେଲେ। ଲଗାତାର ଷଷ୍ଠ ଥର ପାଇଁ ରେପୋ ରେଟରେ କୌଣସି ପରିବର୍ତ୍ତନ ଆଣିଲାନି ଆରବିଆଇ। ୬.୫ ପ୍ରତିଶତରେ ରେପୋ ରେଟକୁ ଅପରିବର୍ତ୍ତିତ ରଖିଛି ରିଜର୍ଭ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ। ଭାରତୀୟ ରିଜର୍ଭ ବ୍ୟାଙ୍କ ଆଜି

## କାମଚଳା ବଜେଟ୍‌ର ମୋଟ୍ ଆକାର ୧ ଲକ୍ଷ ୧୮ ହଜାର କୋଟି

### ଜାତୀୟ ହାରଠୁ ଓଡ଼ିଶାର ଅଭିବୃଦ୍ଧି ହାର ଅଧିକ



ଭୁବନେଶ୍ୱର, ୮/୨ (ନି.ପ୍ର): ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ କାମଚଳା ବଜେଟ୍ ଉପସ୍ଥାପନ କରିଛନ୍ତି ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ। ନିର୍ବାଚନ ପୂର୍ବ ବଜେଟ ଅଧିବେଶନରେ ବିଧାନସଭାରେ କାମଚଳା ବଜେଟ୍ ଉପସ୍ଥାପନ କଲେ ଅର୍ଥମନ୍ତ୍ରୀ। ଏହା ପୂର୍ବରୁ ଅର୍ଥମନ୍ତ୍ରୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ବଜେଟର ଏକ କପି ସେୟାର କରିଥିଲେ। ଗୃହରେ ଅପରାହ୍ନ ୪ଟା ୪୫ରେ ବଜେଟ ଉପସ୍ଥାପନ କରିଥିଲେ ଆରୁଖ। ଅର୍ଥମନ୍ତ୍ରୀ କେବଳ ୪ ମାସ ପାଇଁ ବଜେଟ ଆଣିଛନ୍ତି, ଯାହାର ଆକାର ରହିଛି ୧ ଲକ୍ଷ ୧୮ ହଜାର କୋଟି। ନିଜର ବଜେଟ ଉପସ୍ଥାପନ ବେଳେ ସେ କହିଛନ୍ତି ଯେ ଓଡ଼ିଶା ୧୦୦ ନିୟୁତ ଡଲାର ଅର୍ଥନୀତିରେ ପରିଣତ ହୋଇଛି । ୨୦୨୩-୨୪ ଆର୍ଥିକ ବର୍ଷରେ ଓଡ଼ିଶାର ହାରାହାରି ଅଭିବୃଦ୍ଧି ହାର ୭.୨୫ ପ୍ରତିଶତରେ ପହଞ୍ଚିଛି, ଯାହାକି ଜାତୀୟ ହାରଠାରୁ ୧ ପ୍ରତିଶତ ଅଧିକ ରହିଛି। ରାଜ୍ୟରେ ମୁଣ୍ଡପିଛା ଆୟ ଓ ଜାତୀୟ ମୁଣ୍ଡପିଛା ▶▶ପୃଷ୍ଠା ୭

## ଲାଞ୍ଚ ନେଉଥିଲେ ଅମିନ: ମାଡ଼ି ବସିଲା ଭିଜିଲାନ୍ସ

ଭୁବନେଶ୍ୱର, ୮/୨ (ନି.ପ୍ର): ଜମି ଡିମାର୍କେସନ ପାଇଁ ଅମିନଜଣକ ଲାଞ୍ଚ ନେଉଥିଲେ ୮ ହଜାର ଟଙ୍କା । ମାତ୍ର ଏହି ସମୟରେ ଭିଜିଲାନ୍ସ ଅଧିକାରୀ ମାଡ଼ି ବସିଲେ। ଏପରି ଏକ ଘଟଣା ବଲାଙ୍ଗୀର ଜିଲ୍ଲା ସଇଁତଳା ତହସିଲରେ ଘଟିଛି। ଭିଜିଲାନ୍ସ ହାବୁଡ଼ରେ ପଡ଼ିଥିବା ଅମିନଜଣକ ହେଲେ ନିରମଳେନ୍ଦୁ କବି । ସଇଁତଳାର ନିରଞ୍ଜନ ସାହୁ ନିଜ ଜମି ଡିମାର୍କେସନ ନିମନ୍ତେ ପୂର୍ବରୁ ଅମିନ ନୀରମଳେନ୍ଦୁ କବିଙ୍କୁ ଅନୁରୋଧ କରିଥିଲେ। ମାତ୍ର ଏଥିନିମନ୍ତେ ଅମିନଜଣକ ୮ ହଜାର ଟଙ୍କା ଦାବି କରିଥିଲେ। ଏନେଇ ନିରମଳେନ୍ଦୁ ବଲାଙ୍ଗୀର ଭିଜିଲାନ୍ସ ବିଭାଗରେ ଅଭିଯୋଗ କରିଥିଲେ। ପୂର୍ବ ଯୋଜନା ଅନୁଯାୟୀ, ଆଜି ସଇଁତଳା ତହସିଲ କାର୍ଯ୍ୟାଳୟରେ ଅମିନ ନିରମଳେନ୍ଦୁଙ୍କୁ ନିରଞ୍ଜନ ୮ ହଜାର ଟଙ୍କା ଲାଞ୍ଚ ଦେଇଥିଲେ। ଉକ୍ତ ସମୟରେ ଭିଜିଲାନ୍ସ ଅଧିକାରୀ ପହଞ୍ଚି ନିରମଳେନ୍ଦୁଙ୍କୁ କାବୁ କରିବା ସହ ତାଙ୍କ ନିକଟରୁ ସମସ୍ତ ଟଙ୍କା ଜବତ କରିଛନ୍ତି। ଏଥିସହ ତାଙ୍କୁ ବଲାଙ୍ଗୀର ଭିଜିଲାନ୍ସ କାର୍ଯ୍ୟାଳୟ କୁ ନେଇ ଅଧିକ ପଚରାଉଚରା କରାଯାଉଛି।

## ରାଜ୍ୟସଭା ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ: ଆଜିଠୁ ନାମାଙ୍କନ ପ୍ରକ୍ରିୟା ଆରମ୍ଭ

ଭୁବନେଶ୍ୱର, ୮/୨ (ନି.ପ୍ର): ବାଜିଲା ରାଜ୍ୟସଭା ନିର୍ବାଚନ ପାଇଁ ବିଗୁଲ । ରାଜ୍ୟସଭା ନିର୍ବାଚନ ପାଇଁ ଆଜି ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି। ଆଜିଠୁ ଆସନ୍ତା ୧୫ ତାରିଖ ଯାଏଁ ପ୍ରାର୍ଥୀମାନେ ନାମାଙ୍କନ ଦାଖଲ କରିପାରିବେ। ଏହାପରେ ୧୬ ତାରିଖରେ ପ୍ରାର୍ଥୀପତ୍ର ଯାଂଚ ଏବଂ ୨୦ ତାରିଖରେ ପ୍ରାର୍ଥୀପତ୍ର ପ୍ରତ୍ୟାହର ହେବ। ଫେବ୍ରୁଆରି ୨୭ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ। ଓଡ଼ିଶାର ୩ଟି ଆସନ ପାଇଁ ନିର୍ବାଚନ ହେବାକୁ ଯାଉଛି ।୧୫ଟି ରାଜ୍ୟର ୫୬ଟି ରାଜ୍ୟସଭା ଆସ ପାଇଁ ନିର୍ବାଚନ ହେବ। ଓଡ଼ିଶାର ଖାଲି ପଡୁଥିବା ୩ ଆସନ ପାଇଁ ଫେବ୍ରୁଆରି ୨୭ରେ ହେବ ରାଜ୍ୟସଭା ନିର୍ବାଚନ। ଏହି ଦିନ ଦେଶର ୫୬ଟି ଆସନ ପାଇଁ ରାଜ୍ୟସଭା ନିର୍ବାଚନ ଅନୁଷ୍ଠିତ ହେବ। ଏନେଇ ନିର୍ବାଚନ କମିଶନ ଘୋଷଣା କରିଥିଲେ। କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ପ୍ରଶାନ୍ତ ନନ୍ଦ ଓ ଅମର ପଟ୍ଟନାୟକଙ୍କ କାର୍ଯ୍ୟକାଳ ଏପ୍ରିଲ ୩ରେ ସରିବ। ଏହାପୂର୍ବରୁ ଏହି ଆସନ ଲାଗି ନିର୍ବାଚନ ଅନୁଷ୍ଠିତ ହେବ।

## ୯୦୦ କୋଟି ଟଙ୍କା ଠକେଇ ଅଭିଯୋଗ: ଚିଟଫଣ୍ଡ ସଂସ୍ଥାରେ ପଶିଲା ଇଡି

ଭୁବନେଶ୍ୱର, ୮/୨ (ନି.ପ୍ର): ୯୦୦ କୋଟି ଟଙ୍କା ଠକେଇ ଅଭିଯୋଗରେ ଏକ ଚିଟଫଣ୍ଡ ସଂସ୍ଥା ଉପରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ଚଢ଼ାଉ କରାଯାଇଛି। ଗୋଲଡେନ୍ ଲ୍ୟାଣ୍ଡ ଡେଭଲପର୍ସ ପ୍ରାଇଭେଟ୍ ଲିମିଟେଡ୍ ନାମକ ଚିଟଫଣ୍ଡ ସଂସ୍ଥାରେ ଏହି ଚଢ଼ାଉ କରାଯାଇଛି। ଓଡ଼ିଶା ସମେତ ଦେଶର ୨୦ଟି ସ୍ଥାନରେ ଚଢ଼ାଉ ଜାରି ରହିଛି। ଭୁବନେଶ୍ୱର, ଛତ୍ରପୁର, ଚିକିଟି ଓ ଦିଗପହଣ୍ଡି ସମେତ ଓଡ଼ିଶାର ୧୦ଟି ସ୍ଥାନରେ ଏହି ରେଡ୍ ଚାଲିଛି। ସଂସ୍ଥାର ନିର୍ଦ୍ଦେଶକ, ମ୍ୟାନେଜର ଓ କିଛି କାର୍ଯ୍ୟକର୍ତ୍ତାଙ୍କ ଘରେ ବି ଚଢ଼ାଉ ଚାଲିଥିବା ସୂଚନା ରହିଛି। ଚଢ଼ାଉ ବେଳେ କେତେ ଟଙ୍କା ଓ କ'ଣ ସବୁ ଜବତ ହୋଇଛି, ଜଣାପଡ଼ିନାହିଁ। ଲୋଭନୀୟ ସ୍କିମର ପ୍ରଲୋଭନ ଦେଖାଇ ଲୋକମାନଙ୍କୁ ଟଙ୍କା ଠକିଛି ଏହି ଚିଟଫଣ୍ଡ ସଂସ୍ଥା। ଓଡ଼ିଶାରେ ୪ଲକ୍ଷ ୭୨ ହଜାର ଆବେଦନକାରୀ ନିଜର ଟଙ୍କା ଫେରସ୍ତ ପାଇଁ ରାଜ୍ୟ ସରକାରଙ୍କ ପାଖରେ ଆବେଦନ କରିଥିଲେ। ଏହି ସଂସ୍ଥା ଉପରେ କ୍ରାଇମବ୍ରାଞ୍ଚ ଚଢ଼ାଉ କରିଥିଲା। ୨୦୧୬ ମସିହାରେ କ୍ରାଇମବ୍ରାଞ୍ଚ ▶▶ପୃଷ୍ଠା ୭

## ଦିଲ୍ଲୀରେ ମୂଳପୋଛ କରିବେ ମୋଦି: ଜଳକା ହେବେ କେଜ୍ରିୱାଲ



ନୂଆଦିଲ୍ଲୀ, ୮/୨ : ଆସନ୍ତା ଲୋକସଭା ନିର୍ବାଚନରେ ବିଜେପି ଦେଶର ରାଜଧାନୀ ଦିଲ୍ଲୀରେ କ୍ଲିନ ସୁଇପ କରିବ। ଦିଲ୍ଲୀର ସମସ୍ତ ୭ ଲୋକସଭା ଆସନରେ ବିଜେପି ଜିତିବ ବୋଲି ମୁଡ୍ ଅଫ୍ ଦା ନେସନ ସର୍ଭେରେ ଦାବି କରାଯାଇଛି। ଦିଲ୍ଲୀରେ ଆପ୍ କ୍ରମାଗତ ଦୁଇ ଥର ସରକାର ଗଠନ କରିଛି। ଏଥର ଦଳ ଲୋକସଭାର କିଛି ଆସନ ଜିତିବ ବୋଲି ଲକ୍ଷ୍ୟ ରଖିଛି। କିନ୍ତୁ ମୁଡ୍ ଅଫ୍ ଦା ନେସନ ସର୍ଭେ ରିପୋର୍ଟ ଆପ୍‌କୁ ଝଟକା ଦେଇଛି। ସର୍ଭେ ରିପୋର୍ଟରେ କୁହାଯାଇଛି ଯେ ବିଜେପି ୨୦୧୯ ଭଳି ଏଥର ମଧ ୫୭% ଭୋଟ ଭାଗ ସହ ସମସ୍ତ ୭ଟି ଯାକ ଲୋକସଭା ଆସନ ଜିତିବ। ଦିଲ୍ଲୀରେ କଂଗ୍ରେସ ଓ ଆପ୍ ଇଣ୍ଡିଆ ବ୍ୟାନରେ ଲଢ଼ିବାକୁ ସଜବାଜ ହେଉଛନ୍ତି। ତଥାପି ଏମାନେ ଗୋଟିଏ ହେଲେ ବି ଆସନ ଜିତି ପାରିବେ ନାହିଁ। ଦୁଇ ଦଳର ଭୋଟ ଭାଗ ୪୦% ରହିବ। ଯଦି ୨୦୧୯ ନିର୍ବାଚନକୁ ଦେଖିବା ତା'ହେଲେ ବିଧାନସଭା ରେଜଲ୍ଟର ବିପରୀତ ସ୍ଥିତି ଦେଖିବାକୁ ମିଳିଥିଲା। ୨୦୧୫ ଓ ୨୦୨୦ ଦିଲ୍ଲୀ ବିଧାନସଭା ନିର୍ବାଚନରେ ଆପ୍ ଏକତରଫା ବିଜୟ ହାସଲ କରିଥିଲା। କିନ୍ତୁ ଲୋକସଭା ନିର୍ବାଚନରେ ଦଳର ଭୋଟ ଭାଗ ଆଶତୀତ ଭାବେ କମି ଥିଲା।

## ପ୍ରଧାନମନ୍ତ୍ରୀ ଓବିସି ନୁହଁନ୍ତି ସାଧାରଣ ବର୍ଗର: ରାହୁଲ ଗାନ୍ଧୀ



ନୂଆଦିଲ୍ଲୀ, ୮/୨ : ଝାରସୁଗୁଡାରେ ଭାରତ ଯୋଡ ନ୍ୟାୟ ଯାତ୍ରା ବେଳେ ରାହୁଲ ଗାନ୍ଧୀ ପ୍ରଧାନମନ୍ତ୍ରୀଙ୍କୁ ଟାର୍ଗେଟ କରିଛନ୍ତି । କଂଗ୍ରେସ ସାରା ଦେଶରେ ଜାତିଗତ ଜନଗଣନା କରିବାକୁ ଦାବି କରୁଛି । କିନ୍ତୁ ମୋଦୀ ସରକାର ଜାତିଗତ ଜନଗଣନାକୁ ନା କହିବା ପଛର କାରଣ କହିଛନ୍ତି ୱାଏନଡ ସାଂସଦ। ପ୍ରଧାନମନ୍ତ୍ରୀ ମୋଦୀ ଓବିସି ବର୍ଗରେ ଜନ୍ମ ହୋଇନଥିଲେ । ସେ ଗୁଜରାଟର ତେଲି ଜାତିରେ ଜନ୍ମଗ୍ରହଣ କରିଥିଲେ । ୨୦୦୦ ମସିହାରେ ଏହି ଜାତିକୁ ବିଜେପି ସରକାର ଓବିସିର ମାନ୍ୟତା ଦେଇଥିଲା । ମୋଦୀ ଓବିସିଙ୍କ ସହିତ ନୁହେଁ ବରଂ କୋଟିପତିଙ୍କ ସହ ରହିଛନ୍ତି ବୋଲି ରାହୁଲ କହିଛନ୍ତି । ବିହାରରେ ପ୍ରଥମେ ଜାତିଗତ ଜନଗଣନାକୁ ଅନୁମତି ମିଳିବା ପରେ ▶▶ପୃଷ୍ଠା ୭

# ଗୋପିନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସାହାଜବାହାଲରେ ଓଡ଼ିଶା ଭାଷା ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ

ବଲାଙ୍ଗୀର, ୦୮/୨ (ନି,ପ୍ର): ବଲାଙ୍ଗୀର ଗୋପିନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସାହାଜବାହାରେ ଚାଲିଥିବା ବିଶ୍ୱ ଓଡିଆ ଭାଷା ସମ୍ମିଳନୀ ପ୍ରତିଯୋଗିତା ଏକ ବର୍ଣ୍ଣାଢ୍ୟ ପରିବେଶରେ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଅଧକ୍ଷ ପ୍ରେମାଧର ମହାକୁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନୋଡାଲ ଅଫିସର ଅଧ୍ୟାପିକା ଶୀଳା ଛତ୍ରିଆ ପ୍ରାରମ୍ଭିକ ସୂଚନା ପ୍ରଦାନ କରି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜଗନ୍ନାଥ ଡିଗ୍ରୀ କଲେଜ ସାହାଜବାହାଲ ର ଅଧକ୍ଷ ଗୋବିନ୍ଦ ଚନ୍ଦ୍ର ଭୋଇ ମୁଖ୍ୟ ଅତିଥି ଭାବେ ଏବଂ ଏହି ଶିକ୍ଷାନୁଷ୍ଠାନର ପୂର୍ବତନ ଅଧକ୍ଷ ବାଲଗୋବିନ୍ଦ ନନ୍ଦ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ମହାନ ଜଗନ୍ନାଥ ସଂସ୍କୃତିର ମାନବ ଜୀବନରେ ପ୍ରଭାବ ଓ ପ୍ରଭୁ ଜଗନ୍ନାଥଙ୍କ ମାନବୀୟ ଲୀଳା ଉପରେ ଆଲୋକପାତ କରିବା ସଙ୍ଗେ ସଙ୍ଗେ ସାହିତ୍ୟ ଓ ସଂସ୍କୃତି ଅଙ୍ଗାଙ୍ଗୀ ଭାବେ ଜଡିତ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ କିରାଜ ଭୋଇ, ପୂର୍ବତନ ପ୍ରାଧ୍ୟାପକ ଲଳିତ କୁମାର ବହିଦାର ଏବଂ ବ୍ରାହ୍ମଣୀଯୋର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ଚଳଚ୍ଚିତ୍ର ଜଗତର ତାରକା ରତନ ମେହେର ଛାତ୍ର ଛାତ୍ରୀମାନେ ପରିଶ୍ରମ କରି ନିଜ ଲକ୍ଷ୍ୟସ୍ଥଳରେ ପହଂଚି ସମାଜରେ ଜଣେ ଜଣେ ଆଦର୍ଶ ନାଗରିକ ହେବା ପାଇଁ ପରାମର୍ଶ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ଟ୍ରଫି ସହ ମାନପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ସୁବ୍ରତ କୁମାର ଯୋଷୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଡମ୍ବରୁଧର ଡାଙ୍ଗ, ଫକିର ହୋତା, ବାସୁଦେବ ମଟାରୀ, ଶଶିକାନ୍ତ ହୋତା ତଥା ସମସ୍ତ କର୍ମଚାରୀ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

# ଆମ ଓଡିଶା ନବିନ ଓଡିଶା କାର୍ଯ୍ୟକ୍ରମ ଉଦ୍‌ଘାଟିତ

ଜୟପୁର, ୦୮/୨ (ନି,ପ୍ର): ଜୟପୁର ପୌରାଂଚଳରେ ଆମ ଓଡିଶା ନବିନ ଓଡିଶା କାର୍ଯ୍ୟକ୍ରମ ଉଦଘାଟିତ ହୋଇଛି । ଜୟପୁର ପୌରାଂଚଳର କୁନ୍ଦାରିଗୁଡା, ଟାଉନ ହଲ, ସୌରା ସାହି ଆଖଡାରେ ଆଜି କାର୍ଯ୍ୟକ୍ରମ ଉଦଘାଟିତ ହୋଇଛି । ପୌର କାର୍ଯ୍ୟ ନିର୍ବାହୀ ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକଙ୍କ ତତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ପୌର ଅଧକ୍ଷ ନରେନ୍ଦ୍ର କୁମାର ମହାନ୍ତି, ଉପାଧକ୍ଷ ବି. ସୁନିତା ସହ କାଉନସିଲର ଅନିତା କୁମାରି ରାୟ, ଗାୟତ୍ରୀ ଖରା ଶାନ୍ତି ନାୟକ ଉପସ୍ଥିତ ଥିଲେ । ଆମ ଓଡିଶା ନବିନ ଓଡିଶା କାଯ୍ୟକ୍ରମରେ ଜୟପୁର ସହରରେ ଥିବା ବସ୍ତି ଅଂଚଳରେ ଲୋକ ମାନଙ୍କୁ ସଚେତନ କରାଯାଇଛି । ଗତ ୩ ବର୍ଷ ରେ ମୁଖ୍ୟମନ୍ତ୍ରୀ ଙ୍କ ବିକାଶ ମୁଳକ କାର୍ଯ୍ୟ ଉପରେ ସଚେତନ କରାଯାଇଛି । ମୁକ୍ତା ଯୋଜନା, କାଳିଆ ଯୋଜନା, ଜାଗା ମିଶନ, ସ୍ୱଛ ଭାରତ ଆଦି ଯୋଜନା ଉପରେ ସଚେତନ କରାଯାଇଛି । ସମସ୍ତ ବିଭାଗକୁ ନେଇ ମିଳିତ ଭାବେ ସଚେତନ କରାଯାଇଥିବା ପୌର କାର୍ଯ୍ୟନିର୍ବାହୀ ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକ ସୁଚନା ଦେଇଛନ୍ତି । ଆଜି ଠାରୁ ୨୧ ତାରିଖ ଯାଏ ଏହି କାର୍ଯ୍ୟକ୍ରମ ଚାଲିବ। ଏହି କାର୍ଯ୍ୟକ୍ରମରେ ବସ୍ତି ବାସିନ୍ଦା ସଂଘ, ଏସଏସଜି ଗ୍ରୁପ, କାଉନସିଲର, ପୌର କର୍ମଚାରି ପ୍ରମୁଖ ଉପସ୍ଥିତ ଥିଲେ । ଜୟପୁର ପୌରାଂଚଳରେ ୪୨ଟି ବସ୍ତି ରହିଛି । ୪୨ଟି ବସ୍ତି କୁ ନେଇ ୧୦ଟି ସ୍ଥାନରେ କ୍ୟାମ୍ପ ଓ ସହରର ୫ଟି ସ୍ଥାନରେ କ୍ୟାମ୍ପ କରାଯାଇ ବିଭିନ୍ନ ବିଭାଗର ଷ୍ଟଲ ଖୋଲଯାଇ ସଚେତନ କରାଯିବ ।

# କେନ୍ଦୁଝରରେ ନାବାଳିକା ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ ଦଣ୍ଡାଦେଶ

କେନ୍ଦୁଝର, ୦୮/୨ (ନି,ପ୍ର): କେନ୍ଦୁଝର ଫାଷ୍ଟ ଟ୍ରାକ୍ କୋର୍ଟର ବିଚାରପତି ବିଜୟ କୁମାର ମିଶ୍ର ବୁଧବାର ଦିନ ଏକ ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି ଦୈତାରୀ ଥାନା ଅନ୍ତର୍ଗତ ନୂଆବେଡା ଗ୍ରାମର ୨୧ ବର୍ଷିୟ ଆସାମୀ ବିଜୟ କୁମାର ବାରିକ କୁ ପୋକ୍ସ ଧାରା ୬ ଅନୁଯାୟୀ ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ ୧୦ ହଜାର ଟଙ୍କା ଜୋରିମାନା ଏବଂ ଜୋରିମାନା ଅନାଦେୟ ଅଧିକ ୬ ମାସ ସଶ୍ରମ କାରାଦଣ୍ଡ ଶୁଣାଇଛନ୍ତି । ଘଟଣାରୁ ପ୍ରକାଶ ଯେ, ୨୦୨୧ ମସିହା ଜୁନ ମାସ ୧୫ ତାରିଖ ସନ୍ଧ୍ୟା ୪ଟା ୩୦ ସମୟରେ ପୀଡିତା ୧୪ ବର୍ଷିୟା ନାବାଳିକା ନିଜ ଘରୁ ସାଇକେଲରେ ବ୍ରାହ୍ମଣୀପାଳର ତାର ଜଣେ ସାଙ୍ଗ ଘରକୁ ଅନ୍ୟ ଜଣେ ସାଙ୍ଗ ସହ ଯାଇଥିଲା ଏବଂ ବହୁତ ସମୟ ଧରି ସେ ଘରକୁ ନଫେରିବାରୁ ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ମଧ ତାକୁ ପାଇନଥିଲେ । କିନ୍ତୁ ସେହି ରାତି ଏକ ଅଜଣା ଫୋନ୍ ନମ୍ବରରୁ ଫୋନ୍ ଆସିଥିଲା ଯେ, ପୀଡିତା ବ୍ରାହ୍ମଣୀପାଳରେ ଅଛି । ଉକ୍ତ ମୋବାଇଲ ନମ୍ବରକୁ ଟ୍ରୁକଲର ରେ ଦେଖିବାରୁ ତାହା ବିଜୟ କୁମାର ବାରିକ ର ବୋଲି ଜଣାପଡିଥିଲା । ପରେ ପରେ ଏହି ନିଖୋଜ ମାମଲାକୁ ପୀଡିତାର ପରିବାର ଦୈତାରୀ ଥାନାରେ ତା ୧୭/୬/୨୧ ରିଖରେ ଲିଖିତ ଅଭିଯୋଗ କରିଥିଲେ । ଦୈତାରୀ ଥାନା କେଶ୍ ନମ୍ବର ୪୪ ତା ୧୭/୬/୨୧ ରିଖରେ ରେଜିଷ୍ଟ୍ରେସନ ହୋଇ ପୋଲିସ ପୀଡିତାକୁ ଆସାମୀ ପାଖରୁ ତା ୨୬/୬/୨୦୨୧ ରିଖରେ ବ୍ରାହ୍ମଣୀପାଳ ନିକଟରୁ ଉଦ୍ଧାର କରିବା ସହ ଆସାମୀକୁ କୋର୍ଟ ଚାଲାଣ କରିଥିଲା । ଆଜି ଫାଷ୍ଟଟ୍ରାକ୍ କୋର୍ଟର ବିଚାରପତି ବିଜୟ କୁମାର ମିଶ୍ର ପୋଲିସ ତଦନ୍ତ ସହ ୨୦ ଜଣ ସାକ୍ଷୀଙ୍କ ବୟାନକୁ ଭିତିକରି ଆସାମୀ ବିଜୟ କୁମାର ବାରିକକୁ ଉକ୍ତ କେଶରେ ଦୋଷୀ ସାବ୍ୟସ୍ତ କରି ଉପରୋକ୍ତ ରାୟ ପ୍ରକାଶ କରିବା ସହ ପୀଡିତାକୁ ୫ ଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ ନିମନ୍ତେ ସୁପାରିଶ କରିଛନ୍ତି । ଏହି କେଶ୍‌ରେ ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପିପି ଜ୍ଞାନେନ୍ଦ୍ର ନାଥ ଜେନା କେଶ୍ ପରିଚାଳନା କରୁଥିଲେ ।

# ନୂଆ ଓ ରାଜ୍ୟସ୍ତରୀୟ ଖୋଖୋ ପ୍ରତିଯୋଗିତା

ପୁରୀ , ୦୮/୨ (ନି,ପ୍ର): ପିଲାମାନଙ୍କ କ୍ରୀଡା ପ୍ରତିଭାର ବିକାଶ ପାଇଁ ରାଜ୍ୟ ସରକାର ନୂଆ ଓ କାର୍ଯ୍ୟକ୍ରମ ମାଧ୍ୟମରେ ବ୍ୟବସ୍ଥା କରିଛନ୍ତି। ଯାହା ଫଳରେ ପିଲା ମାନଙ୍କ ଲୁକ୍କାୟିତ ପ୍ରତିଭାକୁ ପରିପ୍ରକାଶ କରା ଯାଇପାରୁଛି ବୋଲି କ୍ରୀଡା ଓ ଯୁବ ବ୍ୟାପାର ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ। ପୁରୀ ଜିଲ୍ଲା ସ୍କୁଲ ପରିସରରେ ଆଜି ଠାରୁ ଆରମ୍ଭ ହୋଇଛି ରାଜ୍ୟ ସ୍ତରୀୟ ନୂଆ ଓ ଖୋଖୋ ପ୍ରତିଯୋଗିତା। ଏହାକୁ ଉଦଘାଟନ କରି କ୍ରୀଡା ନିର୍ଦ୍ଦେଶକ ଶ୍ରୀ ଦାସ ନୂଆ ଓ ଏକ ଅଭିନବ ଓ ସୁନ୍ଦର ପଦକ୍ଷେପ। ଏହା ଦ୍ୱାରା ଆମ ରାଜ୍ୟର ବିଭିନ୍ନ କ୍ରୀଡାବିତ ଉପକୃତ ହୋଇପାରୁଛନ୍ତି ବୋଲି କହିଥିଲେ।ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ ପୁରୀ ମାଟିରେ ନୂଆ ଓ କାର୍ଯ୍ୟକ୍ରମର ଅଂଶବିଶେଷ ରାଜ୍ୟ ସ୍ତରୀୟ ଖୋଖୋ ପ୍ରତିଯୋଗିତାର ଆୟୋଜନ ପାଇଁ ସରକାରଙ୍କୁ ଅଶେଷ ଧନ୍ୟବାଦ ଦେବା ସହ ଏହା ଦ୍ୱାରା କ୍ରୀଡା ରେ ରଚି ରଖୁଥିବା ପିଲାମାନେ ଉତ୍ସାହିତ ହେବେ ବୋଲି କହିଥିଲେ।ଜିଲ୍ଲା ସୂଚନାଯୋଗ୍ୟ ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉଦଘାଟନ କାର ?ୟକ୍ରମ ରେ ରାଜ୍ୟ ଖୋଖୋ ସଂଘର ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର ଖୋଖୋ କ୍ରୀଡ଼ାରେ ଓଡ଼ିଶାର ଅବଦାନ ବେଶ ପ୍ରଶଂସନୀୟ।ଓଡିଶା ବିଗତ ବର୍ଷ ମାନଙ୍କରେ ଜାତୀୟ ସ୍ତରରେ ଚମ୍ପିୟାନ ଓ ରନର୍ସ ଅପ ହେବାର ଗୌରବ ଅର୍ଜନ କରିଛି। ବର୍ତମାନ ନୂଆ ଓ କାର୍ଯ୍ୟକ୍ରମ ମାଧ୍ୟମରେ ବିଭିନ୍ନ କ୍ରୀଡ଼ାର ବିକାଶ ସହ କ୍ରୀଡାବିତ ମାନଙ୍କୁ ପ୍ରୋତ୍ସାହିତ କରାଯାଉଛି ବୋଲି ସେ କହିଥିଲେ। ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ ସମସ୍ତଙ୍କୁ ସ୍ୱାଗତ କରିବା ସହ ପ୍ରତିଯୋଗିତାର ଆୟୋଜନ ସମ୍ପର୍କରେ ସୂଚନା ଦେଇଥିଲେ।କ୍ରୀଡା ବିଭାଗର ବରିଷ୍ଠ ପରାମର୍ଶଦାତା ପ୍ରବୀର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ନୂଆ ଓ କାର୍ଯ୍ୟକ୍ରମ ମାଧ୍ୟମରେ ସମଗ୍ର ରାଜ୍ୟର ୩୧୪ ବ୍ଲକରେ ଅନୁଷ୍ଠିତ ଖୋଖୋ ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳି ଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା ଜିଲ୍ଲା ସ୍ତରୀୟ ପ୍ରତିଯୋଗିତା।ଜିଲ୍ଲା ସ୍ତରର ଶ୍ରେଷ୍ଠ ଦଳ ମାନଙ୍କୁ ସାମିଲ କରାଯାଇ ଆରମ୍ଭ ହୋଇଛି ରାଜ୍ୟ ସ୍ତରୀୟ ପ୍ରତିଯୋଗିତା। ୩୦ଟି ପୁରୁଷ ଓ ୩୦ଟି ମହିଳା ଦଳ ଏଥିରେ ଯୋଗ ଦେଇଛନ୍ତି।ଏହି ପ୍ରତିଯୋଗିତା ୧୦ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ସମସ୍ତ ପ୍ରତିଯୋଗୀ ଙ୍କୁ ବୃନ୍ଦାବତୀ ନିବାସ ରେ ରଖାଯିବା ସହ ସ୍ୱତନ୍ତ୍ର ଗାଡି ମାଧ୍ୟମରେ ଖେଳ ପଡିଆକୁ ନେବା ଆଣିବା କରାଯାଇଛି।ଏହି ପ୍ରତିଯୋଗିତାର ଉଭୟ ପୁରୁଷ ଓ ମହିଳା ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରିବାକୁ ଥିବା ଦଳକୁ ୨ଲକ୍ଷ ଟଙ୍କା, ଦ୍ୱିତୀୟ ଦଳକୁ ୧ ଲକ୍ଷ ଟଙ୍କା, ତୃତୀୟ ଏବଂ ଚତୁର୍ଥ ଦଳ ଙ୍କୁ ୫୦ ହଜାର ଟଙ୍କା ଓ ଶ୍ରେଷ୍ଠ ଖେଳାଳୀ ଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯିବ ବୋଲି ଜିଲ୍ଲା କ୍ରୀଡା ଅଧିକାରୀ ଶ୍ରୀ ସାହୁ ସୂଚନା ଦେଇଥିଲେ। ଆଜିର ମ୍ୟାଚ ରେ ପୁରୁଷ ବର୍ଗରେ କେନ୍ଦୁଝର, ମୟୂରଭଞ୍ଜ, ନବରଙ୍ଗପୁର, ଗଞ୍ଜାମ, ଅନଗୁଳ, ଯାଜପୁର, ଗଜପତି, ଝାରସୁଗୁଡା, ବଲାଙ୍ଗୀର ଓ ଢେଙ୍କାନାଳ ଜିଲ୍ଲା ବିଜୟୀ ହୋଇଛନ୍ତି। ସେହିପରି ମହିଳା ବର୍ଗରେ ଅନଗୁଳ, ରାୟଗଡ଼, ଢେଙ୍କାନାଳ, ମାଲକାନଗିରି, ନୟାଗଡ଼, କନ୍ଧମାଳ, ସମ୍ବଲପୁର, ବରଗଡ଼, ବାଲେଶ୍ୱର ଓ ଗଞ୍ଜାମ ଜିଲ୍ଲା ର ପ୍ରତିଯୋଗୀ ମାନେ ବିଜୟୀ ହୋଇଛନ୍ତି ବୋଲି ଜିଲ୍ଲା କ୍ରୀଡା ଅଧିକାରୀ ଶ୍ରୀ ସାହୁ ସୂଚନା ଦେଇଛନ୍ତି।

# କେନ୍ଦ୍ରାପଡ଼ା ସାହିତ୍ୟ ଉତ୍ସବ ୧୦ରୁ

କେନ୍ଦ୍ରାପଡ଼ା, ୦୮/୨ (ନି,ପ୍ର): ଚତୁର୍ଥ କେନ୍ଦ୍ରାପଡ଼ା ସାହିତ୍ୟ ଉତ୍ସବ-୨୦୨୪ ଆସନ୍ତା ୧୦ ଓ ୧୧ ତାରିଖ ଦୁଇଦିନ ଧରି କେନ୍ଦ୍ରାପଡ଼ା ସଂସ୍କୃତି ଭବନରେ ଅନୁଷ୍ଠିତ ହେବ। କେନ୍ଦ୍ରାପଡ଼ା ଡେଭଲପ୍‌ମେ ଫାଉଣ୍ଡେସନ ପକ୍ଷରୁ କେନ୍ଦ୍ରାପଡ଼ା ଇଭେଂଟ ମ୍ୟାନେଜର୍ସ ସହଯୋଗରେ ଆୟୋଜିତ ଏହି ଉତ୍ସବକୁ ୧୦ତାରିଖ ପୂର୍ବାହ୍ନ ୧୧ଟାରେ ପ୍ରଖ୍ୟାତ କଥାକାର ରାମଚନ୍ଦ୍ର ବେହେରା ଉଦ୍‌ଘାଟନ କରିବେ। ମୁଖ୍ୟଅତିଥି ଭାବେ ପୂର୍ବତନ ମୁଖ୍ୟ ଶାସନସଚିବ ତଥା ପ୍ରଖ୍ୟାତ କଥାକାର ତରୁଣକାନ୍ତି ମିଶ୍ର ଓ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ ତଥା ଶିକ୍ଷାବିତ୍ ଅଭିରାମ ବିଶ୍ୱାଳ ଯୋଗଦେବେ। ପ୍ରଥମ ଦିନ 'ସଂଘର୍ଷର ଆରପାଖେ ସୃଜନ ସକାଳ', 'ସୌର୍ଯ୍ୟରୁ ସର୍ଜନ' ଓ 'ଓଡ଼ିଆ ସାହିତ୍ୟରେ ଜନଜାତି' ଶୀର୍ଷକକୁ ନେଇ ଆଲୋଚନା ଅନୁଷ୍ଠିତ ହେବ। ଅପରାହ୍ନରେ କବିତା ଆସରରେ ବହୁ ସ୍ଥାନୀୟ କବି ଯୋଗଦେବେ। ୧୧ ତାରିଖରେ 'ଗପର ଗବାକ୍ଷ ବିବର୍ତିତ ଗାଁ' ଓ 'ଅଶାନ୍ତ ପୃଥିବୀ କବିତାରେ ପଦ୍ମତୋଳା' ଶୀର୍ଷକ ବିଷୟ ଉପରେ ଆଲୋଚନା ହେବ। ଉଦ୍‌ଯାପନୀ ଉତ୍ସବରେ କେନ୍ଦ୍ରାଂଚଳ ଆର୍ଡିସି ତଥା ବିଶିଷ୍ଟ କବି ରଞ୍ଜନ ଦାସ ଓ ବିଶିଷ୍ଟ କବି ପ୍ରଦୀପ ବିଶ୍ୱାଳ ଅତିଥି ଭାବେ ଯୋଗ ଦେବେ। ଶେଷରେ କାଳଜୟୀ କବିତାକୁ ନେଇ ଏକ ସଙ୍ଗୀତ ଆସର ଅନୁଷ୍ଠିତ ହେବ। ପ୍ରତିଦିନ ପୂର୍ବାହ୍ନ ୯ଟା ୩୦ରୁ ୧୧ଟା ମଧ୍ୟରେ କଲେଜ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସାହିତ୍ୟ କୁଇଜ୍ ଅନୁଷ୍ଠିତ ହେବ। ଏହି ଅବସରରେ ଓଡ଼ିଶାର ପ୍ରାଚୀନ ମନ୍ଦିରକୁ ନେଇ ଏକ ଚିତ୍ରକଳା ପ୍ରଦର୍ଶନୀ ଆୟୋଜନ କରାଯିବ। ଏଥିରେ ବହୁ ସଂଖ୍ୟାରେ ସାହିତ୍ୟପ୍ରେମୀ ଯୋଗ ଦେବାକୁ କେନ୍ଦ୍ରାପଡ଼ା ଇଭେଂଟ ମ୍ୟାନେଜର୍ସର ଉପଦେଷ୍ଟା ଡ. ବିରଜା ରାଉତରାୟ ଓ କେନ୍ଦ୍ରାପଡ଼ା ଡେଭଲପ୍‌ମେଂଟ ଫାଉଣ୍ଡେସନର ଆବାହକ ଚୌଧୁରୀ ଅମିତାଭ ଦାସ ନିବେଦନ କରିଛନ୍ତି। ସାହିତ୍ୟ ଉତ୍ସବକୁ ସଫଳତାର ସହ ଆୟୋଜନ କରିବା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କେମ ସଭାପତି ଅକ୍ଷୟ ପାଣି, ସମ୍ପାଦକ ଏମ୍‌ଡି ଜାହିଦ୍ ଖାନ୍, କେନ୍ଦ୍ରାପଡ଼ା ଡେଭଲପ୍‌ମେ ଫାଉଣ୍ଡେସନର କର୍ମକର୍ତା ବିଶ୍ୱରଞ୍ଜନ ଦାଶ ଓ ଶ୍ରୀଧର ବେହେରା ପ୍ରମୁଖ ଭାଗ ନେଇଥିଲେ।

# ନଦୀକୁ ଡେଇଁ ଯୁବକ ନିଖୋଜ

ପଟ୍ଟାମୁଣ୍ଡାଇ, ୦୮/୨ (ନି,ପ୍ର): ଆଜି ଦିନ ପ୍ରାୟ୧୨ ଟା ସମୟ ରେ ଜଣେ ଯୁବକ ପଟ୍ଟାମୁଣ୍ଡାଇ କଷଣଅଣ୍ଟା ନିକଟ ବ୍ରାହ୍ମଣୀ ନଦୀ ର ପତ୍ରପୁର ପୋଲ ଉପରୁ ନଦୀ ଗର୍ଭ କୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ବର୍ତମାନ ସୁଦ୍ଧା ଯୁବକଙ୍କ ପରିଚୟ ମିଳି ପାରିନଥିବା ବେଳେ ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ପହଂଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛି। ଅନ୍ୟପଟେ ପତ୍ରପୁର ପୋଲ ରୁ ବାରମ୍ବାର ସାଧାରଣ ଲୋକ, କଲେଜ ଛାତ୍ରଛାତ୍ରୀ ଡେଇଁ ଆତ୍ମହତ୍ୟା କରୁଥିବାରୁ ପୋଲ ଉପରେ ବାରିକେଡ଼ ର ବ୍ୟବସ୍ଥା ପାଇଁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

# ଶାନ୍ତି ଶୃଙ୍ଖଳା ବଜାୟ ନିମନ୍ତେ ଯାଜପୁର ଆରକ୍ଷୀ ଅଧିକ୍ଷକଙ୍କୁ ଭେଟିଲା ବଜରଂଗ ଦଳ

କୋରେଇ, ୦୮/୨ (ନି,ପ୍ର): ବିଶ୍ୱହିନ୍ଦୁ ପରିଷଦ ଓ ବଜଂଗ ଦଳର କର୍ମକତା ମାନେ ଆଜି ପାଣିକୋଇଲିସ୍ଥିତ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଯାଜପୁର ଆରକ୍ଷି ଅଧିକ୍ଷକ ଭିନିତ ଅଗ୍ରୱାଲଙ୍କୁ ଭେଟି ମୁସଲିମ ସମ୍ପ୍ରଦାୟର ଧର୍ମସଭା ସମୟରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ନିମନ୍ତେ ଦାବି ପତ୍ର ପ୍ରଦାନ କରାଯାଇଛି । ପ୍ରତିବର୍ଷ ପରି ଚଳିତ ମାସ ଫେବୃଆରୀ ୧୦ ତାରିଖରୁ ୧୨ ତାରିଖ ପର୍ଯ୍ୟନ୍ତ ବଂଝାରପୁର ଠାରେ ମୁସଲିମ ସମ୍ପ୍ରଦାୟର ଇସ୍ତାମା (ଧର୍ମସଭା) ଅନୁଷ୍ଠିତ ହେବ । ଏହି ସମୟରେ ବିଭିନ୍ନ ଛକ ବଜାରରେ ଟ୍ରାଫିକ ନିୟନ୍ତ୍ରଣ ବାହାନାରେ ମୁସଲିମ ଯବୁକ ମାନେ ହାତରେ ଠେଙ୍ଗା ବାଡି ଧରି ନିଜର ଉପସ୍ଥିତି ଜାହିର କରିଥାନ୍ତି । ଏହାକୁ ବିରୋଧ କରି ଯାଜପୁର ଜିଲ୍ଲା ବିଶ୍ୱହିନ୍ଦୁ ପରିଷଦ ଓ ବଜରଂଗ ଦଳ ପକ୍ଷରୁ କାର୍ଯ୍ୟକର୍ତା ମାନେ ଆରକ୍ଷି ଅଧିକ୍ଷକଙ୍କୁ ଭେଟି ଶାନ୍ତିଶୃଙ୍ଖଳା ବଜାର ରଖିବା ପାଇଁ ଅଧିକ ପୁଲିସ ମୁତୟନ କରିବା ସହ ଠେଙ୍ଗାବାଡି ଧରି ଉପସ୍ଥିତି ଜାହିର କରିବାକୁ ବିରୋଧ କରିଛନ୍ତି । ଯାଜପୁର ଜିଲ୍ଲା ବିଶ୍ୱହିନ୍ଦୁ ପରିଷଦ ସମ୍ପାଦକ ପ୍ରଭାତ ମଲ୍ଲିକ, ବଜରଙ୍ଗ ଦଳର ମାର୍ଗ ଦର୍ଶକ ଅରବିନ୍ଦ ଦାସ, ଜିଲ୍ଲା ସହ ସଂଯୋଜକ ରାଜେନ୍ଦ୍ର ପ୍ରଧାନ, ଜିଲ୍ଲା ସୁରକ୍ଷା ପ୍ରମୁଖ ବାଦଲ ନାୟକ, ଜିଲ୍ଲା ଗୋ ରକ୍ଷା ପ୍ରମୁଖ ମୃତ୍ୟୁଂଜୟ ପଟ୍ଟନାୟକ, ଜିଲ୍ଲା ସୂଚନା ପ୍ରମୁଖ ଜୟନ୍ତ ଷଡଙ୍ଗୀ, ଜିଲ୍ଲା ବିଦ୍ୟାର୍ଥି ପ୍ରମୁଖ ଦିପନ ଦାସ, କୋରେଇ ସହ ସଂଯୋଜକ ବଙ୍ଗନ ଖିଲାର, ଯାଜପୁର ନଗର ସଂଯୋଜକ ଦେବୀ ପ୍ରସାଦ ଦାସ, ବିଂଝାରପୁର ସଂଯୋଜକ ଶ୍ରୀକାନ୍ତ ପ୍ରଧାନ ସମେତ ଜିଲ୍ଲାର ବହୁ କାର୍ଯ୍ୟକର୍ତା ମାନେ ଉପସ୍ଥିତ ଥିଲେ ।

# ବରିଷ୍ଠ ନାଗରିକଙ୍କ ତୀର୍ଥ ଯାତ୍ରା

କେନ୍ଦ୍ରାପଡ଼ା, ୦୮/୨ (ନି,ପ୍ର): ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ଆନୁକୂଲ୍ୟରେ ବରିଷ୍ଠ ନାଗରିକଙ୍କ ତୀର୍ଥ ଯାତ୍ରା ଯୋଜନାରେ ଜିଲ୍ଲାର ୧୩୪ ଜଣ ବରିଷ୍ଠ ନାଗରିକ ବୁଧବାର ତୀର୍ଥ ଯାତ୍ରା ପାଇଁ ଭୁବନେଶ୍ୱର ଅଭିମୁଖେ ଯାଇଥିବା ଜଣାପଡିଛି । ଏହି ତୀର୍ଥଯାତ୍ରୀ ଦଳ ଆସନ୍ତାକାଲି ଭୁବନେଶ୍ୱରରୁ ଭେଲୋର ଓ ତିରୁପତି ଧାମ ପରିଦର୍ଶନରେ ଯିବେ । ଏନେଇ ଆଜି ଟାଉନ ହଲ ଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଭାରପ୍ରାପ୍ତ ପର୍ଯ୍ୟଟନ ଅଧିକାରୀ ହିମାଳୟ ତ୍ରିପାଠୀଙ୍କ ମାର୍ଫତରେ ତୀର୍ଥଯାତ୍ରୀ ଙ୍କ ପଞ୍ଜିକରଣ, ଡାକ୍ତରୀ ପରୀକ୍ଷା କରାଯିବା ପରେ ୧୩୪ ଯାତ୍ରୀ ୪ଟି ସ୍ୱତନ୍ତ୍ର ବସ ରେ ଯାତ୍ରା କରିଛନ୍ତି । ଅତିରିକ୍ତ ଜିଲ୍ଲାପାଳ ପିତାମ୍ବର ସାମଲ ପତାକା ଦେଖାଇ ଏହି ତୀର୍ଥଯାତ୍ରୀ ଦଳଙ୍କୁ ବିଦାୟ ଦେବା ସହ ଶୁଭେଚ୍ଛା ଜ୍ଞାପନ କରିଛନ୍ତି । ଏମାନଙ୍କ ଦାୟିତ୍ୱରେ ଭାସ୍କର ଚନ୍ଦ୍ର ଦାସ, ରତୀକାନ୍ତ ରାଉତରାୟ, ଶରତ ପଲାଇ, ପ୍ରଦ୍ୟୁମ୍ନ କୁମାର ସ୍ୱାଇଁ, ବିଶ୍ୱ ପ୍ରକାଶ ସାହୁଓ ସ୍ମୃତି ରଂଜନ ଦାସ ପ୍ରମୁଖ କର୍ମଚାରୀମାନେ ଯାତ୍ରା କରିଥିବା ଜଣାପଡିଛି ।

# ଚମ୍ପୁଆରେ ମାତିଛନ୍ତି ବାଇକ ଚୋର: ଗୋଟିଏ ରାତିରେ ଦୁଇ ବାଇକ ଚୋରି

ଚମ୍ପୁଆ, ୦୮/୨ (ନି,ପ୍ର): କେନ୍ଦୁଝର ଜିଲ୍ଲା ଚମ୍ପୁଆରେ ମାତିଛନ୍ତି ବାଇକ ଚୋର। ଗତ ରାତିରେ ଚମ୍ପୁଆରୁ ୨ଟି ବାଇକ ଚୋରୀ ହେବା ନେଇ ଚମ୍ପୁଆ ଥାନାରେ ଅଭିଯୋଗ ହୋଇଥିବା ବେଳେ ଏହା ଜନ ସାଧାରଣଙ୍କ ଚିନ୍ତାର କାରଣ ପାଲଟିଛି। ଗତ ରାତି ଚମ୍ପୁଆ ଡାକ୍ତରଖାନା ପରିସରରୁ ବ୍ୟାପକ ସିକ୍ୟୁରିଟି ସୁରକ୍ଷା ବ୍ୟବସ୍ଥା ସତ୍ତ୍ୱେ ମାତୃ ଗୃହ ସମ୍ମୁଖରୁ ଏକ ବାଇକ ଚୋରି ହୋଇଥିବା ବେଳେ ଚମ୍ପୁଆ ତହସିଲ ପଛପଟେ ଥିବା ନେହେରୁ କଲୋନୀରୁ ମଧ ଏକ ବାଇକ ଚୋରୀ ହୋଇଥିବା ଜଣାପଡ଼ିଛି। ଚମ୍ପୁଆ ଡାକ୍ତରଖାନାରେ ସ୍ତ୍ରୀକୁ ପ୍ରସୂତି ପାଇଁ ଭର୍ତ୍ତି କରିଥିବା କଣ୍ଡରା ଗ୍ରାମର ଦେବାନନ୍ଦ ମହାକୁଡ଼ ନିଜ ବାଇକ ଡାକ୍ତରଖାନା ପରିସରରେ ରଖି ଡାକ୍ତରଖାନାରେ ପ୍ରସୂତି ୱାର୍ଡରେ ଥିବା ବେଳେ ରାତିରେ କେହି ଜଣେ ଦୁର୍ବୃତ୍ତ ତାଙ୍କ ଗାଡ଼ିକୁ ଚୋରୀ କରି ନେଇ ଯାଇଥିବା ଜଣାପଡିଛି। ସେହିପରି ନେହେରୁ କଲୋନୀରେ ଗଜେନ୍ଦ୍ର ରାମଙ୍କ ଘର ଅଗଣାରୁ ତାଙ୍କ ଘରେ ଭଡ଼ାରେ ରହୁଥିବା କୋଦଗାଡିଆ ଗ୍ରାମର ଚିନ୍ମୟ ମହାନ୍ତଙ୍କର ବାଇକଟି ମଧ କେହି ଦୁର୍ବୃତ୍ତ ଚୋରୀ କରି ନେଇଯାଇଛି। ବାଇକ୍ ଚୋର ଚିନ୍ମୟଙ୍କ ଘର ସମ୍ମୁଖରେ ଥିବା କବାଟ ହୁକ୍ ଲଗାଇ ଗାଡ଼ିଟି ନେଇ ଯାଇଥିବା ବେଳେ ଏହାକୁ ନେଇ ଦୁହେଁ ଚମ୍ପୁଆ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତେବେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ସତ୍ତ୍ୱେ ଚମ୍ପୁଆ ଡାକ୍ତରଖାନା ପରିସରରୁ ବାଇକ ଚୋରୀ ହେବା ଘଟଣା ଜନସାଧାରଣରେ ଅସନ୍ତୋଷ ବୃଦ୍ଧି କରୁଛି। ଅନ୍ୟପକ୍ଷରେ ଅଭିଯୋଗ ପାଇବା ପରେ ଚମ୍ପୁଆ ପୋଲିସ ଏହାର ତଦନ୍ତ ଆରମ୍ଭ କରିଛି।

# ୧୦ ଦଫା ଦାବି ନେଇ ରାଜ୍ୟପାଳଙ୍କୁ ଭେଟିଲା ରାଜ୍ୟ କୁଷ୍ଠ ସଂଗଠନ ପ୍ରତିନିଧି ଦଳ

ଭୁବନେଶ୍ୱର, ୦୮/୨ (ନି,ପ୍ର): ରାଜ୍ୟ କୁଷ୍ଠ ସଂଗଠନର ସଭାପତି ଦୁର୍ଯ୍ୟୋଧନ ସାହୁ, ସାଧାରଣ ସମ୍ପାଦକ ପ୍ରଭାକର ସାହୁ ଏବଂ ଆନ୍ତର୍ଜାତୀୟ ମାନବ ଅଧିକାର ସୁରକ୍ଷା ପରିଷଦ ଓଡ଼ିଶା ରାଜ୍ୟ ଶାଖାର ଅଧକ୍ଷା ସୁଶ୍ରୀ ଆରତୀ ମହଲା ଓଡ଼ିଶାର ରାଜ୍ୟପାଳ ତଥା ହିନ୍ଦ୍ କୁଷ୍ଠ ନିବାରଣ ସଂଘର ସଭାପତି ରଘୁବର ଦାସଙ୍କୁ ରାଜଭବନରେ ସୌଜନ୍ୟମୂଳକ ସାକ୍ଷାତ କରି ରାଜ୍ୟର ଲକ୍ଷ ଲକ୍ଷ କୁଷ୍ଠ ପୀଡ଼ିତ ମାନଙ୍କର ବିଭିନ୍ନ ସମସ୍ୟା ବିଷୟରେ ଅବଗତ କରାଇବା ସହିତ ସଂଗଠନ ତରଫରୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ରାଜ୍ୟପାଳ ସମସ୍ୟାର ସମାଧାନ ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବେ ବୋଲି ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ପ୍ରମୁଖ ଦାବିଗୁଡ଼ିକ ମଧ୍ୟରେ ଜାତୀୟସ୍ତରରେ ହିନ୍ଦ୍ କୁଷ୍ଠ ନିବାରଣ ସଂଘ, ଓଡ଼ିଶା ରାଜ୍ୟ ଶାଖାକୁ କାର୍ଯ୍ୟକ୍ଷମ କରାଇବା, ଷ୍ଟାଫ କ୍ୱାର୍ଟର ଓ ସଭାଗୃହ ନିର୍ମାଣ ,୮୬ଟଗୋଟି କୁଷ୍ଠ କଲୋନୀରେ ରହୁଥିବା ପ୍ରତ୍ୟେକ ପରିବାରକୁ ସ୍ଥାୟୀ ଘରବାରି ପଟ୍ଟା, ବାସଗୃହ ନିର୍ମାଣ, ରାସ୍ତାଘାଟ, ପାନୀୟ ଜଳ, ପରିମଳ ବ୍ୟବସ୍ଥା, ଚଳିବା ପାଇଁ ପ୍ରତ୍ୟେକ କୁଷ୍ଠ ପୀଡ଼ିତମାନଙ୍କୁ ମାସିକ ୫ ହଜାର ଟଙ୍କା ସହାୟତା ରାଶି, ଶିକ୍ଷା, ସ୍ୱାସ୍ଥ୍ୟ, ରୋଜଗାର, ନିଯୁକ୍ତି, ଅକ୍ଷମ ନିରାକରଣ ଓ ମେଡ଼ିକାଲ, ପୁନର୍ବସତି ନିମନ୍ତେ ସ୍ୱାସ୍ଥ୍ୟ ବିଭାଗ ଅଧିନରେ ଖାଲି ପଡ଼ିଥିବା ୩୫୯ କୁଷ୍ଠକର୍ମୀ ପଦବୀ ଏବଂ ଭାରତ ସରକାରଙ୍କ ଦ୍ୱାରା ମଞ୍ଜୁରପ୍ରାପ୍ତ ୧୮୪ ଗୋଟି କୁଷ୍ଠକର୍ମୀ ପଦବୀ ପୂରଣ, ୪ଗୋଟି କୁଷ୍ଠାଶ୍ରମ, ୭ଗୋଟି କୁଷ୍ଠ ଚିକିତ୍ସାଳୟ ଏବଂ ହିନ୍ଦ୍ କୁଷ୍ଠ ନବାରଣ ସଂଘର ପୁନରୁଦ୍ଧାର ଓ ଆବଶ୍ୟକୀୟ ମାନବ ସମ୍ବଳ ବ୍ୟବସ୍ଥା ଇତ୍ୟାଦି।

# ଫେବୃଆରୀ ୧୬ରୁ ରାଜ୍ୟସ୍ତରୀୟ ମତ୍ସ୍ୟ-ପ୍ରାଣୀ ସମାବେଶ

ଭୁବନେଶ୍ୱର, ୦୮/୨ (ନି,ପ୍ର): ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ଆନୁକୂଲ୍ୟରେ ଫେବୃଆରୀ ୧୬ରୁ ୧୮ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ଜନତା ମଇଦାନଠାରେ ତିନିଦିନିଆ ରାଜ୍ୟସ୍ତରୀୟ ମତ୍ସ୍ୟ-ପ୍ରାଣୀ ସମାବେଶ-୨୦୨୪ର ଆୟୋଜନ ହେଉଛି। ଏହି ଉପଲକ୍ଷେ ଆୟୋଜିତ ପ୍ରଦର୍ଶନୀ ମଣ୍ଡପରେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ପକ୍ଷରୁ ସରକାରଙ୍କ ଫ୍ଲାଗ୍‌ସିପ୍ ଯୋଜନା ସମେତ ବିଭିନ୍ନ କଲ୍ୟାଣକାରୀ ଯୋଜନା ଓ କାର୍ଯ୍ୟକ୍ରମର ପ୍ରଦର୍ଶନ କରାଯିବା ପାଇଁ ସ୍ଥିର କରାଯାଇଛି। ଏହି ପରିପ୍ରେକ୍ଷୀରେ କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଅଧକ୍ଷତାରେ କୃଷି ଭବନଠାରେ ବିଭିନ୍ନ ବିଭାଗ ମଧ୍ୟରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା। କୃଷି ଭବନଠାରେ ଆୟୋଜିତ ସମନ୍ୱୟ ବୈଠକରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ବିଭିନ୍ନ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିବା ଅବସରରେ କହିଲେ ମତ୍ସ୍ୟ-ପ୍ରାଣୀ ସମାବେଶରେ ସାରା ରାଜ୍ୟରୁ ୬୦୦୦ରୁ ଉର୍ଦ୍ଧ୍ୱର୍ ମତ୍ସ୍ୟଚାଷୀ, ଗୋପାଳକ, ପ୍ରାଣୀପାଳକମାନେ ଯୋଗଦେବେ। ରାଜ୍ୟରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦର ବିକାଶ ସମେତ ରାଜ୍ୟର ବିଭିନ୍ନ କ୍ଷେତ୍ରରେ ହାସଲ କରିଥିବା ଉଲ୍ଲେଖନୀୟ ସଫଳତା ସମ୍ପର୍କରେ ବ୍ୟାପକ ସଚେତନତା କରାଯିବା ନିମନ୍ତେ ଏହି ସମାବେଶର ଆୟୋଜନ କରାଯାଉଛି। ପ୍ରଦର୍ଶନୀରେ କୃଷି, ଉଦ୍ୟାନକୃଷି, ମୃତିକା ସଂରକ୍ଷଣ, ମିଶନ ଶକ୍ତି, ଓଡ଼ିଶା ଜୀବିକା ମିଶନ, ଓରମାସ, ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତନ, ପଂଚାୟତିରାଜ ଓ ପାନୀୟଜଳ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି, ଓୟୁଏଟି, ସମବାୟ, ମହିଳା ଓ ଶିଶୁ କଲ୍ୟାଣ, ସୂଚନା ଓ ଲୋକସମ୍ପର୍କ ଆଦି ବିଭାଗଗୁଡ଼ିକ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ସେମାନଙ୍କ ଦ୍ୱାରା ଉତ୍ପାଦିତ ଦ୍ରବ୍ୟର ପ୍ରଦର୍ଶନ ସହିତ ବିକ୍ରିବଟାର ବ୍ୟବସ୍ଥା ରହିଛି। ସମସ୍ତ ବିଭାଗ ମଧ୍ୟରେ ଉପଯୁକ୍ତ ସମନ୍ୱୟ ରକ୍ଷା କରିଏହି ତିନିଦିନିଆ ସମାବେଶକୁ ଆକର୍ଷଣୀୟ ଓ ସଫଳ କରିବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ । ବୈଠକରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ମତ୍ସ୍ୟ ନିର୍ଦ୍ଦେଶକ ମହମ୍ମଦ ସିଦ୍ଦିକ୍ ଆଲାମ, କୃଷି ଓ ଖାଦ୍ୟ ଉତ୍ପାଦକ ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ, ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ସରୋଜ କୁମାର ସାମଲଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ।

# ଗ୍ରାମ ପଂଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ

ଜୟପୁର, ୦୮/୨ (ନି,ପ୍ର): ଜୟପୁର ବ୍ଲକ କୁମୁଲିପୁଟ ଓ କଙ୍ଗା ଗ୍ରାମ ପଂଚାୟତ ସ୍ତରିୟ ସଚେତନତା କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମରେ ବିଡିଓ ଶକ୍ତି ମହାପାତ୍ର, ବ୍ଲକ ଅଧକ୍ଷା ତିଲୋତମା ମୁଦୁଲି, ଏବିଡିଓ ମନୋଜ ନାୟକ, ଜିଲା ପରିଷଦ ସଭ୍ୟା, ସରପଂଚ, ସମିତି ସଭ୍ୟ , ଗ୍ରାମବାସୀ ପ୍ରମୁଖ ଉପସ୍ଥିତ ଥିଲେ । ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ନେଇ ବିଭାଗ ତରଫରୁ ଷ୍ଟଲ କରାଯାଇ ସଚେତନ କରାଯାଉଛି । ଏହା ସହ ଏକ ସଚେତନତା ରଥ ମାଧ୍ୟମରେ ପ୍ରତ୍ୟେକ ଗ୍ରାମକୁ ଯାଇ ଯୋଜନା ଉପରେ ସଚେତନ କରାଯାଉଛି । ଜୟପୁର ବ୍ଲକର ୨୨ଟି ପଂଚାୟତରେ ଏହି ଗ୍ରାମ ପଂଚାୟତ ସ୍ତରିୟ ସଚେତନତା କାର୍ଯ୍ୟକ୍ରମ ଚାଲିଥିଲା । ଏହା ଆଜି ଉଦଯାପିତ ହୋଇଛି ।

# ମାଲକାନଗିରି ସଦର ବ୍ଲକ ସରପଂଚ ସଂଘ ପୁନର୍ଗଠନ ସହ ନୂତନ କର୍ମକର୍ତ୍ତା ଚୟନ

ମାଲକାନଗିରି, ୦୮/୨ (ନି,ପ୍ର): ମାଲକାନଗିରି ସଦର ବ୍ଲକ ର ୧୯ ଗୋଟି ଗ୍ରାମ ପଂଚାୟତ ର ସମସ୍ତ ସରପଂଚ ସଭ୍ୟା ,ସଭ୍ୟଙ୍କ ଉପସ୍ଥିତ ରେ ଆଜି ମାଲକାନଗିରି ବ୍ଲକ ସମ୍ମିଳନୀ କକ୍ଷ ଠାରେ ସରପଂଚ ସଂଘର ନୂତନ ସାଙ୍ଗଠନିକ କର୍ମକର୍ତା ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବରିଷ୍ଠ ସରପଂଚ ଗଙ୍ଗା ମାଡକାମୀ ଙ୍କ ଅଧକ୍ଷତାରେ ସରପଂଚ ସଂଘର ପୁନର୍ଗଠନ ସହ ନୂତନ କର୍ମକର୍ତା ଚୟନ ଉପରେ ୧୯ଟି ସରପଂଚ ମଧ୍ୟରେ ବିଶେଷ ଆଲୋଚନା କରିବା ସହ ମାଲକାନଗିରି ବ୍ଲକ ର ୧୯ ପଂଚାୟତ ର ବିଭିନ୍ନ ସମସ୍ୟା ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ,ବିକାଶ ମୂଳକ ଉନ୍ନୟନ କାର୍ଯ୍ୟକ୍ରମ ସମ୍ପର୍କରେ ବିଶେଷ ଆଲୋଚନା କରାଯାଇଥିଲା । ଆଜିର ମାଲକାନଗିରି ବ୍ଲକ ୧୯ ଟି ପଂଚାୟତ ସରପଂଚଙ୍କ ସଭାପତି ଭାବେ ଯୁବ ସରପଂଚ ସୁଦର୍ଶନ କୋପେ ଙ୍କୁ ମନୋନୀତ କରାଯାଇଥିବା ବେଳେ ଉପସଭା ନେତ୍ରୀ ଭାବେ ବିମଳା ମାଡକାମୀ ଏବଂ ସାଧାରଣ ସମ୍ପାଦକ ଭାବେ ବାବୁଲା ପଡ଼ିଆମୀ ଙ୍କୁ ଚୟନ କରାଯାଇଛି । ଏଥିରେ ମାଲକାନଗିରି ସଦର ବ୍ଲକ ସରପଂଚ ସଂଘର ନୂତନ ସଭାପତି ସୁଦର୍ଶନ କୋପେଙ୍କୁ ୧୮ ଟି ଗ୍ରାମ ପଂଚାୟତର ସମସ୍ତ ସରପଂଚ ଅଭିନନ୍ଦନ ଓ ସମ୍ବର୍ଦ୍ଧନା କରିବା ସହ ଉପ ସଭାନେତ୍ରୀ ଓ ସାଧାରଣ ସମ୍ପାଦକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଆଜିର ଏହି ସଦର ବ୍ଲକ ର ସରପଂଚ ସଂଘ କର୍ମକର୍ତା ଚୟନ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ସରପଂଚ ସୁନାଧର ମାଡକାମୀ, ଗଙ୍ଗା ମାଡକାମୀ , ସୁନନ୍ଦା ଗାଡଲି , ନୀଳକଣ୍ଠ ଝୋଲା, ସୁମିତ୍ରା ମାଡକାମୀ, ବନିତା କୁରାମି, ଅରକ୍ଷିତ ନାୟକ, ବିଜୟ କବାସୀ ପ୍ରମୁଖଙ୍କ ସହ ମାଲକାନଗିରି ବ୍ଲକ ର ସମସ୍ତ ସରପଂଚ ବୃନ୍ଦ ଉପସ୍ଥିତ ଥିଲେ ।

## କାନଫୋଡ଼ା ଏକ ଫ୍ୟାସନ ନୁହେଁ: ଏହା ପଛରେ ରହିଛି ଅନେକ ବୈଜ୍ଞାନିକ କାରଣ



**ଖାଲି ମହିଳା ନୁହେଁ ପୁରୁଷମାନେ ମଧ କାନ ଫୋଡ଼ାନ୍ତି। କିନ୍ତୁ ଆପଣ ଜାଣନ୍ତି କି କାନ ଫୋଡ଼ିବା କେବଳ ଏକ ଫ୍ୟାଶନ ନୁହେଁ, ଏହା ପଛରେ୍ କେତେକ ବୈଜ୍ଞାନିକ କାରଣ ମଧ ଅଛି। ତେବେ ଆସନ୍ତୁ ଓ ବିଷୟରେ୍ ଜାଣିନେବା।**

**ଶତାବ୍ଦୀ ଶତାବ୍ଦୀ ଧରି ଭାରତୀୟ ମହିଳାମାନେ କାନ ଫୋଡି ବିଭିନ୍ନ ପ୍ରକାରର୍ କାନଫୁଲ ଏବଂ ଝୁମୁକା ପିନ୍ଧି ଆସୁଛନ୍ତି। କାନଫୋଡା ଓଜ ବହୁ ପୁରୁଣା ଭାରତୀୟ ପରମ୍ପରା। ଖାଲି ମହିଳା ନୁହେଁ ପୁରୁଷମାନେ ମଧ କାନ ଫୋଡ଼ାନ୍ତି। କିନ୍ତୁ ଆପଣ ଜାଣନ୍ତି କି କାନ ଫୋଡ଼ିବା କେବଳ ଏକ ଫ୍ୟାଶନ ନୁହେଁ, ଅନେକ ବିଶ୍ୱାସ ବ୍ୟତୀତ ଏହା ପଛରେ୍ କେତେକ ବୈଜ୍ଞାନିକ କାରଣ ମଧ ଅଛି। କିନ୍ତୁ ବହୁତ କମ୍ ଲୋ୍କ ଅଛନ୍ତି ଯେଉଁମାନେ ଏହି କାରଣ ବିଷୟରେ୍ ଜାଣନ୍ତି। ତେବେ ଆସନ୍ତୁ ଓ ବିଷୟରେ୍ ଜାଣିନେବା।**

**ପ୍ରଜନନ ସ୍ୱାସ୍ଥ୍ୟ:**

ଆୟୁର୍ବେଦ ଅନୁଯାୟୀ, କାନର ଠିକ୍ ମଝିରେ ଏକ ଗୁରୁତ୍ୱପୂର୍ଣ୍ଣ ବିନ୍ଦୁ ଅଛି। ପ୍ରଜନନ ସ୍ୱାସ୍ଥ୍ୟ ପାଇଁ ଏହି ବିନ୍ଦୁ ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର। ଏହା ବ୍ୟତୀତ କାନ ଫୋଡେଇବା ଦ୍ୱାରା ମହିଳାମାନଙ୍କ ମଧରେ ଏକ ସୁସ୍ଥ ଋତୁସ୍ରାବ ବଜାୟ ରଖିବାରେ ସାହାଯ୍ୟ କରିଥାଏ।

**ମସ୍ତିଷ୍କ ସ୍ୱାସ୍ଥ୍ୟ:**

କୁହାଯାଏ ଯେ କମ୍ ବୟସରେ ପିଲାମାନଙ୍କର କାନ ଫୋଡା ହେଲେ ମସ୍ତିଷ୍କର ସଠିକ୍ ବିକାଶ ହୋଇଥାଏ। କାନ ଫଳିରେ ଏକ ମେରିଡିଆନ୍ ପଏଣ୍ଟ ଅଛି ଯାହା ଡାହାଣ ଗୋଲାର୍ଦ୍ଧକୁ ମସ୍ତିଷ୍କର ଗୋଲାର୍ଦ୍ଧ ସହିତ ସଂଯୋଗ କରେ। ଏହି ବିନ୍ଦୁକୁ ବିନ୍ଧ କରିବା ଦ୍ୱାରା ମସ୍ତିଷ୍କର ଏହି ଅଂଶଗୁଡ଼ିକ ସକ୍ରିୟ ହୋଇଥାଏ। ଆକ୍ୟୁପ୍ରେସର ଥେରାପିର ନୀତିଗୁଡିକ ମଧ ଦାବି କରେ ଯେ ଯେତେବେଳେ ଏହି ମେରିଡିଆନ୍ ପଏଣ୍ଟଗୁଡ଼ିକ ଉତ୍ତେଜିତ ହୁଏ, ଏହା ମସ୍ତିଷ୍କର ସୁସ୍ଥ ଏବଂ ତ୍ୱରିତ ବିକାଶରେ ସାହାଯ୍ୟ କରେ।

**ତୀକ୍ଷ୍ଣ ଦୃଷ୍ଟିଶକ୍ତି:**

କାନ ମଝିରେ ଥିବା କେନ୍ଦ୍ରୀୟ ବିନ୍ଦୁ ଆଖିର ଦୃଷ୍ଟି ସହିତ ସିଧାସଳଖ ସଂଯୋଗ ଅଛି। କାନ ଫୋଡେଇବା ଦ୍ୱାରା ସେଠାରେ ଚାପ ପଡେ। ଏହା ଆଖିର ଦୃଷ୍ଟିଶକ୍ତି ଉପରେ ଖୁବ ପ୍ରଭାବ ପକାଇଥାଏ, ଆଖିର ରଶ୍ମୀରେ ସୁଧାର ଆସିଥାଏ।

**କାନର ସ୍ୱାସ୍ଥ୍ୟରେ ଉନ୍ନତି:**

ଆୟୁର୍ବେଦ ଅନୁଯାୟୀ, ଯେଉଁଠାରେ କାନ ଫୋଡାଯାଏ ସେଠାରେ ଦୁଇଟି ଜରୁରୀ ଆକ୍ୟୁପ୍ରେସର ପଏଣ୍ଟ ଅଛି - ମାଷ୍ଟର ସେନ୍‌ସୋରିଅଲ୍ ଏବଂ ମାଷ୍ଟର ସେରେବ୍ରଲ ପଏଣ୍ଟ୍। ଏହି ଦୁଇଟି ପଏଣ୍ଟ୍ ପିଲାମାନଙ୍କ ଶ୍ରବଣ କ୍ଷମତାକୁ ବଜାୟ ରଖିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଆକ୍ୟୁପ୍ରେସର ବିଶେଷଜ୍ଞମାନେ କହିଛନ୍ତି ଯେ ଟିନିଟସ୍ (କାନ ଫଡ ଫଡ ହେବା) ର ଲକ୍ଷଣରୁ ମୁକ୍ତି ପାଇବା ପାଇଁ ଏହା ଏକ ଉତ୍ତମ ଉପାୟ।

**ଚିନ୍ତାରୁ ମିଳେ ମୁକ୍ତି:**

କାନ ଫୋଡେଇବା ଦ୍ୱାରା ମସ୍ତିଷ୍କର ସୁସ୍ଥ ବିକାଶ ସହିତ ହିଷ୍ଟେରିଆ ପରି ସମସ୍ୟା ମଧ ଦୂରରେ ରହିଥାଏ। ଆକ୍ୟୁପ୍ରେସର ସିଦ୍ଧାନ୍ତ ଦାବି କରେ ଯେ ଏହି କ୍ଷେତ୍ର ମାଷ୍ଟର ସେରେବ୍ରଲର ସ୍ଥାନ ହୋଇଥିବାରୁ ଏହା ମସ୍ତିଷ୍କର କାର୍ଯ୍ୟକୁ ନିୟନ୍ତ୍ରଣ କରିଥାଏ। କୁହାଯାଏ ଯେ ଏହି ପଏଣ୍ଟଗୁଡିକ ଉପରେ ଚାପ ପ୍ରୟୋଗ ଦ୍ୱାରା ଚିନ୍ତା ଏବଂ ଚିଡିଚିଡା ଭଳି ମାନସିକ ରୋଗରୁ ମୁକ୍ତି ମିଳେ।

**ହଜମ ପ୍ରକ୍ରିୟାରେ ଉନ୍ନତି:**

କୁହାଯାଏ ଯେ ଏହି ବିନ୍ଦୁରେ ପ୍ରବାହ ପଡିବା ଦ୍ୱାରା ହଜମ ପ୍ରକ୍ରିୟା ବଜାୟ ରହେ। ଏହା ମଧ ଭୋକର ବିନ୍ଦୁ ଏବଂ ଏହାର ପ୍ରଭାବରେ ମୋଟାପଣର ସମ୍ଭାବନା ମଧ ହ୍ରାସ ପାଇଥାଏ।

**ଶୁକ୍ରାଣୁ ଉତ୍ପାଦନ:**

ବିଶ୍ୱାସ କରାଯାଏ ଯେ ପୁରୁଷମାନେ କାନ ଫୋଡେଇଲେ ଏହା ସେମାନଙ୍କ ଶୁକ୍ରାଣୁ ଉତ୍ପାଦନରେ ସାହାଯ୍ୟ କରିଥାଏ। ଏହି କାରଣରୁ ପୁଅମାନଙ୍କର ପ୍ରଜନନ ସ୍ୱାସ୍ଥ୍ୟକୁ ବଜାୟ ରଖିବାରେ ବିଭିନ୍ନ ସମ୍ପ୍ରଦାୟରେ କାନଫୋଡାକୁ ଏକ ଜରୁରୀ ପରମ୍ପରା ଭାବେ ଗ୍ରହଣ କରାଯାଏ।

## ନାକରୁ ପାଣି ବାହାରୁଥିଲେ ଆପଣାନ୍ତୁ ଏହି ଉପାୟ: ସାଙ୍ଗେ ସାଙ୍ଗେ ହୋଇଯିବ ବନ୍ଦ

*ଖରାଦିନେ ସାଇନସ୍ କିମ୍ବା ନାକରୁ ପାଣି ବାହାରିବା ସମସ୍ୟା ହେଲେ, ତେବେ ଏହା ଥଣ୍ଡାଜନିତ ନୁହେଁ ବରଂ ଭୂତାଣୁ ବା ଜୀବାଣୁ କିମ୍ବା ଫଙ୍ଗସ୍ ଦ୍ୱାରା ହୋଇଥାଏ। ଏହି ସମସ୍ୟା ହେଲେ ପ୍ରାୟ ଆଧୁନିକ ଔଷଧ ଏହାକୁ ଭଲ କରିପାରେ ନାହିଁ। ଏହାକୁ କିନ୍ତୁ ଦୂର କରିବା ପାଇଁ ଘରୋଇ ଉପଚାର ଅତ୍ୟନ୍ତ ପ୍ରଭାବଶାଳୀ ହୋଇପାରେ। ଆସନ୍ତୁ ଜାଣିବା...*

ମୁହଁ ତଳେ ଥିବା ଟିସୁ ଫୁଲିଗଲେ ସାଇନସ୍ ସମସ୍ୟା ଆରମ୍ଭ ହୁଏ। ଏଥିରେ ମୁହଁର ଉପର ଅଂଶ, ଗାଲ ଏବଂ ନାକ ଭିତରେ ବାୟୁ ଭରିଯାଏ। ଏହାଦ୍ୱାରା ମୁହଁ ଯନ୍ତ୍ରଣା ହୁଏ। ଏଥିରେ ସବୁବେଳେ ନାକରୁ ପାଣି ବାହାରେ। ସାଧାରଣତଃ ଏହା ଥଣ୍ଡା କାରଣରୁ ହୋଇଥାଏ। କିନ୍ତୁ ଯଦି କେହି କ୍ରମାଗତ ଭାବରେ ଏହି ପ୍ରକାରର ସମସ୍ୟା ଭୋଗେ ତେବେ ଭୂତାଣୁ, ଜୀବାଣୁ ଏବଂ ଫଙ୍ଗସ୍ ମଧ ଏନେଇ ଦାୟୀ ହୋଇପାରନ୍ତି। ଯଦି ଗ୍ରୀଷ୍ମ ସମୟରେ ସାଇନସ୍ କିମ୍ବା ନାକରୁ ପାଣି ବାହାରିବା ସମସ୍ୟା ଥାଏ, ତେବେ ଏହା ଥଣ୍ଡାଜନିତ ନୁହେଁ ବରଂ ଭୂତାଣୁ ବା ଜୀବାଣୁ କିମ୍ବା ଫଙ୍ଗସ୍ ଦ୍ୱାରା ହୋଇଥାଏ। ଏହି ସମସ୍ୟା ହେଲେ ପ୍ରାୟ ଆଧୁନିକ ଔଷଧ ଏହାକୁ ଭଲକରି ପାରେ ନାହିଁ। ଏହାକୁ କିନ୍ତୁ ଦୂର କରିବା ପାଇଁ ଘରୋଇ ଉପଚାର ଅତ୍ୟନ୍ତ ପ୍ରଭାବଶାଳୀ ହୋଇପାରେ।

ଆୟୁର୍ବେଦ ଅନୁସାରେ ନାକରୁ ପାଣି ବାହାରିବା କିମ୍ବା ସାଇନସ୍ ସମସ୍ୟା ପାଇଁ ତେଜପତ୍ର ରାମବାଣ ପରି କାମକରେ। ପ୍ରତ୍ୟେକ ରୋଷେଇ ଘରେ ତେଜପତ୍ର ସବୁବେଳେ ସହଜରେ ଉପଲବ୍ଧ ଏବଂ ଏଥିପାଇଁ ଅଧିକ ଟଙ୍କା ମଧ ଖର୍ଚ୍ଚ କରିବାର ଆବଶ୍ୟକତା ନାହିଁ।

ତେଜପତ୍ର ହେଉଛି ଅନେକ ଔଷଧିୟ ଗୁଣର ଉତ୍ସ। ଏଥିରେ ଭିଟାମିନ୍ ଏ, ଭିଟାମିନ୍ ସି, ଭିଟାମିନ୍ ବି ୬, କ୍ୟାଲ୍ ?ସିୟମ୍, ଆଇରନ୍ ଏବଂ ମ୍ୟାଗ୍ନେସିୟମ୍ ଭଳି ଉପାଦାନ ଥାଏ। ଏହା ବ୍ୟତୀତ ଏହି ପତ୍ରରେ କପର୍, ରାଇବୋଫ୍ଲାଭିନ ଏବଂ ଜିଙ୍କ ମଧ ଥାଏ। ଅନେକ ପୋଷକ ତତ୍ତ୍ୱ କାରଣରୁ ତେଜପତ୍ର ଅନେକ ରୋଗର ଚିକିତ୍ସାରେ ବ୍ୟବହୃତ ହୁଏ।



**ସାଇନସ୍ ଯନ୍ତ୍ରଣାରୁ ମୁକ୍ତି:**

ତେଜପତ୍ରରେ ଆଣ୍ଟି-ଇନ୍‌ଫ୍ଲାମେଟୋରୀ ଗୁଣ ଥିବାରୁ ଏହା ନାକ ତଳେ ସୃଷ୍ଟି ହେଉଥିବା ଫୁଲାକୁ ଦୂର କରିଥାଏ। ଫଳରେ ନାକରୁ ବୋହୁଥିବା ପାଣି ସାଙ୍ଗେ ସାଙ୍ଗେ ବନ୍ଦ ହୋଇଯାଏ। ଅତଏବ, ଏହି ପତ୍ର ଶୀଘ୍ର ନାକ ପ୍ରବାହିତ ସମସ୍ୟାକୁ ଭଲ କରିପାରେ। ଏହାର ଅନେକ ସୁଗନ୍ଧିତ ଗୁଣ ଅଛି ଯାହା ସାଇନସ୍ ସମସ୍ୟାରୁ ମୁକ୍ତି ଦେଇଥାଏ।

ଏହା ନାକରେ ଥିବା ସମସ୍ତ ପ୍ରକାରର ସମସ୍ୟାକୁ ମଧ ଦୂର କରିଥାଏ। ତେଜପତ୍ରର ଅନ୍ୟାନ୍ୟ ଅନେକ ଉପକାର ମଧ ଅଛି। ଅଧ୍ୟୟନରେ ଦର୍ଶାଯାଇଛି ଯେ ମଧୁମେହ ରୋଗୀଙ୍କ ପାଇଁ ତେଜପତ୍ର ମଧ ଅତ୍ୟନ୍ତ ପ୍ରଭାବଶାଳୀ। ଏହା ରକ୍ତରେ ଶର୍କରା ସ୍ତରକୁ ହ୍ରାସ କରିବାରେ ସାହାଯ୍ୟ କରେ। ଏହା ସହିତ ଶରୀରରେ ବଢିଯାଉଥିବା ଖରାପ କୋଲେଷ୍ଟ୍ରଲକୁ ମଧ ହ୍ରାସ କରିଥାଏ। ତେଜପତ୍ରରେ ଥିବା ଆଣ୍ଟି-ଅକ୍ସିଡାଣ୍ଟ ଗୁଣ ଏହି ସମସ୍ୟାକୁ ଦୂରକରେ। ଏଥିରେ କେଫିକ୍ ନାମକ ଏକ ଅର୍ଗାନିକ୍ କମ୍ପାଉଣ୍ଡ୍ ମିଳିଥାଏ, ଯାହା ହୃଦୟ ପାଇଁ ଭଲ ବୋଲି ବିବେଚନା କରାଯାଏ।

**ରୋଗ ପ୍ରତିରୋଧକ ଶକ୍ତି ବଢାଏ:**

ତେଜପତ୍ରରେ ଭିଟାମିନ୍ ଉ ଥାଏ ଯାହା ରୋଗ ପ୍ରତିରୋଧକ ଶକ୍ତି ବଢାଇଥାଏ। ତେଜପତ୍ରରେ ଭିଟାମିନ୍ ଇ ଓ ଇ୬ ମଧ ଥାଏ। ଏହି ସମସ୍ତ ଭିଟାମିନ୍ ରୋଗ ପ୍ରତିରୋଧକ ଶକ୍ତି ବଢାଇଥାନ୍ତି। ତେଜପତ୍ର ମଧ ପେଟ ସମ୍ବନ୍ଧୀୟ ସମସ୍ୟାରୁ ମୁକ୍ତି ଦେଇଥାଏ।

**କିପରି କରିବେ ବ୍ୟବହାର:**

ଆପଣ ତେଜପତ୍ର ପକାଇ ହର୍ବାଲ୍ ଚା' ତିଆରି କରି ପିଇପାରିବେ କିମ୍ବା ଆପଣ ଏହାକୁ ଚା'ରେ ମିଶାଇ ପିଇପାରିବେ। ଅନ୍ୟପକ୍ଷରେ ତେଜପତ୍ରକୁ ପାଣିରେ ପକେଇ ଏହାକୁ ଫୁଟାନ୍ତୁ ଏବଂ ପରେ ଏହାକୁ ଛାଣିକି ପିଇପାରିବେ। ଯଦି ଆପଣ ଏଥିରେ ମହୁ ମିଶାନ୍ତି ତେବେ ଏହା ଅଧିକ ଲାଭଦାୟକ ହେବ। ନଚେତ ଏହାକୁ ସାଧା ମଧ ପିଇ ପାରିବେ।

## ପୂଜା ସ୍ଥାନ ତଳେ ଦେଇଛନ୍ତି କି ପଥର ସ୍ଲାବ?: ଜାଣି ରଖନ୍ତୁ ଏହାର ସାଇଡ ଇଫେକ୍ଟ

ଘରେ ଥିବା ସାମାନ୍ୟ ତ୍ରୁଟି ପାଇଁ ପିଛା ଛାଡ଼େ ନାହିଁ ଅର୍ଥାଭାବ । ଯେତେ ରୋଜଗାର ହେଲେ ବି ଲାଗି ରୁହେ କରଜ । ଏଥିରୁ ମୁକୁଳିବା ଏକ ପ୍ରକାର ଅସମ୍ଭବ ମନେ ହୁଏ। ହେଲେ ବାସ୍ତୁ ଶାସ୍ତ୍ରର କିଛି ନିୟମ ମାନିଲେ ଆପଣ ଏହି ସବୁ ସମ୍ୟାରୁ ମୁକୁଳି ପାରିବେ। ଜାଣି ରଖନ୍ତୁ ଏହି ସବୁ ନିୟମ ।

ଘରର ଇଶାଣ କୋଣରେ ପୂଜା ଘର କରିବାକୁ ଶୁଭ ବିବେଚନା କରାଯାଇଥାଏ। କିନ୍ତୁ ଏଥିନିମନ୍ତେ ଠିକ୍ ? ନିୟମ ପାଳନ ନ କଲେ ଆର୍ଥିକ ଦୁର୍ଗତି ଆପଣଙ୍କ ପିଛା ଛାଡ଼ିବ ନାହିଁ। ଇଶାଣ କୋଣରେ ପୂଜା ଘର କରିବା ସମୟରେ କିଛି ଦିନ ପ୍ରତି ଧ୍ୟାନ କଲେ ଆପଣଙ୍କ ଘର ସବୁବେଳେ ହସଖୁସିରେ ପୂରି ଉଠିବ ।

ବାସ୍ତୁ ଶାସ୍ତ୍ର ଅନୁଯାୟୀ, ପୂଜା ଘର କରିବା ସମୟରେ ପୂଜା ସ୍ଥାନ ତଳେ ପଥରର ସ୍ଲାବ ଦିଅନ୍ତୁ ନାହିଁ। ଏହାଦ୍ୱାରା ଆପଣ ସବୁବେଳେ କରଜରେ ବୁଡ଼ି ରହିବେ।

ପଥର ବଦଳରେ ଆପଣ କାଠର ସ୍ଲାବ ତିଆରି କରି ପାରିବେ। ନଚେତ ସମ୍ପୂର୍ଣ୍ଣ ଭାବେ କାଠରେ ପୂରା ମନ୍ଦିର ପ୍ରସ୍ତୁତ କରି ପୂଜା କରନ୍ତୁ। ଏଥିପ୍ରତି ଧ୍ୟାନ ରଖିବେ କି କାଠର ମନ୍ଦିର କାନ୍ଥକୁ ସ୍ପର୍ଶ କରିବ ନାହିଁ । ତେଣୁ କାନ୍ଥଠୁ ସାମାନ୍ୟ ହଟାଇ ତାହାକୁ ସ୍ଥାପିତ କରନ୍ତୁ।

ଯଦି ଆପଣ ଉତ୍ତର - ପୂର୍ବ ଦିଗରେ କାଠର ମନ୍ଦିର ନିର୍ମାଣ କରୁଛନ୍ତି ତେବେ ଉକ୍ତ ମନ୍ଦିର ତଳେ ଛୋଟ ଛୋଟ ଗୋଲ ଆକୃତିର ଚକ ରଖନ୍ତୁ।

କରଜରୁ ବର୍ତ୍ତିବା ପାଇଁ ଘରେ କେବେ ବି ଭଙ୍ଗା ବା ଫାଟି ଯାଇଥିବା ବାସନ ରଖନ୍ତୁ ନାହିଁ। ଏପରି ବାସନକୁ ଘରୁ ବାହାର ନ କରିବା ପର୍ଯ୍ୟନ୍ତ ଅର୍ଥାଭାବ ଆପଣଙ୍କ ପିଛା ଛାଡ଼ିବ ନାହିଁ।

ସେହିପରି କରଜରୁ ବର୍ତ୍ତିବା ପାଇଁ ଘରର ଉତ୍ତର ଦିଗରେ ଆଠ କୋଣ ବାଲା ଏକ ଆଇନା ଲଗାନ୍ତୁ। ଘରେ ଏହାକୁ ଲଗାଇବା ଦ୍ୱାରା ବହୁ ଶୁଭ ଫଳ ମିଳିଥାଏ ଓ କରଜ ଟେନସନ୍‌ରୁ ମୁକ୍ତି ମିଳିଥାଏ ।

## ଭୃସଙ୍ଗ ପତ୍ର ବ୍ୟବହାର୍ କରି୍ ତିଆରି୍ କରନ୍ତୁ ସ୍ୱତନ୍ତ୍ର ତେଲ: ଚୁଟି ହେବ କଳା-ମୋଟା



*ଭୃସଙ୍ଗ ପତ୍ରକୁ ତରକାରୀରେ ବ୍ୟବହାର କରିବ ସମସ୍ତେ ଜାଣନ୍ତି। କିନ୍ତୁ, ଆପଣ ଜାଣନ୍ତି କି ଏହି ପତ୍ରର ସ୍ୱାଦ ସହିତ ଏହାର ଔଷଧୀୟ ଗୁଣ ମଧ ଅଛି ? ଏହି ପତ୍ରକୁ ନଡିଆ ତେଲ ସହିତ ମିଶ୍ରଣ କରି ଏକ ସ୍ୱତନ୍ତ୍ର ତେଲ ପ୍ରସ୍ତୁତ କରାଯାଏ, ଯାହା ଚୁଟିରେ ଲଗାଇବା ପରେ ଚୁଟି କଳା, ମୋଟା ଏବଂ ଲମ୍ବା ହୋଇଥାଏ। ଭୃସଙ୍ଗ ପତ୍ରକୁ ସାଧାରଣତଃ ତରକାରୀରେ ବହୁଳ ଭାବରେ ବ୍ୟବହାର କରାଯାଏ। କିନ୍ତୁ, ଆପଣ ଜାଣନ୍ତି କି ଏହି ପତ୍ରର ସ୍ୱାଦ ସହିତ ଏହାର ଔଷଧୀୟ ଗୁଣ ମଧ ଅଛି। ଏହି ପତ୍ରକୁ ନଡିଆ ତେଲ ସହିତ ମିଶ୍ରଣ କରି ଏକ ସ୍ୱତନ୍ତ୍ର ତେଲ ପ୍ରସ୍ତୁତ କରାଯାଏ, ଯାହା ଚୁଟିରେ ଲଗାଇବା ପରେ ଚୁଟି କଳା, ମୋଟା ଏବଂ ଲମ୍ବା ହୋଇଥାଏ। ବାସ୍ତବରେ ପ୍ରତ୍ୟେକ ମହିଳା ଚାହାଁନ୍ତି ଯେ ତାଙ୍କ ଚୁଟି ଲମ୍ବା, ମୋଟା ଏବଂ କଳା ହେଉ। କିନ୍ତୁ ପ୍ରଦୂଷଣ ବୃଦ୍ଧି, ଭୁଲ ଖାଇବା ଅଭ୍ୟାସ, ଖରାପ ଜୀବନଶୈଳୀ ଏବଂ ଭୁଲ ଦ୍ରବ୍ୟର ବ୍ୟବହାର ହେତୁ ଚୁଟି ଝଡ଼ିବା, ପାଚିବା, ପତଳା ହେବା ଆଦି ସମସ୍ୟା ଆରମ୍ଭ ହୁଏ। କେବଳ ଏତିକି ନୁହେଁ, ଲଗାତାର ଚୁଟି ଝଡ଼ିବା କାରଣରୁ କେଶ ବୃଦ୍ଧି ମଧ ବନ୍ଦ ହୋଇଯାଏ। ଏହି ସମସ୍ୟାରୁ ମୁକ୍ତି ପାଇବା ପାଇଁ ମହିଳାମାନେ ବିଭିନ୍ନ ପଦକ୍ଷେପ ଗ୍ରହଣ କରନ୍ତି, କିନ୍ତୁ ଅନେକ ସମୟରେ ଏହା ମଧ ଇଚ୍ଛାକୃତ ଫଳାଫଳ ଦେଇ ନ ଥାଏ। ତେବେ ଆସନ୍ତୁ ଭୃସଙ୍ଗ ପତ୍ରର ଗୁଣ ବିଷୟରେ ଜାଣିନେବା।*

**ଚୁଟି ପାଇଁ ଲାଭଦାୟକ:**

ଆୟୁର୍ବେଦ ବିଶେଷଜ୍ଞଙ୍କ ମତରେ ନଡିଆ ତେଲ ଚୁଟିକୁ ପୋଷଣ କରିବା ସହିତ ଆର୍ଦ୍ରତା ଯୋଗାଇଥାଏ। ଏଥିରେ ଥିବା ଗୁଣ ଚୁଟିକୁ ମଜବୁତ କରିଥାଏ ଏବଂ ଚୁଟି ଝଡିବାକୁ ରୋକିଥାଏ। ଏଥି ସହିତ, ଭୃସଙ୍ଗ ପତ୍ରରେ ଭିଟାମିନ୍ ବି, ଭିଟାମିନ୍ ସି, ପ୍ରୋଟିନ୍, ଆଇରନ୍ ଏବଂ ଆଣ୍ଟିଅକ୍ସିଡାଣ୍ଟ ଥାଏ, ଯାହା ଚୁଟି ପାଇଁ ଅତ୍ୟନ୍ତ ଲାଭଦାୟକ ହୋଇଥାଏ।

**ଏହି ସମସ୍ୟାରୁ ମୁକ୍ତି ମିଳେ:**

ନଡ଼ିଆ ତେଲ ଏବଂ ଭୃସଙ୍ଗ ପତ୍ରକୁ ଏକାଠି ମିଶାଇ ବ୍ୟବହାର କଲେ ଚୁଟି ବୃଦ୍ଧି ହୁଏ। ଆହୁରି ମଧ, ଏହା ଚୁଟି ଧଳା ହେବା, ଝଡ଼ିବା ଏବଂ ରୂପି ଭଳି ସମସ୍ୟାରୁ ମୁକ୍ତି ଦେଇଥାଏ। ନଡିଆ ତେଲ ଏବଂ ଭୃସଙ୍ଗ ପତ୍ର ଲଗାଇବା ଦ୍ୱାରା ଚୁଟି ନରମ ଏବଂ ଚକଚକିଆ ଦେଖାଯାଏ।

**ଭୃସଙ୍ଗ ପତ୍ର ତେଲ:**

ଏହି ସ୍ୱତନ୍ତ୍ର ତେଲ ତିଆରି କରିବା ପାଇଁ ପ୍ରଥମେ ଏକ ପ୍ୟାନ୍‌ରେ ଆବଶ୍ୟକତା ଅନୁଯାୟୀ ନଡ଼ିଆ ତେଲ ନିଅନ୍ତୁ। ଏହାକୁ ହାଲୁକା ଗରମ କରନ୍ତୁ। ବର୍ତ୍ତମାନ ଏହି ତେଲରେ ମୁଠାଏ ତ ଭୃସଙ୍ଗ ପତ୍ର ମିଶାଇ ଏହାକୁ ମିଶାନ୍ତୁ। ତେଲର ରଙ୍ଗ କଳା ହେବା ପର୍ଯ୍ୟନ୍ତ ଏହି ତେଲକୁ ଗରମ କରନ୍ତୁ। ଏହା ପରେ ଗ୍ୟାସ୍ ବନ୍ଦ କରନ୍ତୁ ଏବଂ ତେଲକୁ ଥଣ୍ଡା ହେବାକୁ ଦିଅନ୍ତୁ। ଯେତେବେଳେ ଏହା ଥଣ୍ଡା ହୋଇଯିବ, ଏହାକୁ ଫିଲ୍ଟର୍ କରି ଏକ ବୋତଲରେ ରଖନ୍ତୁ।

**କିପରି କରିବେ ବ୍ୟବହାର:**

ଘର ତିଆରି ଏହି ସ୍ୱତନ୍ତ୍ର ତେଲ ଲଗାଇବା ପୂର୍ବରୁ ଚୁଟିକୁ ପାନିଆରେ ଭଲଭାବେ କୁଣ୍ଡାନ୍ତୁ। ବର୍ତ୍ତମାନ ଏହି ତେଲକୁ ଚୁଟିର ମୂଳରୁ ଅଗ ପର୍ଯ୍ୟନ୍ତ ଲଗାନ୍ତୁ। ରାତିରେ ଶୋଇବା ପୂର୍ବରୁ କିମ୍ବା ଚୁଟି ଧୋଇବାର ଅତି କମରେ ୨ ଘଣ୍ଟା ପୂର୍ବରୁ ଏହା କରନ୍ତୁ। ଏହା ପରେ ଚୁଟିକୁ ସାମାନ୍ୟ ସାମ୍ପୁରେ ଧୋଇ ଦିଅନ୍ତୁ। ଏହି ତେଲକୁ ସପ୍ତାହରେ ଦୁଇରୁ ତିନିଥର ଲଗାଇଲେ ଚୁଟି ଶୀଘ୍ର ଲମ୍ବା



## ମସଲା ପୁରୀର ମଜା ନିଆରା: ଥରେ ଖାଇ ଦେଖନ୍ତୁ



ଆମେ ଘରେ ସାଧାରଣତଃ ଅଟାରେ ସାଧା ପୁରୀ କରି ଖାଇଥାଉ। ହେଲେ କେବେ ଭାବିଛନ୍ତି ପୁରୀ ବି ଚଟପଟା ସ୍ୱାଦ ଦେବ । ଥରେ ଏହାକୁ ଖାଇଲେ ପାଟିରୁ ଛାଡ଼ିବନି। ତା' ହେଲେ ଜାଣନ୍ତୁ ଏହାର ପ୍ରସ୍ତୁତି ପ୍ରଣାଳୀ।

ଆବଶ୍ୟକ ସାମଗ୍ରୀ: ଅଟା, ଲୁଣ, ଜିରା, ଚିଲି ଫ୍ଲେକ୍ସ, କସ୍ତୁରି ମେଥି, ଫ୍ରେଶ୍ ଦହି, ରିଫାଇନ ତେଲ ଓ ହଳଦି ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଏକ ପାତ୍ରରେ ଅଟା ନେଇ ସେଥିରେ ଲୁଣ, ଜିରା, ଚିଲି ଫ୍ଲେକ୍ସ, କସ୍ତୁରି ମେଥି, ଫ୍ରେଶ୍ ଦହି, ରିଫାଇନ ତେଲ ଓ ହଳଦିକୁ ଭଲ ଭାବେ ମିଶାନ୍ତୁ। ଏହାପରେ ସେଥିରେ ଅଳ୍ପ ଅଳ୍ପ ପାଣି ପକାଇ ଚକଟନ୍ତୁ। ଅଟା ସମ୍ପୂର୍ଣ୍ଣ ଚକଟି ହୋଇଯିବା ପରେ ତାହା ନ ଶୁଖିବା ପାଇଁ ତାହା ଉପରେ କିଛି ରିଫାଇନ ତେଲ ମାରି ଦିଅନ୍ତୁ। ଏହି ଅଟା ଚକଟାକୁ ଅଧ ଘଣ୍ଟା ପାଇଁ ଘୋଡ଼ାଇ ଛାଡ଼ି ଦିଅନ୍ତୁ। ଏହାପରେ ଏକ ପ୍ୟାନ୍‌ରେ ତେଲ ଗରମ କରି ପୁରୀ ବେଲି ଛାଣନ୍ତୁ। ଏବେ ପ୍ରସ୍ତୁତ ହୋଇଯିବ ଖାସ୍ତା, ଫୁଲା ଫୁଲା ପୁରୀ। ଗରମାଗରମ ପୁରୀକୁ ଆପଣ ମଟର ତରକାରୀ, ଆଳୁ ତରକାରୀ ସହ ନଚେତ କୌଣସି ଚଟପଟା ଚଟଣୀ ସହ ଖାଇ ପାରିବେ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଗଣତନ୍ତ୍ରର ପ୍ରହସନ...

ଚଣ୍ଡିଗଡ଼ର ମେୟର ନିର୍ବାଚନ ଏବେ ଚର୍ଚ୍ଚାରେ, ବିଶେଷକରି ଭାରତର ସର୍ବୋଚ୍ଚ ନ୍ୟାୟାଳୟ ସୁପ୍ରିମକୋର୍ଟଙ୍କର ଏହି ନିର୍ବାଚନକୁ ନେଇ ମର୍ମଭେଦୀ ମନ୍ତବ୍ୟ ପ୍ରଦାନ ପରେ । ଅଳ୍ପଦିନ ପୂର୍ବେ ଶେଷ ହୋଇଥିବା ଏହି ନିର୍ବାଚନରେ ବିଜୟ ଲାଭ କରି ଭାରତୀୟ ଜନତା ପାର୍ଟି (ବିଜେପି)ର ମେୟର ପଦ ହାସଲ କରିଥିବା ମନୋଜ ଶୋଙ୍କର ଯେ ଏହାକୁ ନିର୍ବାଚନୀ ହେରଫେର ମାଧ୍ୟମରେ ହାସଲ କରିଛନ୍ତି, ତାହା ସ୍ପଷ୍ଟ ହୋଇ ଯାଇଛି କୋର୍ଟଙ୍କ ମନ୍ତବ୍ୟ ପରେ । ସମଗ୍ର ନିର୍ବାଚନ ପ୍ରକ୍ରିୟାର ଭିଡିଓଗ୍ରାଫ୍ କରାଯାଇଥିଲା, ଯାହାକୁ ଦେଖିବା ପରେ ଭାରତର ପ୍ରଧାନ ବିଚାରପତି ଏହାକୁ ଏକ ଭୟଙ୍କର କାର୍ଯ୍ୟ ଭାବରେ ଗ୍ରହଣ କରିଛନ୍ତି ଯେହେତୁ ନିର୍ବାଚନରେ ପ୍ରିଜାଇଡିଂ ଅଫିସର ଭାବରେ କାର୍ଯ୍ୟ କରୁଥିବା ବ୍ୟକ୍ତି ନିଜେ ବ୍ୟାଲଟ୍‌ଗୁଡ଼ିକୁ ବିକୃତ କରୁଥିବା ଦେଖିବାକୁ ମିଳିଛି। ଆଉ ଏହା ପରେ ଖୋଦ୍ ପ୍ରଧାନ ବିଚାରପତି ଏହି କାର୍ଯ୍ୟକୁ ଗଣତନ୍ତ୍ରର 'ହତ୍ୟା' ଏବଂ 'ଗଣତନ୍ତ୍ରର ଉପହାସ' ବୋଲି ମନ୍ତବ୍ୟ ପ୍ରଦାନ କରିଛନ୍ତି। କହିବା ବାହୁଲ୍ୟ, ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ, କିନ୍ତୁ ତଥ୍ୟ ଭାବରେ ଯାହା ସାମ୍ନାକୁ ଆସିଛି, ତାହା ହେଉଛି- ଦାୟିତ୍ୱବାନ୍ ପଦ ପଦବୀରେ ଥିବା ଲୋକମାନେ ଗଣତାନ୍ତ୍ରିକ ପ୍ରକ୍ରିୟାକୁ ସ୍ୱଚ୍ଛ ଭାବରେ କାର୍ଯ୍ୟକାରୀ କରିବାକୁ ନ ଦେଇ ଏହାକୁ ପକ୍ଷପାତିତା ଦ୍ୱାରା ପଦ ଦଳିତ କରିବାକୁ ଆଗେଇ ଆସୁଛନ୍ତି, ଯାହା କୌଣସି ଦୃଷ୍ଟିରୁ ଗ୍ରହଣୀୟ ନୁହେଁ ଏବଂ ଏହି ବ୍ୟାପାରରେ ସର୍ବୋଚ୍ଚ ଅଦାଲତଙ୍କୁ ହସ୍ତକ୍ଷେପ କରି ଏକ ଅନ୍ତରୀଣ ଆଶ୍ୱାସନା ପ୍ରଦାନ କରିବାକୁ ପଡ଼ିଛି । ସୂଚନାଯୋଗ୍ୟ ଯେ ଜାନୁଆରୀ ୩୦ ତାରିଖରେ ସମ୍ପନ୍ନ ହୋଇଥିବା ମେୟର ନିର୍ବାଚନର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏଥିରେ ଦେଖା ଯାଇଥିଲା ଯେ ଏଏପି-କଂଗ୍ରେସ ମିଳିତ ଦଳଙ୍କ ପ୍ରାର୍ଥୀ ୧୨ଟି ଭୋଟ୍ ପାଇଥିବା ବେଳେ ବିଜେପି ପ୍ରାର୍ଥୀ ୧୬ଟି ଭୋଟ୍ ପାଇ ବିଜୟୀ ହୋଇଥିଲେ, ଯେତେବେଳେ କି ଏଏପି-କଂଗ୍ରେସଙ୍କର ମିଳିତ ଭୋଟ୍ ମଧ୍ୟରୁ ୮ଟି ନାକଚ ହୋଇଥିଲା ବା ନାକଚ କରି ଦିଆଯାଇଥିଲା। ଉଲ୍ଲେଖଯୋଗ୍ୟ ଯେ କର୍ପୋରେସନ୍‌ରେ ଏଏପିର ୧୩ ଜଣ ସଦସ୍ୟ ଥିବା ବେଳେ କଂଗ୍ରେସର ୭ ଜଣ ଅଛନ୍ତି, ପରନ୍ତୁ ଏଏପି ପ୍ରାର୍ଥୀ କୁଲଦୀପ କୁମାର ମାତ୍ର ୧୨ଟି ଭୋଟ୍ ପାଇଥିଲେ। ଚଣ୍ଡିଗଡ଼ର ମେୟର ୩୫ ଜଣ ନିର୍ବାଚିତ କାଉନ୍‌ସିଲର ଏବଂ ଚଣ୍ଡିଗଡ଼ ପାଇଁ ଜଣେ ସାଂସଦଙ୍କ ଦ୍ୱାରା ନିର୍ବାଚିତ ହୋଇଥାନ୍ତି । ଚଣ୍ଡିଗଡ଼ର ମେୟର ନିର୍ବାଚନ ମୂଳରୁ ହିଁ ବିବାଦର ଘେର ଭିତରକୁ ପଶି ଯାଇଥିଲା। ଜାନୁଆରୀ ୩୦ ତାରିଖରେ ଅନୁଷ୍ଠିତ ଏହି ନିର୍ବାଚନ ପଞ୍ଜାବ ଏବଂ ହରିୟାନା ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ସମ୍ପନ୍ନ ହୋଇଥିଲା । ପୂର୍ବରୁ ଏହା ଜାନୁଆରୀ ୧୮ ତାରିଖରେ ସମ୍ପନ୍ନ କରାଯିବାକୁ ସ୍ଥିର ହୋଇ ସାରିଥିଲା, କିନ୍ତୁ ଶେଷ ମୁହୂର୍ତ୍ତରେ ଏହାକୁ ଫେବ୍ରୁଆରୀ ୬ ତାରିଖକୁ ଘୁଞ୍ଚାଇ ଦିଆଯାଇଥିଲା, କାରଣ ଜଣା ପଡ଼ିଥିଲା ଯେ ବିଜେପି ସଂଖ୍ୟାଲଘୁ ଶାଖାର ଜଣେ ମନୋନୀତ କାଉନ୍ସିଲର ଅନୀଲ ମସିହ ଅସୁସ୍ଥ ହୋଇ ପଡ଼ିଥିଲେ। ତେବେ କୋର୍ଟଙ୍କୁ ଧନ୍ୟବାଦ ଦେବାକୁ ହେବ ଯେ ଏହି ନିର୍ବାଚନକୁ ସେ ଜାନୁଆରୀ ୩୦ ତାରିଖରେ ହେବା ପାଇଁ ସ୍ଥିର କରିଥିଲେ। ସେ ଯାହାହେଉ, ପରିଶେଷରେ ଅନୁଷ୍ଠିତ ଏହି ଭୋଟ୍‌ର ଭିଡିଓରେ ପ୍ରିଜାଇଡିଂ ଅଫିସରଙ୍କ କାର୍ଯ୍ୟକୁ ଦେଖିବା ପରେ ସୁପ୍ରିମ୍‌କୋର୍ଟ ହତଚକିତ ହୋଇ ଯାଇଥିଲେ ଏବଂ ସେଥିପାଇଁ ପରବର୍ତ୍ତୀ ଶୁଣାଣି ସମୟରେ ସମ୍ପୃକ୍ତ ଅଫିସରଙ୍କୁ ବ୍ୟକ୍ତିଗତ ଭାବରେ ହାଜର ହୋଇ ନିଜର ଆଚରଣ ସମ୍ପର୍କରେ ବୟାନ ଦେବାକୁ କୋର୍ଟ ଆଦେଶ ପ୍ରଦାନ କରିଛନ୍ତି। ତେବେ କୋର୍ଟ ଆହୁରି ମଧ୍ୟ ବିସ୍ମିତ ହୋଇଛନ୍ତି ପଞ୍ଜାବ ଏବଂ ହରିୟାନା ହାଇକୋର୍ଟଙ୍କ କାର୍ଯ୍ୟକୁ ଦେଖି ଯେ ଏହା ମଧ୍ୟ ସମ୍ପୃକ୍ତ ଅଫିସରଙ୍କ କାର୍ଯ୍ୟରେ କୌଣସି ତ୍ରୁଟି ବାହାର କରି ନାହାନ୍ତି । ଏହି 'ନିର୍ବାଚନୀ ପ୍ରକ୍ରିୟାର ସ୍ୱଚ୍ଛତା' ଯାହାକି 'ଦେଶରେ ସ୍ଥିରତା ବଜାୟ ରଖିବାର ଏକ ମହାନ ଶକ୍ତି' ତାକୁ ସୁପ୍ରିମ୍‌କୋର୍ଟ ବିଚାରକୁ ନେଇଥିବା ବେଳେ, ହାଇକୋର୍ଟ ଏ ସବୁଟିରୁ କେଉଁଟି ପ୍ରତି ମଧ୍ୟ ନଜର ନଦେବା, ଯେତେବେଳେ କି ପ୍ରଭାବିତ ପକ୍ଷ ବ୍ୟାଲଟ୍ ପେପରକୁ ନଷ୍ଟ କରାଯାଇ ଥିବାର ଅଭିଯୋଗ ଉଠାଇଛନ୍ତି ଏବଂ କୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ତଦାରଖରେ ସାନି ନିର୍ବାଚନ କରିବାକୁ ଦାବି କରିଛନ୍ତି, ତାହା ସୁପ୍ରିମ୍‌କୋର୍ଟଙ୍କୁ କ୍ଷୁବ୍ଧ କରିଛି। ଏଥିରେ ଦ୍ୱିରୁକ୍ତି ନାହିଁ ଯେ ଚଣ୍ଡିଗଡ଼ର ଏହି ଘଟଣା ଦେଶର ଗୋଟିଏ ମାତ୍ର ସହରର ପ୍ରସଙ୍ଗ ଯାହା ଗୋଟିଏ ମ୍ୟୁନିସିପାଲ କର୍ପୋରେସନ୍‌କୁ ପ୍ରଭାବିତ କରିଛି । କିନ୍ତୁ ଏକ ବୃହତ୍ତର ପରିପ୍ରେକ୍ଷୀରେ ଚିନ୍ତା କଲେ ସହଜରେ ଯେ କୌଣସି ସଚେତନ ନାଗରିକ ଜାଣି ପାରିବେ ଯେ ଏକ ନିର୍ବାଚନକୁ ଏତେ ନିର୍ଲଜ ଭାବରେ କବ୍‌ଜା କରାଯିବା ଗଣତନ୍ତ୍ର ପାଇଁ ଏକ ଗୁରୁତର ନିହିତାର୍ଥକୁ ବହନ କରୁଛି । ଜାତୀୟ ସ୍ତରରେ ଲଗାତର ତୃତୀୟ ଥର ପାଇଁ କ୍ଷମତାକୁ ଆସିବାକୁ ଉଦ୍ୟମ କରୁଥିବା ଏକ ରାଜନୀତିକ ଦଳ ଦ୍ୱାରା ଏପରି ହେରଫେର କରିବାକୁ ହାଲ୍‌କା ଭାବରେ ଗ୍ରହଣ କରାଯିବା କ୍ୱଚିତ୍ ସ୍ପୃହଣୀୟ । ଗଣତନ୍ତ୍ର ଏଇ ଆଧାରରେ ବିଭିନ୍ନ କ୍ଷେତ୍ରରେ ଜଗାରଖା କରିବାର ବ୍ୟବସ୍ଥା କରିଛି ଯେ ଲୋକମାନେ ହୁଏତ କେତେବେଳେ ଭୁଲ୍ କରି ପାରନ୍ତି। କିନ୍ତୁ ବାଡ଼ ଯଦି ନିଜେ କ୍ଷେତକୁ ଖାଏ, ତା'ହେଲେ କିଏ ଆଉ ଫସଲକୁ ସୁରକ୍ଷା ଦେବ ? ସାମ୍ପ୍ରତିକ କ୍ଷେତ୍ରରେ ଚଣ୍ଡିଗଡ଼ରେ ନିରପେକ୍ଷ ଭାବରେ ଆଉ ଥରେ ମେୟର ନିର୍ବାଚନ କରାଯିବା ଅବଶ୍ୟ ଏହି ଘଟଣାରେ ଏକ ନ୍ୟାୟିକ ସମାଧାନ ଆଣି ପାରିବ। ସଙ୍ଗେ ସଙ୍ଗେ ଦେଶର ସମସ୍ତ ନାଗରିକ ଚଣ୍ଡିଗଡ଼ର ଏହି ଲଜ୍ଜାଜନକ ଘଟଣା ଉପରେ ଥରେ ଆଖି ପହଁରାଇବା ସହିତ ଚିନ୍ତା କରିବା ଉଚିତ ଯେ ବିଭିନ୍ନ ବ୍ୟବସ୍ଥାରେ ତଦାରଖ କରିବାକୁ ସରକାର ସ୍ଥାପନ କରିଥିବା ଅନୁଷ୍ଠାନଗୁଡ଼ିକ ସେମାନଙ୍କର ନୈତିକ ଦାୟିତ୍ୱ ନିର୍ବାହରେ ଯଦି ବିଫଳ ହୁଅନ୍ତି, ତା'ହେଲେ ସର୍ବୋଚ୍ଚ ଅଦାଲତଙ୍କ ଭାଷାରେ ଏହା 'ଗଣତନ୍ତ୍ରର ହତ୍ୟା' ନୁହେଁ କି ?



## ଶ୍ରୀରାମ, ଶ୍ରୀକୃଷ୍ଣଙ୍କୁ ଆପଣଙ୍କର ଗୃହରେ ସମ୍ଭବ କରାନ୍ତୁ

### ଅଜୟ କୁମାର ବେହେରା

ଏହା କେମିତି ? ଆପଣ ଜାଣିଛନ୍ତି ଏପରି ଏକ କାବ୍ୟ ଅଛି ଯାହାର ନାମ କୁମାର ସମ୍ଭବ। କୁମାର ଅର୍ଥ କାର୍ତ୍ତିକେୟ ସେ ଅତି ସୁନ୍ଦର ଯୁବକ, ଶିବ ପାର୍ବତୀଙ୍କର ପୁତ୍ର। ଶିବ ଜଣେ ନକୁଳ, ତାଙ୍କର କୁଳ ନାହିଁ ଅର୍ଥାତ୍ କୁଳୀନ ନୁହଁନ୍ତି। ତାଙ୍କର ଠିକଣା ନାହିଁ, ଘର ନାହିଁ, ବାସ ନାହିଁ, ଭୋଜନ ପାନ କଥା ନକହିଲେ ଭଲ। ଏମିତିକା ଲୋକଙ୍କୁ ଜଣେ ଅନିନ୍ଦ୍ୟ ସୁନ୍ଦରୀ ରାଜକନ୍ୟା ବିଭା ହେବାକୁ ମାନସ କଲେ। ଚକ୍ଷୁ ବୁଜିଲେ ସଂସାର ମାୟା ଧରିବା ମୁସ୍କିଲ ଶିବ ସର୍ବଦା ଚକ୍ଷୁ ବୁଜି ଧ୍ୟାନରତ। ଏ ସମୟରେ ନିଜ ଶରୀର ଜ୍ଞାନ ନାହିଁ। ଖରା ବର୍ଷା ଶୀତ ଜ୍ଞାନ ନାହିଁ କ୍ଷୁଧା ତୃଷାର ଜ୍ଞାନ ନାହିଁ। ଏହା ପୁଣି ଦିନେ କିଏ ନୁହଁ ବର୍ଷ ବର୍ଷ ଦରି ଧ୍ୟାନତପସ୍ୟା ଲୟ ଚାଲିଛି। ଏପରି ଯୋଗୀ କେହି ଦେଖି ନଥିବେ। ସଂସାର ବଡ଼ ସାଧକରେ ଏହାପରି କେହି ନାହିଁ। ଏ ଯୋଗ ବିଭୁତିରେ ନିଷ୍ଠେ ମଣ୍ଡିତ। ଏପରି ବ୍ୟକ୍ତିକୁ ସ୍ୱାମୀ ଆକାରରେ ପାଇବା ବି ଏକ ସାଧନା, ଏ ସାଧନା ପାଇଁ ବି କଠୋରବ୍ରତ ଆବଶ୍ୟକ। ତ୍ୟାଗ ବି ଆବଶ୍ୟକ, ସମୟ ଦେବା ଆବଶ୍ୟକ, ନିଦ୍ରା ଆଳସ୍ୟ ଛାଡ଼ିବା ଆବଶ୍ୟକ। ଏପରି ସାଧନା ପାର୍ବତୀ ପର୍ବତ ରାଜକୁମାରୀ କରିବା ସଂକଳ୍ପ ନେଇ ଆରମ୍ଭ କଲେ ସାଧନା, ଏପରିକି ସେ ସବୁ ଖାଦ୍ୟ ଛାଡ଼ିଲେ, ଶୁଦ୍ଧିଖାଦ୍ୟରେ ଗଣଶ କିଛି ପତ୍ର ତାକୁବି ଛାଡ଼ିଲେ, ତାଙ୍କ ମାଆ ଝିଅର ଏପରି ତପ ଦେଖି ଏହାକୁ ବାରଣ କରି କହିଲେ ଉମା ଏହାର ଅର୍ଥ ଏପରି କରନାହିଁ ମାଆ। ସେ ପତ୍ରାଦି ଭୋଜନ ଶାଗପତ୍ର ପର୍ଣ୍ଣା କରୁନଥିଲେ ସେ ଡାକରେ ଆସିଲେ ଅପର୍ଣ୍ଣା। ଏପରି ସାଧିକା ସେ ତାଙ୍କ ଜ୍ଞାନବଳରେ ଏହି କଠୋର ତପସ୍ୱୀଙ୍କୁ ଚିହ୍ନି ପାରିଥିଲେ। ଆଖି ଖୋଲିଲେ ମାୟା ଧରିବ ଏପରି ଲୋକକୁ ପାଇବା ପାଇଁ ଯାହା ସମୟ ଲାଗୁ ସେ ପ୍ରତୀକ୍ଷା କରିଚାଲିଥିଲେ। ଦେବତାଙ୍କର ତ୍ରାସ ବି ଅଛି, ତେବେ ସର୍ବଦା ନୁହଁ। ମଧ୍ୟରେ ମଧ୍ୟରେ ଆସେ। ଏମିତି ଆସିଥିଲା ଦେବତ୍ରାସ ଏକ ଦୁର୍ଦ୍ଧାନ୍ତ ଅସୁର ଇନ୍ଦ୍ରଙ୍କ ସିଂହାସନ ଉପରେ ନଜର ପକାଇ ସୁଧର୍ମା ଦଖଲକୁ ଆଗଭର ଥିଲା। ଇନ୍ଦ୍ରାଣି ସଙ୍ଗ ଚାହିଁଥିଲା। ସ୍ୱର୍ଗ ନର୍ତ୍ତକୀ ଗନ୍ଧର୍ବଙ୍କ ନୃତ୍ୟ ସଂଗୀତ ପ୍ରତି ଆକୃଷ୍ଟ ହୋଇଥିଲା। ଏପରି ସ୍ଥଳେ ଏକ ବ୍ୟକ୍ତି ଜଣେ ଏପରି ଜନ୍ମ ଜାତକ ହେବା ଦରକାର ଯେ ଏ ଅସୁରକୁ ମାରିବା ସହିତ ଭବିଷ୍ୟତର ଅସୁର ତ୍ରାସ ହୋଇପାରିବ। ଏ ମହାନ କେବଳ ଶିବ ପାର୍ବତୀଙ୍କର ମିଳନରୁ ସମ୍ଭବ। ବିଭିନ୍ନ ଉପଚାର ଦେବତାମାନେ କରି କଠୋରକୁ ତରଳୀ ଚେଷ୍ଟା କରି କରି ବିଫଳ ବେଳେ କାମ ଦେବ କନ୍ଦର୍ପଙ୍କ ଦ୍ୱାରା ଏପରି ଏକ କୁଛ୍ରଚେଷ୍ଟା କଲେ କାମଦେବଙ୍କର ସହଚର ବସନ୍ତ ଋତୁ ଯାହା ମକର ରବିରୁ ମୀନ ରବି ଶେଷ ଯାଏ ଏ ପ୍ରତିବର୍ଷ ଭୋଗ ହୁଏ। ମକର ମାସରେ ବସନ୍ତପଞ୍ଚମୀ ଠାରୁ ଚୈତ୍ର ପୂର୍ଣ୍ଣିମା ଯାଏ ବସନ୍ତ ଋତୁ। ମକର ମାସର ଚିହ୍ନ ମକର ଏହା ମର କେତନଙ୍କର ଅଧିକାର ଯାହା କନ୍ଦର୍ପଙ୍କର ଏକ ନାମ କେତନ ଅର୍ଥ ପତାକା ମୀନକେତନ ଏହାବି କନ୍ଦର୍ପଙ୍କର ଅଧିକାର, ମକର ଚିହ୍ନିତ ପତାକାକୁ ମୀନ ଚିହ୍ନିତ ପତାକା। ଏହି ବସନ୍ତ ଋତୁ ଏପରି ସ୍ଥିର ସମୟରେ ଥିବାବେଳେ ଅକଳ ବସନ୍ତ ବହିବା ଏକ ଭିନ୍ନ ଶକୁନା। ଏହି ଶକୁନ ପାଞ୍ଚଟି ଫୁଲର ବାସ୍ନା ଆଣେ ପ୍ରଥମେ ଆମ୍ବର ପରେ ପରେ ଆଉସବୁ। ଅଦିନରେ ଏହି ପୁଷ୍ପ ସୁରଭି ବୋହିବା ଅର୍ଥ ଅଦିନରେ ଏହି ଗଛ ମାନ ଫୁଲ ଫଳ ଧରିବା ଏହା ଅପଶକୁନ। ଅପଶକୁନ ଶରଧାରେ ବିବାହ କରେ। ଭାବନାର ଓଲଟକରେ। ଚେତନାରେ ବିଭ୍ରାଟ କରେ। ପିଲାପାଠପଢ଼ା ଏକ ଯୋଗ ସାଧନା ଏହା ଅପଶକୁନରେ ପଡ଼ିଲେ ପାଠପଢ଼ାରୁ ମନ ଅପସରି ଯାଏ। ରମ୍ଭା ମେନକା ଉର୍ବଶୀ ପରି ପରମା ଯୁବତୀ ଉଙ୍କି ମନରେ ମାରନ୍ତି। କାମ ଚେତନା ତପଃ ଭଙ୍ଗ କରେ। ଏପରି ଶିବଙ୍କର ହେଲା ସେ ଚକ୍ଷୁ ଖୋଲି ଦେଖିଲେ ଯେତେବେଳେ ପାର୍ବତୀ ତାଙ୍କୁ ଫୁଲହାର ପିନ୍ଧାଉଥିଲେ। ଏହି ପୁଷ୍ପମାଲ୍ୟ, ପୁଷ୍ପକେତୁ (କେତୁ ଅର୍ଥ ଧ୍ୱଜା) ଶଙ୍କରଙ୍କ ଉପରେ କନ୍ଦର୍ପର ଜିତାପଟ ହେଲା। କାମାତୁରରେ ଶଙ୍କର ଜର୍ଜ୍ଜରିତ ହେଲେ, ୧ମ ନଜରରେ ମାନସ ଅତି ସୁନ୍ଦର କନ୍ଦର୍ପ ଠାରେ ରହିଗଲା। ସେ କନ୍ଦର୍ପ ଠାରୁ ଆହୁରି ସୁନ୍ଦର ସନ୍ତାନ ଚିନ୍ତନ କରି ପାର୍ବତୀଙ୍କ ସହିତ ମିଳିତ ହେଲେ ଜନ୍ମ ନେଲେ କାର୍ତ୍ତିକ ଅତିସୁନ୍ଦର। ହେଲେ କନ୍ଦର୍ପ ବିଲୁପ୍ତ ହେଲେ ପରେ କନ୍ଦର୍ପଙ୍କ ପତ୍ନୀ ରତିର ଅନୁରୋଧରେ ସେ ଅନୁଙ୍ଗ ହେଲେ ଯେ ଅଙ୍ଗେ ଅଙ୍ଗେ ସ୍ଥାନ ପାଇଲେ। ଏଇ କାର୍ତ୍ତିକଙ୍କୁ କୁମାର କୁହାଯାଏ। ଶିବ ପାର୍ବତୀ ମିଳନରେ କନ୍ଦର୍ପରୁ ସୁନ୍ଦର, ଶରୀର କୁମାର ଜନ୍ମ ସେ ଦୁର୍ଦ୍ଧାନ୍ତ ଅସୁର ନାଶକାରୀ ଏହାପରେ ଦେବରଷି ସବୁ ମନୁଷ୍ୟଙ୍କର ଉପାସ୍ୟ ଏପରିକି ସେ ଦେବଗୁରୁ ବ୍ରହ୍ମାଙ୍କର ଭ୍ରମ ଭଙ୍ଗକାରୀ ଥିଲେ। ଏମିତି ଶକ୍ତିଙ୍କୁ କାଳିଦାସ ସଂସାର ଉପାସନାର ମନ୍ଦିର ବସାଇବାକୁ ଚାହିଁଥିଲେ। ଅନେକ ଚେଷ୍ଟାରେ ସେ ଧନୀ ରାଜାଙ୍କୁ ଅନୁରୋଧ କରି ବିଫଳ ହୋଇଥିଲେ ନିଜେ ସେହିପରି ଧନୀ ବା ଅର୍ଥର ମାଲିକ ନଥିଲେ। ତାଙ୍କର ଉଦ୍ଦେଶ୍ୟ ଏପରି ପୂରଣ ହେଲାନାହିଁ। ପରେ ସେ ସଂକଳ୍ପ କରି ଏକ କାବ୍ୟ ଲେଖିଥିଲେ ଯାହାର ନାମ କୁମାର ସମ୍ଭବ। ଯାହା ସଂସ୍କୃତ ସାହିତ୍ୟର ଅମର ଗ୍ରନ୍ଥ। କାଳିଦାସଙ୍କ ମାନସ କୁମାର ସମ୍ଭବ। ଏପରି ଚିନ୍ତନରୁ ହୋଇଥିଲା।

ଅତଏବ ଆପଣ ଶ୍ରୀରାମ ଶ୍ରୀକୃଷ୍ଣଙ୍କର ଭବ୍ୟ ମନ୍ଦିର ଗଢ଼ାରେ ମନ ଦେଇ ସମୟ ବିତାନ୍ତୁ ନାହିଁ। ହରେ କୃଷ୍ଣ ହରେ ରାମ ମନ୍ତ୍ର ଗୁରୁଙ୍କ ଠାରୁ ନେଇ ଜପ ଆରମ୍ଭ କରନ୍ତୁ ଅପୂର୍ବ ଫଳ ହାତେ ହାତେ ପାଇବେ। ଯାହା କଳିଯୁଗର ତାର ବ୍ରହ୍ମ ନାମ। ଏଥିରୁ ସବୁ ପାଇବେ। ଧର୍ମ ଅର୍ଥ କାମ ମୋକ୍ଷ ସବୁ ମିଳିବ। ଏହା ମନରେ ସ୍ଥାପନା ଗୃହରେ ବିସ୍ଥାପନ କରି ପାରିବେ ଗୃରେ ଏ ଦୁଇଙ୍କର ଫଟୋ ରଖିଲେ ମନରେ ଶାନ୍ତି ମିଳିପାରିବ। ନାମୀ ଠାରୁ ନାମ ମୂଲ୍ୟବାନ, ମୂର୍ତ୍ତି ଠାରୁ ଫଟୋ ଠାରୁ ତାଙ୍କର ମହିମା ନାମ ମୂଲ୍ୟବାନ। ବ୍ୟକ୍ତିଠାରୁ ତାଙ୍କର କୀର୍ତ୍ତି ମୂଲ୍ୟବାନ କୃତି। ଯୋଗୀ, କ୍ଷତ୍ରୀୟଙ୍କର ରାଜାଙ୍କର କୀର୍ତ୍ତି, ଜନହିତକର କାମ ବହୁଜନ ହିତାୟ କାମ ସର୍ବଦା ନଜିରରେ ରହି ତାଙ୍କୁ କୀର୍ତ୍ତିମାନ ଅମର ରଖିଥାଏ। ମାନବ ଶରୀରରେ ନଶ୍ୱର ଦୀର୍ଘସ୍ଥାୟୀ ନୁହଁ, ତାଙ୍କର ଦେହାନ୍ତ ସ୍ୱର୍ଗବାସୀ ପରେ ତାଙ୍କର ପ୍ରତିମାଠାରୁ ପ୍ରତିଭାର ମହତ୍ୱ ଅଛି ବୋଲି ସେ ସ୍ମରଣୀୟ। ଅତଏବ ତାଙ୍କର ନାମ ସ୍ମରଣରେ ହରଣ କାରୀଶକ୍ତିକୁ ମନନ କଲେ, ଜପ କଲେ, ଭଜିଲେ, ଲୋକଙ୍କର ଚିନ୍ତନରେ ବିକାର ନରହିପାରେ, ଦିବ୍ୟ ଆନନ୍ଦ ଓ ଦିବ୍ୟପ୍ରେରଣା, ମିଳିପାରେ। ଏପାଇଁ କାହାରି ପଇସାଟିଏ ଖର୍ଚ୍ଚ ହୁଏନାହିଁ। କେବଳ ସମୟ ଖର୍ଚ୍ଚ ହୋଇପାରେ, ମିଛି କେତେ ସମୟ ପରଚର୍ଚ୍ଚା। ବୃଥା ଭାବନାରେ କାଟେ। ଏହା କରିବା ଦ୍ୱାରା ସମୟ ଅମୃତୀକରଣ ହୁଏ। ଅନ୍ୟ କର୍ମ ବେଳେ ବି ଚିନ୍ତନ କରାଯାଇପାରେ। ଅତଏବ ମନେ ମନେ ଜପ ତପ କରନ୍ତୁ। ଗୃହେ ଗୃହେ ତାଙ୍କର ପ୍ରତିଭା ଚିନ୍ତନ କରନ୍ତୁ ତାଙ୍କର ଛବି ପ୍ରତିକୃତି ରଖି ପାରନ୍ତି। ଏମିତି ବାଧ୍ୟବାଧକତା ନାହିଁ। ପୁଣି ମୂର୍ତ୍ତି ଛବି ଘରେ ରଖି ତାଙ୍କ ମହିମାର ବିରୁଦ୍ଧାଚାରୀ ହୋଇ କାମ କଲେ କିଛି ଲାଭ ହୁଏନାହିଁ। ଏପରିକି ଭବ୍ୟ ମନ୍ଦିରକୁ ଯାଇ ଅନେକ ଅର୍ଥ ଅଜଡ଼ିଲେ କେହି ବଡ଼ ଭକ୍ତ ହୋଇଯାଏନାହିଁ। ତାଙ୍କର ଆଦର୍ଶକୁ ପ୍ରାଧାନ୍ୟ ଦେଲେ ହୁଏତ ଏପରି ମୁକ୍ତି, ଦୈବୀ ଅନୁକମ୍ପା ମିଳିପାରେ।


ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ୍, କଟକ, ମୋ: ୯୪୩୭୦୩୧୨୫୩




## ଭାରତରେ ଇମାନୁଏଲ ମାକ୍ରୋନ

### ସୌମେନ୍ଦ୍ର ଜେନା

ଚଳିତ ବର୍ଷ ସାଧାରଣତନ୍ତ୍ର ଦିବସର ଅତିଥି ଭାବେ ଫ୍ରାନ୍ସର ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନ ଯୋଗ ଦେଇଥିଲେ । ପ୍ରଥମେ ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନଙ୍କୁ ଅତିଥି ଭାବେ ନିମନ୍ତ୍ରିତ କରାଯାଇଥିଲେ ହେଁ ସେ ଆସିପାରିବେ ନାହିଁ ବୋଲି ଜଣାଇବାରୁ ମାକ୍ରୋନଙ୍କୁ ନିମନ୍ତ୍ରିତ କରାଯାଇଥିଲା । ଫ୍ରାନ୍ସ ରାଷ୍ଟ୍ରପତି ନିମନ୍ତ୍ରଣ ପାଇବାକ୍ଷଣି ବିନା ଦ୍ୱିଧାରେ ଯୋଗଦେବାକୁ ସମ୍ମତି ପ୍ରଦାନ କରିଥିଲେ । ସବୁଥର ପରି ନିମନ୍ତ୍ରିତ ଅତିଥିଙ୍କ ଭାରତଗସ୍ତ କାଳରେ ଦ୍ୱିପାକ୍ଷିକ ସଂପର୍କ ଆଧାରିତ ଆଲୋଚନା ଯେପରି ହୋଇଥାଏ ଏ ବର୍ଷ ମଧ୍ୟ ସେପରି ହୋଇଥିଲା। କିନ୍ତୁ ଚଳିତବର୍ଷର ବ୍ୟତିକ୍ରମ ହେଲା ମାକ୍ରୋନଙ୍କର କାର୍ଯ୍ୟକ୍ରମ ନୂଆଦିଲ୍ଲୀରୁ ଆରମ୍ଭ ନ ହୋଇ ଜୟପୁରରେ ହେଲା । ଜୟପୁର ସହରକୁ ମାକ୍ରୋନଙ୍କ ସ୍ୱାଗତ ନିମିତ୍ତ ବେଶ ସଜାଯାଇଥିଲା। ଏମିତି ଦେଖିବାକୁ ଗଲେ ପିଙ୍କ ସିଟୀ ଭାବେ ପରିଚିତ ଜୟପୁର ଏକ ସୌନ୍ଦର୍ଯ୍ୟଭରା ନଗରୀ। ମାକ୍ରୋନ ଜୟପୁରର ଆନ୍ତର୍ଜାତିକ ବିମାନବନ୍ଦରରେ ଓହ୍ଲାଇବା ସମୟରେ ଭାରତର ବିଦେଶମନ୍ତ୍ରୀ ଏସ୍.ଜୟଶଙ୍କର ତାଙ୍କୁ ସ୍ୱାଗତ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମାକ୍ରୋନଙ୍କୁ ଏକ ଖୋଲାଗାଡିରେ ସହର ପରିକ୍ରମା କରାଇଥିଲେ। ସଡକର ଉଭୟପାର୍ଶ୍ୱରେ ହଜାର ହଜାର ସଂଖ୍ୟକ ଜନସାଧାରଣଙ୍କର ଉପସ୍ଥିତି ଏବଂ ମାକ୍ରୋନଙ୍କୁ ସ୍ୱାଗତ କରିବା ଦେଖି ଫ୍ରାନ୍ସ ରାଷ୍ଟ୍ରପତି ମୁଗ୍ଧ ହୋଇଥିଲେ। ଜୟପୁର ସହର ପାଇଁ ଏହି ଆୟୋଜନ ପ୍ରଥମ ଥିଲେ ମଧ୍ୟ ନିକଟରେ ନିର୍ବାଚିତ ରାଜସ୍ଥାନର ବିଜେପି ମୁଖ୍ୟମନ୍ତ୍ରୀ ଭଜନଲାଲ୍ ଶର୍ମାଙ୍କ ପାଇଁ ଏହି ବ୍ୟବସ୍ଥା ଥିଲା ପ୍ରଥମ ଏବଂ ସବୁଠୁ ଗୁରୁତ୍ୱପୂର୍ଣ୍ଣ । ଦିଲ୍ଲୀରେ ଆପ୍ ସରକାର ଥିବା ହେତୁ ଏପରି କାର୍ଯ୍ୟକ୍ରମର ଆୟୋଜନ ବେଳେ ଅସୁବିଧା ଏବଂ ଅଯଥା ବିତର୍କକୁ ଏଡାଇବାକୁ ଯାଇ ପ୍ରଧାନମନ୍ତ୍ରୀ ଦଳର ଶାସିତ ରାଜ୍ୟ ରାଜସ୍ଥାନରେ ଏହି ଦ୍ୱିପାକ୍ଷିକ ଆଲୋଚନା କରିବାକୁ ବୋଧହୁଏ ସ୍ଥିର କରିଥିଲେ। ଅନ୍ୟପକ୍ଷରେ ଇସଲାମିକ ଜଗତରେ ମାକ୍ରୋନଙ୍କ ପ୍ରତି ଘୃଣାଭାବ ଥିଲାବେଳେ ଏବଂ ବିଗତ ଦିନରେ ରାଜସ୍ଥାନରେ ଇସଲାମିକ ଗୋଷ୍ଠୀଙ୍କ ଦ୍ୱାରା ଘୃଣ୍ୟ ହତ୍ୟାଦ୍ୱାରା ରାଜ୍ୟକୁ ସନ୍ତ୍ରସ୍ତ କଲାପରି ଉଦ୍ୟମ ହୋଇଥିଲା ବେଳେ ଇସଲାମିକ ଗୋଷ୍ଠୀଙ୍କ ଉପରେ କଠୋର ପଦକ୍ଷେପ ନେଇ ଚର୍ଚ୍ଚିତ ହୋଇଥିବା ଫ୍ରାନ୍ସ ରାଷ୍ଟ୍ରପତିଙ୍କୁ ଖୋଲାଗାଡିରେ ସହର ପରିକ୍ରମା କରାଇ ନରେନ୍ଦ୍ର ମୋଦି କଠୋର ସନ୍ଦେଶ ଦେଇଥିଲେ । ଏକଥା ସତ ଯେ ଇସଲାମିକ ଗୋଷ୍ଠୀଙ୍କୁ ନିୟନ୍ତ୍ରଣ କରିବା ପାଇଁ ପ୍ରଧାନମନ୍ତ୍ରୀ ମୋଦି ନିଜେ ସିଧାସଳଖ ସମାଲୋଚନା କରୁନଥିଲେ ମଧ୍ୟ ପରୋକ୍ଷ ଇଙ୍ଗିତରେ ବହୁ ସମୟରେ ଚେତାବନୀ ଦେଇଛନ୍ତି । ବିଶ୍ୱ ରାଜନୀତିରେ ଇସଲାମିକ ରାଷ୍ଟ୍ରଗୋଷ୍ଠୀଙ୍କ ଦ୍ୱାରା ଅନେକ ମାମଲାରେ ସନ୍ତ୍ରାସବାଦୀ ଗୋଷ୍ଠୀଙ୍କୁ ସମର୍ଥନ ଦେବା ନୀତିକୁ ମଧ୍ୟ ପ୍ରଧାନମନ୍ତ୍ରୀ ମୋଦି ଖାରଜ କରିଛନ୍ତି । ଇସ୍ରାଏଲ୍‌ରେ ହାମାସର ଆକ୍ରମଣ ଏବଂ କାଶ୍ମୀରରେ ସନ୍ତ୍ରାସବାଦୀଙ୍କ ଆକ୍ରମଣକୁ ପ୍ରତ୍ୟକ୍ଷଭାବେ ଇସଲାମିକ ରାଷ୍ଟ୍ରଗୋଷ୍ଠୀ ଆନ୍ତର୍ଜାତିକ ସ୍ତରରେ ସାହାଯ୍ୟ, ସହଯୋଗ ଏବଂ ସମର୍ଥନ ପ୍ରଦାନ କରିଆସିଛନ୍ତି ।

ଭାରତ ମହାସାଗର ଏବଂ ପ୍ରଶାନ୍ତ - ଭାରତ ମହାସାଗରୀୟ କ୍ଷେତ୍ରକୁ ଅଧିକ ସୁରକ୍ଷିତ ରଖିବା ପାଇଁ ଭାରତ-ଫ୍ରାନ୍ସ ମିଳିତ ଭାବେ କାର୍ଯ୍ୟ କରିବାକୁ ରାଜି ହୋଇଥିଲେ। ଦ୍ୱିପାକ୍ଷିକ ଆଲୋଚନାରେ ଯୋଗଦେଇ ଫ୍ରାନ୍ସ ରାଷ୍ଟ୍ରପତି ପ୍ରତିରକ୍ଷା ଶିଳ୍ପରେ ଭାରତକୁ ସହଯୋଗ, ମିଳିତ ବିକାଶ, ଡିଜାଇନିଂ, ଉତ୍ପାଦନ ସହ ତୃତୀୟ ରାଷ୍ଟ୍ରଗୁଡିକୁ ରପ୍ତାନୀ ପାଇଁ ସହମତ ହୋଇଥିଲେ । ଭାରତକୁ ଯୁଦ୍ଧବିମାନ ଇଞ୍ଜିନ ନିର୍ମାଣରେ ସହଯୋଗ କରିବାକୁ ସମ୍ମତି ପ୍ରଦାନ କରିଥିଲେ । ନୌସେନା ପାଇଁ ରାଫେଲ୍-ଏମ ଯୁଦ୍ଧବିମାନ ବିକ୍ରି, ସ୍କର୍ପିନ ଶ୍ରେଣୀର ଯୁଦ୍ଧପୋତ ନିର୍ମାଣ, ସ୍ନାତକୋତ୍ତର ଶିକ୍ଷା ପାଇଁ ପାଞ୍ଚବର୍ଷିଆ ଭିସା ପ୍ରଦାନ, ସ୍ୱାସ୍ଥ୍ୟସେବାରେ ସହଯୋଗ, ଶିକ୍ଷା, ପ୍ରଶିକ୍ଷଣ, ଗବେଷଣା କ୍ଷେତ୍ର ଲାଗି ଦ୍ୱିପାକ୍ଷିକ ବୁଝାମଣା ହୋଇଥିଲା । ମହାକାଶ ଗବେଷଣା ନିମନ୍ତେ ଭାରତର ଇସ୍ରୋର ବାଣିଜ୍ୟିକ ଶାଖା ନିଉ ସ୍ପେସ୍ ଇଣ୍ଡିଆ ଲିମିଟେଡ୍ ସହ ଫ୍ରାନ୍ସର ଏରିଆନ ସ୍ପେସ ମଧ୍ୟରେ ଉପଗ୍ରହ ଉତ୍କ୍ଷେପଣ ପାଇଁ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଥିଲା । ଭାରତର ଟାଟା ଗ୍ରୁପ୍ ସହ ଫ୍ରାନ୍ସର ହେଲିକପ୍ଟର ନିର୍ମାତା ଏୟାରବସ୍ ଭାରତରେ ଏଚ୍-୧୨୫ ମଡେଲର ହେଲିକପ୍ଟର ନିର୍ମାଣ ଏବଂ ରପ୍ତାନୀ ପାଇଁ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଥିଲା । ଏହି ହେଲିକପ୍ଟର ବେସାମରିକ ପରିବହନ, ପାହାଡିଆ ଅଞ୍ଚଳରେ ଯୋଗାଯୋଗ, ଏୟାର୍ ଆମ୍ବୁଲାନ୍ସ କ୍ଷେତ୍ରରେ ବେଶ୍ ସହାୟକ ହେବ । ବିପର୍ଯ୍ୟୟ କାଳରେ ଲୋକଙ୍କୁ ଉଦ୍ଧାର ଏବଂ ପରିବହନ ପାଇଁ ଏହି ହାଲୁକା ହେଲିକପ୍ଟର ସହାୟକ ହେଉଥିବାରୁ ଭାରତ ସରକାର ଏହାର ଦେଶୀୟ ଉତ୍ପାଦନ ଏବଂ ରକ୍ଷଣାବେକ୍ଷଣ ଉପରେ ଜୋର ଦେଇ ଅଧିକ ସଂଖ୍ୟାରେ ଉତ୍ପାଦନ କରି ରାଜ୍ୟମାନଙ୍କୁ ଶସ୍ତାରେ ଯୋଗାଇ ଦେବାକୁ ଯୋଜନା ରଖିଛନ୍ତି । ଉଡାନ ଯୋଜନାରେ ଅନେକ ବିମାନ ବନ୍ଦର ନିର୍ମାଣ ହେଉଥିବାରୁ ଏହି ହେଲିକପ୍ଟର ଦେଶର କୋଣାନୁକୋଣରେ ଉଡାଣ ଭରିପାରିବ । ସେମିତି ସାମୁଦ୍ରିକ କ୍ଷେତ୍ରରେ ସଚେତନତା, ରୋବୋଟିକ୍ସ, ସାଇବର ସୁରକ୍ଷା କ୍ଷେତ୍ରରେ ଦୁଇଦେଶ ମିଳିତ ଭାବେ କାର୍ଯ୍ୟକରିବାକୁ ସହମତ ହୋଇଛନ୍ତି । ୨୦୨୬କୁ ଭାରତ-ଫ୍ରାନ୍ସ 'ନବସର୍ଜନର ବର୍ଷ' ଭାବେ ପାଳନ କରିବେ । ଭାରତ ସରକାର ଆଇଏନଏସ୍ ବିକ୍ରାନ୍ତ ପାଇଁ ୨୬ଟି ରାଫେଲ -ଏମ୍ କିଣିବାକୁ ଯୋଜନା ରଖିଛନ୍ତି । ଏହାଛଡା ପଞ୍ଚମପିଢୀର ଯୁଦ୍ଧବିମାନର ଇଞ୍ଜିନ ନିର୍ମାଣ ପାଇଁ ଭାରତକୁ ୧୦୦ ପ୍ରତିଶତ ଜ୍ଞାନ କୌଶଳ ଦେବାକୁ ଫ୍ରାନ୍ସର ସାଫ୍ରାନ କମ୍ପାନୀ ରାଜି ହୋଇଛି । ମିଳିତ ଦ୍ୱିପାକ୍ଷିକ ଘୋଷଣାପତ୍ରରେ ଭାରତ-ଫ୍ରାନ୍ସ ମଧ୍ୟରେ ପ୍ରତିରକ୍ଷା ଏବଂ ସୁରକ୍ଷା ସହଯୋଗ ବୃଦ୍ଧି, ଦ୍ୱିପାକ୍ଷିକ,ବହୁପାକ୍ଷିକ ଏବଂ କ୍ଷେତ୍ରୀୟ ସ୍ତରରେ ଆନୁଷ୍ଠାନିକ ସହଯୋଗ ଲାଗି ସହମତି ପ୍ରକାଶ ପାଇଥିଲା । ଭାରତ ମହାସାଗରରେ ପଶ୍ଚିମ କ୍ଷେତ୍ରରେ ମିଳିତ ରକ୍ଷା ବ୍ୟବସ୍ଥା ନିର୍ମାଣ, ଫ୍ରାନ୍ସର ଦ୍ୱୀପ ଲା-ରିୟୁନିଅନରୁ ୨୦୨୦ ଏବଂ ୨୦୨୨ ପରି ଆଗାମୀ ଦିନରେ ଅଧିକ ସକ୍ରୀୟ ରକ୍ଷା ବ୍ୟବସ୍ଥା ନିର୍ମାଣ ପାଇଁ ଦୁଇଦେଶ ରାଜି ହୋଇଛନ୍ତି । ଏକଥା ମଧ୍ୟ ସତ ଯେ ଫ୍ରାନ୍ସ ଭାରତର ବିଶ୍ୱାସଯୋଗ୍ୟ ପ୍ରତିରକ୍ଷା ସହଯୋଗୀ ରାଷ୍ଟ୍ର ରହିଆସିଛି । ଚୁକ୍ତିର ସମୟ ମଧ୍ୟରେ ପ୍ରତିରକ୍ଷା ସାମଗ୍ରୀ ଯୋଗାଣ ଏବଂ ପରବର୍ତ୍ତୀ ରକ୍ଷଣାବେକ୍ଷଣ କ୍ଷେତ୍ରରେ ଫ୍ରାନ୍ସ ସବୁବେଳେ ରୁଷିଆଠାରୁ ଆଗରେ ରହିଛି । ଅନ୍ୟପକ୍ଷରେ ଭାରତକୁ ରାଫେଲ ବିମାନ ବିକ୍ରି କରି ଫ୍ରାନ୍ସ କମ୍ପାନୀ କେବଳ ଲାଭବାନ ଯେ ହୋଇଛି ତା ନୁହେଁ । କମ୍ପାନୀର କ୍ଷତିକୁ ଭରଣା କରିବା ସହ ଅନେକ ଦେଶରୁ ଭଲ ଅର୍ଡର ପାଇବାକୁ ସକ୍ଷମ ହୋଇଛି । ସଂପ୍ରତି ଆମେରିକା ଏବଂ ଚୀନ ମଧ୍ୟରେ ପ୍ରତିରକ୍ଷା, ଅର୍ଥନୀତି କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱିତା ଚାଲିଥିବା ସମୟରେ ୟୁରୋପୀୟ ସଂଘର ରାଷ୍ଟ୍ରଗୁଡିକ ନିଜକୁ ତୃତୀୟ ବିକଳ୍ପ ଗୋଷ୍ଠୀ ଭାବେ ସଂଗଠିତ କରି ଛିଡା ହେବାକୁ ଚାହୁଁଛନ୍ତି । ସେଥିପାଇଁ ଭାରତର ବଜାର ସେମାନଙ୍କ ପାଇଁ ଆକର୍ଷଣର କେନ୍ଦ୍ର ହୋଇଛି ।

(କ୍ରମଶଃ)






### ଅବୁଝା ମନ

#### ଭାସ୍କର ବାରିକ୍

ସୁଖଭୋଗୀ କେବେ ଦେଇ ଜାଣେନାହିଁ
ଅନ୍ୟର ଓଠରେ ହସ
ସ୍ୱାର୍ଥବାଦୀ ହେଲେ ସମୟ ଚକ୍ରରେ
ପିଇବାକୁ ହୁଏ ବିଷ ।

ଓଠ ଉପକୂଳେ ହସର ଜୁଆର
କାହା ଖୁସି ମାରିଦେଇ
ଅର୍ଥର ନିଶାରେ ମତୁଆଲା ମନ
ଶାନ୍ତିରେ ପାରେ କି ରହି ?

ମନ ଉପବନ ବିଧ୍ୱସ୍ତ କରିଲ
ଛିଡେଇ ରକ୍ତ ଗୋଲାପ
ଅହମିକା ଅହଂକାର ଆଦରିଲ
କଲନାହିଁ ଅନୁତାପ ।

ଶାଣିତ ଖଡ଼ଗ କରି ଦେଇଅଛି
ହୃଦୟକୁ ଦୁଇ ଫାଳ
ଲୁହ ଝରିଅଛି ରକ୍ତ ନିଗିଡିଛି
ଭୋଗିଛି ପ୍ରେମର ଫଳ ।

ହସୁଥିଲ ଦିନେ ଭବିଷ୍ୟତ ଭୁଲି
ମୋତେ ଛୁରୀ ଭୁଷି ଦେଇ
ଦୁଃଖ ଓ ଦୁର୍ଦ୍ଦିନ ବାଷ୍ପୀଭୂତ କଲା
ଆଖିର କଜ୍ଜଳ ଧୋଇ ।

ହାରିବା ଦୁଃଖରେ ଭାଙ୍ଗି ପଡ଼ିନାହିଁ
ହରେଇ ନାହିଁ ବିଶ୍ୱାସ
ବୁଝି ଯାଇଥିଲି ବିଫଳତା ପୁଞ୍ଜି
ଆଣିବ ଦିନେ ହରଷ ।

ଭଙ୍ଗା ପଡ଼ିଥିବା ଖୁସିର ଜୁଆର
ଆଜି ମୋତେ ଛୁଇଁଅଛି
ସବୁକିଛି ଥାଇ ତଥାପି ମନଟା
ଅବୁଝା କିଆଁ ହେଉଛି ?


ବାସୁଦେବପୁର,ଭଦ୍ରକ
ମୋ:୯୪୩୭୩୨୦୩୫୦


### ଅନ୍ଧ ବିଶ୍ୱାସ

#### ଧୀରେନ୍ଦ୍ର ମଲ୍ଲିକ



ବାଡ଼ି ବଗିଚାରେ ଖେଳୁ ଖେଳୁ ଝିଅ
ପଳେଇଲା ବାଡ଼ କଡ଼କୁ,
ଥିଲା ସେହିଠାରେ ବିଷଧର ସାପ
ଚୋଟ ମାରିଲା ତା' ଗୋଡ଼କୁ।

ସଙ୍ଗେ ସଙ୍ଗେ ସିଏ ଅଚେତ ହୋଇଲା
ଭୟ ଯେ ବହୁତ ଲାଗିଲା,
ମାଆ ତା'ର କାନ୍ଦି ଗଡ଼ିଯାଇ ତଳେ
ପ୍ରଭୁଙ୍କୁ ଜୀବନ ମାଗିଲା।

ଏହାଦେଖି ବୁଢା ଲୋକଟିଏ ଆସି
କହିଲେ କାନ୍ଦନି ଏଠାରେ,
ମେଡ଼ିକାଲ ନେଇଯାଅ ବେଗି ତାକୁ
ଭଲ ହୋଇଯିବ ସେଠାରେ।

ଏହିକଥା ଶୁଣି ଝିଅ ମା' କହିଲା
ମେଡ଼ିକାଲ ସିଏ ଯିବନି,
ଗୁଣିଆ ପାଖକୁ ନେଇଯାଅ ତାକୁ
ଡାକତର କାମ ଦେବନି।
ଯାହାବି କାମୁଡେ ଆମକୁ ପୂର୍ବରୁ
ଗୁଣିଆ ପାଖକୁ ଯାଇଛୁ,
ଝଡ଼ା ଫୁଙ୍କା ବଳେ ବିନା ଆଶଙ୍କାରେ
ସଙ୍ଗେ ସଙ୍ଗେ ଭଲ ହେଇଛୁ।

ଝିଅକୁ ନେଇକି ଯିବି ସେହିଠାକୁ
ଭଲହେବ ଦେହ ତାହାର,
ଯିଏ ଯାହା କହୁ ଗୁଣିଆ ଝାଡ଼ିବ
ଶୁଣିବିନି କଥା କାହାର।

ଗୁଣିଆ ପାଖକୁ ନେଇକି ଝିଅକୁ
ମାଆ ତା'ର ଝାଡ଼ି ଆଣିଲା,
ଘରେ ପହଞ୍ଚିବା ପୂର୍ବରୁ ଝିଅର
ଜୀବନ ନଥିବା ଜାଣିଲା।

ପରିବାର ଲୋକ ତଥାପି ସନ୍ଦେହେ
ମେଡିକାଲ ଗଲେ ନେଇକି,
ଗୋଡ଼ରେ ତାହାର ମୋଟା
କପଡ଼ାଟେ
ଟାଣକରି ବାନ୍ଧି ଦେଇକି।

ଡାକତର ଦେଖିକହିଲେ ନାହିଁ ସେ
ନେଉନି ନିଶ୍ୱାସ ପବନ,
ଅଧଘଣ୍ଟା ପୂର୍ବେ ଯଦି ଆଣିଥାନ୍ତ
ବଞ୍ଚି ଯାଇଥାନ୍ତା ଜୀବନ।

ଡାକତର ଠାରୁ ଏହିକଥା ଶୁଣି
ଅନେଇଲା ମାଆ ମୁହଁକୁ,
କହିଲା ଏ ଅନ୍ଧ ବିଶ୍ୱାସ ପାଇଁ ମୁଁ
ହରେଇଲି ଆଜି ଝିଅକୁ ।


ନୀଳକଣ୍ଠପୁର,ମଙ୍ଗଳପୁର, ଯାଜପୁର
ମୋ:୭୯୦୪୩୯୨୬୮୬


### ଜୟ ଶ୍ରୀରାମ

#### ଜିତେନ୍ଦ୍ର ଚନ୍ଦ୍ର ସାହୁ



ମନ ମନ୍ଦିରରେ ବିରାଜ ହେ ପ୍ରଭୁ
ହେ ପ୍ରଭୁ କୋଦଣ୍ଡ ଧାରି
ତୁମ ନାମ ଜପି ଅଧମ ଜୀବନ
ଏ ସଂସାରୁ ହେଉ ପାରି ।
ଏତିକି ଶକତି ଊଣା କରିବିନି
ରାମ ନାମ ତୁଣ୍ଡେ ଥାଉ
ଲୋଡା ନାହିଁ ମୋର ଅପୂର୍ବ ଦରବ
ତୁମେ ପ୍ରଭୁ ଥାଉ ଥାଉ ।

ପାପି ଟିଏ ମୁହିଁ ତୁମରି ସଂସାରେ
ତୁମେ ମୁକ୍ତି ଦାତା ହରି
ଏ ପାପି ମନକୁ କରିଦିଅ ନାଶ
ଆସ ପ୍ରଭୁ ଅବତରି ।

ପିତୃ, ଭାତୃ ପ୍ରେମ କର ମୋ ଜାଗ୍ରତ
ବିଶ୍ୱ ପ୍ରେମ ଦିଅ ଭରି
ପ୍ରଭୁ ତୁମେ ପ୍ରାଣ ମୋ ମନ ମନ୍ଦିରେ
ନିତି ହେଉଥିବି ଝୁରି ।


ବସୋଇ,ପରଜଙ୍ଗ, ଢେଙ୍କାନାଳ
ମୋ: ୯୭୭୬୪୫୪୮୦୦

# ପରିବେଶ ସୁରକ୍ଷାରେ ଦୀୟା



ବଲିଉଡ୍ ଅଭିନେତ୍ରୀ ଦୀୟା ମିର୍ଜା ସଂପ୍ରତି ଅଭିନୟ କ୍ଷେତ୍ରରେ ବିଶେଷ ସକ୍ରିୟ ନାହାନ୍ତି, କିନ୍ତୁ ପରିବେଶ ସୁରକ୍ଷା କ୍ଷେତ୍ରରେ ନିଜକୁ ନିୟୋଜିତ କରି ଚର୍ଚ୍ଚାରେ ରହିଛନ୍ତି। ବିବିସି ପକ୍ଷରୁ ଜାରି ବିଶ୍ୱର ୧୦୦ ଶ୍ରେଷ୍ଠ ମହିଳାଙ୍କ ସୂଚୀରେ ଯେଉଁ ୪ ଜଣ ଭାରତୀୟ ସ୍ଥାନ ପାଇଛନ୍ତି ସେମାନଙ୍କ ମଧ୍ୟରେ ଅଛନ୍ତି ଦୀୟା। 'ନର୍ମଦା ବଞ୍ଚାଅ ଆନ୍ଦୋଳନ'କୁ ସେ ଅଭିନେତା ଅମିର ଖାଁଙ୍କ ସହିତ ମିଶି ସାର୍ବଜନୀନ ଭାବେ ସମର୍ଥନ କରି ଆଲୋଚନାର ପରିସରକୁ ଆସିଥିଲେ। ଏଥିସହିତ, ପ୍ରାଣୀଙ୍କ ଉପରେ ନୂତନ ଔଷଧର ପରୀକ୍ଷା ଉପରେ ନିଷେଧାଦେଶ ପାଇଁ ଆନ୍ଦୋଳନ କରୁଥିବା 'ଦି ବଡି ସୋପ୍'କୁ ମଧ୍ୟ ଦୀୟା ସମର୍ଥନ କରିଥିଲେ। ସେ ଲକ୍ଷ୍ନୌସ୍ଥିତ 'ପ୍ରିନସ ଅଫ ୱ୍ୱାଲେଜ୍ ଜୁଲୋଜିକାଲ ପାର୍କ'ରେ ଦୁଇଟି କଲରାପତ୍ରିଆ ଶାବକଙ୍କୁ ପୋଷ୍ୟ ଭାବେ ଗ୍ରହଣ କରିଥିଲେ। ଏଥିସହ 'ପେଟା' ଓ 'କ୍ରାଏ' ଭଳି ପ୍ରତିଷ୍ଠିତ ପରିବେଶ ସୁରକ୍ଷା ସଂଗଠନଙ୍କ ବିଭିନ୍ନ କାର୍ଯ୍ୟକ୍ରମ ସହିତ ଦୀୟା ଜଡ଼ିତ ରହିଛନ୍ତି।ସେ ଲକ୍ଷ୍ନୌସ୍ଥିତ 'ପ୍ରିନସ ଅଫ ୱ୍ୱାଲେଜ୍ ଜୁଲୋଜିକାଲ ପାର୍କ'ରେ ଦୁଇଟି କଲରାପତ୍ରିଆ ଶାବକଙ୍କୁ ପୋଷ୍ୟ ଭାବେ ଗ୍ରହଣ କରିଥିଲେ। ଏଥିସହ 'ପେଟା' ଓ 'କ୍ରାଏ' ଭଳି ପ୍ରତିଷ୍ଠିତ ପରିବେଶ ସୁରକ୍ଷା ସଂଗଠନଙ୍କ ବିଭିନ୍ନ କାର୍ଯ୍ୟକ୍ରମ ସହିତ ଦୀୟା ଜଡ଼ିତ ରହିଛନ୍ତି। ଭାରତ ସରକାରଙ୍କ ସ୍ୱଚ୍ଛ ଭାରତ ମିସନର ଯୁବ ଶାଖା ସ୍ୱଚ୍ଛ ସାଥୀ କାର୍ଯ୍ୟକ୍ରମ ଲାଗି ତାଙ୍କୁ ଆମ୍ବାସାଡର ଚୟନ କରାଯାଇଛି। ଜଣେ ଆମ୍ବାସାଡର ଭାବେ ସେ ସଚେତନତା ଅଧିବେଶନ, ସାମୂହିକ ସଫେଇ କାର୍ଯ୍ୟକ୍ରମ ଓ ମୋଟିଭେସନାଲ ଭିଡିଓ ଜରିଆରେ ସମଗ୍ର ଦେଶର ସ୍କୁଲ ଓ କଲେଜ ଶିକ୍ଷାର୍ଥୀମାନଙ୍କ ସହିତ ଭାବ ବିନିମୟ କରୁଛନ୍ତି। ସେ ଭାରତ ପାଇଁ 'ଜାତିସଂଘ'ର ଗୁଡଉଇଲ୍ ଆମ୍ବାସାଡର ନିଯୁକ୍ତ ହୋଇ ୨୦୨୨ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ। ୨୦୧୭ରେ ତାଙ୍କୁ 'ୱାଇଲ୍‌ଡଲାଇଫ୍ ଟ୍ରଷ୍ଟ୍ ଅଫ୍ ଇଣ୍ଡିଆ'ର ବ୍ରାଣ୍ଡ୍ ଆମ୍ବାସାଡର ଭାବେ ମଧ୍ୟ ନିଯୁକ୍ତ କରାଯାଇଥିଲା ଓ ଏହି ସଙ୍ଗଠନର 'କ୍ଲବ୍ ନେଚର ଇନିସିଏଟିଭ୍'ର ସେ ଅନ୍ୟତମ ପ୍ରତିଷ୍ଠାତା ସଦସ୍ୟ। ଦୀର୍ଘ ଏକ ଦଶନ୍ଧି ଧରି ପରିବେଶ ସୁରକ୍ଷା ଲାଗି କାର୍ଯ୍ୟ କରିଆସୁଥିବା ଦୀୟାଙ୍କୁ ବିଭିନ୍ନ ଜାତୀୟ-ଅନ୍ତର୍ଜାତୀୟ ସଂଗଠନ ପକ୍ଷରୁ ସମ୍ବର୍ଦ୍ଧିତ ଓ ପୁରସ୍କୃତ କରାଯାଇଛି।

# ପୁଣି ଭିଲେନ ହେବେ ଇମ୍ରାନ୍ ହାଶ୍ମି; ୨୫୦ କୋଟିର ଫିଲ୍ମରେ ଆସିବେ ନଜର



ଗ୍ୟାଙ୍ଗଷ୍ଟର ଡ୍ରାମା ଫିଲ୍ମ 'ଓଜି'ର ରିଲିଜ୍ ତାରିଖ ଚୂଡାନ୍ତ ହୋଇଛି। ଏହି ଚଳଚ୍ଚିତ୍ରରେ ପୱନ ମୁଖ୍ୟ ନାୟକରେ ନଜର ଆସିବେ, ଯେଉଁଠାରେ ବଡିଉଡ୍ ?ର ରୋମାଣ୍ଟିକ୍ ବୟ ଇମ୍ରାନ ହାଶ୍ମୀଙ୍କୁ ଏକ ଖଳ ଭୂମିକାରେ ଦେଖିବାକୁ ମିଳିବ। ସାଉଥ୍ ଷ୍ଟାର୍ ପୱନ କଲ୍ୟାଣଙ୍କ ଆଗାମୀ ଗ୍ୟାଙ୍ଗଷ୍ଟର ଡ୍ରାମା ଫିଲ୍ମ 'ଓଜି'ର ରିଲିଜ୍ ତାରିଖ ଚୂଡାନ୍ତ ହୋଇଛି। ଏହି ଚଳଚ୍ଚିତ୍ରରେ ପୱନ ମୁଖ୍ୟ ନାୟକରେ ନଜର ଆସିବେ, ଯେଉଁଠାରେ ବଡିଉଡ୍‌ର ରୋମାଣ୍ଟିକ୍ ବୟ ଇମ୍ରାନ ହାଶ୍ମୀଙ୍କୁ ଏକ ଖଳ ଭୂମିକାରେ ଦେଖିବାକୁ ମିଳିବ। ଏହା ଏକ ଗ୍ୟାଙ୍ଗଷ୍ଟର ଡ୍ରାମା ଫିଲ୍ମ, ଯାହାକୁ ସୁଜିତ ନିର୍ଦ୍ଦେଶନା ଦେଉଛନ୍ତି। ସୁଜିତ ୨୩ ବର୍ଷ ବୟସରେ ତେଲୁଗୁ ଚଳଚ୍ଚିତ୍ର 'ରନ୍ ରାଜା ରନ୍' ସହିତ ନିର୍ଦ୍ଦେଶନା ଜଗତରେ ପ୍ରବେଶ କରିଥିଲେ। 'ଓଜି'ର ଅଭିନେତା ଏବଂ ନିର୍ମାତା ଏହାର ନୂଆ ପୋଷ୍ଟର ସହିତ ଫିଲ୍ମର ରିଲିଜ୍ ତାରିଖ ଘୋଷଣା କରିଛନ୍ତି। ଏହା ୨୭ ସେପଟ୍ମେବରରେ ସାରା ବିଶ୍ୱରେ ରିଲିଜ୍ ହେବାକୁ ଯାଉଛି। ଫିଲ୍ମ 'ଓଜି'ର ଏକ ବଡ଼ ଅଂଶ ମୁମ୍ବାଇ ଏବଂ ହାଇଦ୍ରାବାଦରେ ସୁଟିଂ କରାଯାଇଛି। କୁହାଯାଉଛି ଯେ ଏହି ଚଳଚ୍ଚିତ୍ରରେ ଏକ ଜବରଦସ୍ତ ଆକ୍ସନ୍ ଡ୍ରାମା ଅଛି, ଯେଉଁଥିରେ ହାଇ-ଆକ୍ସେନ୍ ସିକ୍ୱେନ୍ସ ସାମିଲ ଅଛି। ଏହି ଚଳଚ୍ଚିତ୍ରରେ ପୱନ କଲ୍ୟାଣ ଏବଂ ଇମ୍ରାନ ହାଶ୍ମୀ ପରସ୍ପର ସହ ଫାଇଟ୍ କରୁଥିବା ନଜର ଆସିବେ। ଅଫିସିଆଲ୍ ରିଲିଜ୍ ତାରିଖ ଘୋଷଣା କରି ଡିଭିଭି ଏଣ୍ଟରଟେନ୍‌ମେଣ୍ଟ୍ ଏକ ପୋଷ୍ଟର ଉନ୍ମୋଚନ କରିଛି ଯେଉଁଥିରେ ପୱନ କଲ୍ୟାଣ ଏକ କାର ପାଖରେ ଠିଆ ହୋଇ ହାତରେ ଏକ ଗରମ ଚା' ଗ୍ଲାସ୍ ଧରିଛନ୍ତି। ଏହାର କ୍ୟାପ୍‌ସନ୍‌ରେ ଲେଖିଛନ୍ତି, 'ସେ ତାଙ୍କୁ 'ଓଜି'ବୋଲି କୁହନ୍ତି। 'ଓଜି' ୨୭ ସେପଟ୍ମେବର ୨୦୨୪ରେ ରିଲିଜ୍ ହେବ।' 'ଓଜି' ପୂର୍ବରୁ ସୁଜିତ ପ୍ରଭାସ ଏବଂ ଶ୍ରଦ୍ଧା କପୁରଙ୍କ ଅଭିନୀତ 'ସାହୋ'କୁ ନିର୍ଦ୍ଦେଶନା ଦେଇଥିଲେ। ଏହି ଚଳଚ୍ଚିତ୍ରରେ ହାଇ ଆକ୍ସେନ୍ ସିକ୍ୱେନ୍ସ ଥିଲା, କିନ୍ତୁ ବକ୍ସ ଅଫିସରେ ଫ୍ଲପ୍ ହୋଇଥିଲା। 'ଓଜି'ରେ ଥମନ୍ ଏସ୍‌ଙ୍କ ସଂଗୀତ ଶୁଣିବାକୁ ମିଳିବ। ଏହି ଚଳଚ୍ଚିତ୍ରରେ ପୱନ କଲ୍ୟାଣ ଏବଂ ଇମ୍ରାନ ହାଶମିଙ୍କ ବ୍ୟତୀତ ପ୍ରକାଶ ରାଜ, ପ୍ରିୟଙ୍କା ମୋଜନ, ଅର୍ଜୁନ ଦାସ ମଧ୍ୟ ଅଛନ୍ତି। ରିପୋର୍ଟ ଅନୁଯାୟୀ, ପୱନ କଲ୍ୟାଣ ଏବଂ ଇମ୍ରାନ ହାସମିଙ୍କ ଫିଲ୍ମ 'ଓଜି'ର ବଜେଟ୍ ୨୫୦କୋଟି ଟଙ୍କା ରହିଛି। ଏହା ପୱନ କଲ୍ୟାଣଙ୍କ କ୍ୟାରିୟରର ସର୍ବୋଚ୍ଚ ବଜେଟ୍ ଚଳଚ୍ଚିତ୍ର। ତାଙ୍କ ହାତରେ ବର୍ତ୍ତମାନ 'ଉସ୍ତାଦ ଭାଗବତ ସିଂହ', 'ହରି ହରା ବୀରା ମଲ୍ଲୁ' ଏବଂ 'ବ୍ରୋ' ଭଳି ଚଳଚ୍ଚିତ୍ର ଅଛି ଯେଉଁଥିରେ ସେ ମୁଖ୍ୟ ଭୂମିକାରେ ନଜର ଆସିବେ।

# କିସ୍ କରି ଫସିଲେ ହ୍ରିତିକ୍-ଦୀପିକା; ମିଳିଲା ଲିଗାଲ୍ ନୋଟିସ୍

କିସ୍ କରି ଫସିଲେ ହ୍ରିତିକ୍-ଦୀପିକା। ହିନ୍ଦୀ ଫିଲ୍ମ 'ଫାଇଟର'କୁ ଲିଗାଲ୍ ନୋଟିସ। ପଠାଇଛନ୍ତି ୱିଙ୍ଗ୍ କମାଣ୍ଡର ସୌମ୍ୟ ଦୀପ ଦାସ। ଅଭିନେତା, ଅଭିନେତ୍ରୀ ତଥା ପ୍ରଯୋଜନା ସଂସ୍ଥାକୁ ଏହି ନୋଟିସ୍ ପହଞ୍ଚିଛି। ରିଲିଜ ହେବା ପରଠାରୁ ହ୍ରିତିକ ରୋଶନ ଏବଂ ଦୀପିକା ପାଦୁକୋନ ଷ୍ଟାରର 'ଫାଇଟର୍' ଚର୍ଚ୍ଚାରେ ରହିଛି। ଯଦିଓ ବକ୍ସ ଅଫିସରେ ନିର୍ମାତା ଆଶା କରିଥିବା ପରି ଫିଲ୍ମଟି ପ୍ରଦର୍ଶନ କରି ନାହିଁ, କିନ୍ତୁ ଫିଲ୍ମଟି ଦର୍ଶକଙ୍କୁ ପସନ୍ଦ ଆସିଶି। ଏଥି ସହିତ ସମାଲୋଚକମାନେ ମଧ୍ୟ ଏହାକୁ ପ୍ରଶଂସା କରୁଛନ୍ତି।

ବର୍ତ୍ତମାନ ଏହି ଚଳଚ୍ଚିତ୍ରର ଏକ ସିନ୍‌କୁ ନେଇ ବିବାଦ ସାମ୍ନାକୁ ଆସିଛି। ଆସାମର ଜଣେ ଭାରତୀୟ ବାୟୁସେନା ଅଧିକାରୀ ନିର୍ମାତାଙ୍କୁ ଏକ ଆଇନଗତ ନୋଟିସ୍ ପଠାଇଛନ୍ତି।

'ଫାଇଟର'ରେ ହ୍ରିତିକ ରୋଶନ ଏବଂ ଦୀପିକା ପାଦୁକୋନଙ୍କୁ ପ୍ରଥମ ଥର ପାଇଁ ବଡ ପରଦାରେ ଏକାଠି ଦେଖିବାକୁ ମିଳିଛି। ଏହି ଫିଲ୍ମରେ ଦୁହିଁଙ୍କ ମଧ୍ୟରେ ଥିବା ଜବରଦସ୍ତ କେମେଷ୍ଟ୍ରୀକୁ ଦର୍ଶକ ଖୁବ ପସନ୍ଦ କରିଛନ୍ତି। ତେବେ ଫିଲ୍ମରେ ଥିବା ଦୀପିକା ଏବଂ ହ୍ରିତିକଙ୍କ ମଧ୍ୟରେ ଥିବା ଏକ ଚୁମ୍ବନ ଦୃଶ୍ୟକୁ ନେଇ ଆସାମ ବାୟୁସେନା ଅଧିକାରୀ ଅସନ୍ତୁଷ୍ଟ ପ୍ରକାଶ କରିଛନ୍ତି। ଖବର ଅନୁଯାୟୀ, ଭାରତୀୟ ବାୟୁସେନା ଅଧିକାରୀ ଏହା ମଧ୍ୟ କହିଛନ୍ତି ଯେ ସେନା ୟୁନିଫର୍ମରେ ହ୍ରିତିକ ଏବଂ ଦୀପିକାଙ୍କ ମଧ୍ୟରେ ଚୁମ୍ବନ ଦୃଶ୍ୟ ୟୁନିଫର୍ମ ସହିତ ଜଡିତ ସମ୍ମାନ ଏବଂ ପବିତ୍ରତାକୁ ଅସମ୍ମାନ କରୁଛି। ତେଣୁ ସେମାନେ 'ଫାଇଟର'ର ନିର୍ମାତାଙ୍କୁ ଏକ ଆଇନଗତ ନୋଟିସ୍ ପଠାଇଛନ୍ତି। ତେବେ ଏ ପର୍ଯ୍ୟନ୍ତ ଏ ବାବଦରେ ନିର୍ମାତାଙ୍କ ତରଫରୁ କୌଣସି ପ୍ରତିକ୍ରିୟା ମିଳି ନାହିଁ। ନିକଟରେ ଏକ ସାକ୍ଷାତକାରରେ ସିଦ୍ଧାର୍ଥ ଆନନ୍ଦ 'ଫାଇଟର'ର ବକ୍ସ ଅଫିସ୍‌ରେ ଖରାପ ପ୍ରଦର୍ଶନ ବିଷୟରେ କହିଥିଲେ। ରିପବ୍ଲିକ୍ ଡେ ୱିକେଣ୍ଡର ଗୋଟିଏ ଦିନ ପୂର୍ବରୁ ଏହି ଫିଲ୍ମ ଜାନୁଆରୀ ୨୫ (ଗୁରୁବାର) ରେ ମୁକ୍ତିଲାଭ କରିଥିଲା।



'ଫାଇଟର୍' ନିର୍ଦ୍ଦେଶକ ସ୍ୱୀକାର କରିଛନ୍ତି ଯେ ସପ୍ତାହ ମଝିରେ ଏକ ଫିଲ୍ମ ରିଲିଜ୍ କରିବା ଅନେକ ଚ୍ୟାଲେଞ୍ଜ ସୃଷ୍ଟି କରିଥାଏ। ସେ କହିଛନ୍ତି ଯେ ୨୦୨୩ ମସିହାରେ ମୁକ୍ତିଲାଭ କରିଥିବା 'ପଠାନ'ର ବକ୍ସ ଅଫିସ୍‌ରେ ପ୍ରଦର୍ଶନ ଆଶାକୁ ବଢାଇ ଦେଇଥିଲା।

# ସଙ୍ଗୀତ ଓ ଓଡ଼ିଶୀ ନୃତ୍ୟ ମୋର ପସନ୍ଦ: ଜେ ବି ଜାହ୍ନବୀ

ଓଡିଶାର ସଙ୍ଗୀତ ଓ କଳା ସଂସ୍କୃତି କ୍ଷେତ୍ରରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି ଜେ ବି ଜାହ୍ନବୀ । ୨୦୧୩ ମସିହାରେ ସେ ଜନ୍ମ ଗ୍ରହଣ କରିଥିଲେ ଭଦ୍ରକ ଜିଲ୍ଲା ବାସୁଦେବପୁର ପୌର ପାଳିକାର୍ଵ ମ ନ୍ଦାରି ରାଧାନାଥପୁରଠାରେ । ଜେ ବି ଜାହ୍ନବୀ , ତାଙ୍କର ଡାକ ନାମ ଗୁଡ଼ି । ତାଙ୍କର ପିତା ହେଉଛନ୍ତି ଆଦର୍ଶ ଶିକ୍ଷକ ବିଶ୍ୱନାଥ ବାରିକ ଓ ମାତା ଜ୍ୟୋସ୍ନା ରାଣୀ ବାରିକ୍ । ବର୍ତ୍ତମାନ ଏମ ଏଲ ଏ କଲୋନୀ ବାସୁଦେବପୁର ରେ ବାସ କରୁଛନ୍ତି ଗୁଡ଼ି ଓ ତାଙ୍କ ପରିବାର । ବାସୁଦେବପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପଞ୍ଚମ ଶ୍ରେଣୀ ଛାତ୍ରୀ ଭାବେ ସେ ପାଠ ପଢୁଛନ୍ତି । ରାଜ୍ୟ ସ୍ତରୀୟ ଟାଇ କଣ୍ଡୋ କରାଟେ ଖେଳରେ ଗୋଲ୍ଡ ମେଡାଲ ଓ ଜାତୀୟ ସ୍ତରୀୟ ବ୍ରୋଞ୍ଜ୍ ମେଡାଲ ହାସଲ କରିଛନ୍ତି ଗୁଡ଼ି । ଶ୍ରୀମଦ୍ ଭଗବତ ଗୀତା ଶ୍ଳୋକ ଉଚ୍ଚାରଣ ଓ ଆବୃତ୍ତି ପ୍ରତିଯୋଗିତାରେ ବ୍ଲକ ସ୍ତରୀୟ ପ୍ରଥମ ସ୍ଥାନ ଅଧିକାର କରିଥିଲେ ଗୁଡ଼ି । ଏହା ବ୍ୟତୀତ ସ୍ୱାଧୀନତା ଦିବସ ଓ ସାଧାରଣ ତନ୍ତ୍ର ଦିବସ ରେ ପୌର ପା ଳି କା ତରଫରୁ ଭାଷଣ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ହାସଲ କରିଛନ୍ତି ଓ ପୁରସ୍କାର ଲାଭ କରିଥିଲେ ଗୁଡ଼ି । ଏଥି ସହିତ ସେ ଭଲ ଗୀତ ଗାଆନ୍ତି । ମହାପ୍ରଭୁ ଜଗନ୍ନାଥଙ୍କ ଭଜନ ଜଣାଣ ଓ ଦେଶାତ୍ମକ ବୋଧକ ଗୀତ ଗାଆନ୍ତି ଗୁଡ଼ି । ବାସୁଦେବପୁର ମାନ୍ୟବର ବିଧାୟକ ବିଷ୍ଣୁ ବ୍ରତ ରାଉତରାୟଙ୍କଠାରୁ ସେ ପୁରସ୍କାର ଲାଭ କରିଛନ୍ତି । ଖୁବ୍ ମେଧାବୀ ଛାତ୍ରୀ ଗୁଡ଼ି ଅନେକ କ୍ଷେତ୍ରରେ ସଫଳତା ହାସଲ କରିଛନ୍ତି । ହସ ହସ ମୁହଁ ଓ ମିଠା ମିଠା କଥାରେ ଗୁଡ଼ି ସମସ୍ତଙ୍କୁ ଆପଣାର କରି ନିଅନ୍ତି । ଈଶ୍ୱରଙ୍କ କୃପାରୁ ଗୁଡ଼ି ଙ୍କ ଭବିଷ୍ୟତର ଚଲାପଥରେ ପୁଷ୍ପ ବୃଷ୍ଟି ହେଉ । ଆମର ଏତିକି ପ୍ରାର୍ଥନା ।




ଉପସ୍ଥାପନା: ପ୍ରଦୀପ୍ତ ମହାନ୍ତି
ସମ୍ପାଦକ ରଙ୍ଗରାଗ, ବରଣ୍ଡୁଆ, ବାସୁଦେବପୁର, ଭଦ୍ରକ
ମୋବାଇଲ: ୯୯୩୭୯୭୬୩୫୧


# ସାଉଥ୍‌ର୍ ଏହି ୫ ତାରକା ବଲିଉଡ୍‌ରେ କରିଛନ୍ତି ଭାଗ୍ୟ ପରୀକ୍ଷା: କିନ୍ତୁ ହେଇ ନାହାନ୍ତି ସଫଳ



ସାଉଥ୍‌ର ପ୍ରାୟ ସମସ୍ତ କଳାକାର ନିଶ୍ଚିତ ଭାବରେ ବଲିଉଡ୍ ଇଣ୍ଡଷ୍ଟ୍ରିରେ ନିଜ ଭାଗ୍ୟ ପରୀକ୍ଷା କରିବାକୁ ଚାହାଁନ୍ତି। କେତେକ ସେଲିବ୍ରେଟ୍ ସଫଳ ହୋଇଥିଲେ ମଧ୍ୟ ଏମିତି କିଛି ତାରକା ଅଛନ୍ତି ଯେଉଁମାନେ ନିଜ ଅଭିନୟର ଯାଦୁକୁ ବଲିଉଡ୍‌ରେ ଦେଖେଇ ପାରି ନାହାନ୍ତି। ତେବେ ଆସନ୍ତୁ ସେହି ସେଲିବ୍ରେଟିମାନଙ୍କୁ ଜାଣିନେବା।

ଆଜିକାଲି ସମୟ ଏମିତି ହୋଇଛି ଯେ ବଲିଉଡ୍ ଅପେକ୍ଷା ସାଉଥ୍ ଫିଲ୍ମକୁ ଅଧିକ ଲୋକ ଅପେକ୍ଷା କରୁଛନ୍ତି। ସାଉଥ୍ ଚଳଚ୍ଚିତ୍ରଗୁଡିକ ଦର୍ଶକଙ୍କ ମଧ୍ୟରେ ଯଥେଷ୍ଟ ଲୋକପ୍ରିୟତା ହାସଲ କରିବାରେ ସଫଳ ହୋଇଛି। ଚଳଚ୍ଚିତ୍ର ସଫଳତା ଦୃଷ୍ଟିରୁ ସାଉଥ୍ ତାରକାମାନେ ମଧ୍ୟ ବଲିଉଡ୍‌କୁ ପଛରେ ପକାଇ ଦେଇଛନ୍ତି। କିନ୍ତୁ ଏହା ସତ ଯେ ସାଉଥ୍‌ର ପ୍ରାୟ ସମସ୍ତ କଳାକାର ନିଶ୍ଚିତ ଭାବରେ ବଲିଉଡ୍ ଇଣ୍ଡଷ୍ଟ୍ରିରେ ନିଜ ଭାଗ୍ୟ ପରୀକ୍ଷା କରିବାକୁ ଚାହାଁନ୍ତି।

ସାଉଥ୍ ଇଣ୍ଡଷ୍ଟ୍ରୀରେ ଯେତେ ସଫଳ ହେଲେ ବି ସାଉଥ୍ ତାରକାମାନେ ସେମାନଙ୍କର ଉତ୍କୃଷ୍ଟ ଅଭିନୟ ମାଧ୍ୟମରେ ମଧ୍ୟ ବଲିଉଡରେ ଦବଦବା ଦେଖେଇବାକୁ ଚାହୁଁଛନ୍ତି। ଦକ୍ଷିଣର ଅନେକ ତାରକା ବଲିଉଡ୍‌ରେ ନିଜ ଭାଗ୍ୟ ପରୀକ୍ଷା କରିଛନ୍ତି। ଏପରି ପରିସ୍ଥିତିରେ, କେତେକ ସେଲିବ୍ରେଟ୍ ସଫଳ ହୋଇଥିଲେ ମଧ୍ୟ ଏମିତି କିଛି ତାରକା ଅଛନ୍ତି ଯେଉଁମାନେ ନିଜ ଅଭିନୟର ଯାଦୁକୁ ବଲିଉଡ୍‌ରେ ଦେଖେଇ ପାରି ନାହାନ୍ତି। ତେବେ ଆସନ୍ତୁ ସେହି ସେଲିବ୍ରେଟିମାନଙ୍କୁ ଜାଣିନେବା।

**ଭେଙ୍କଟେଶ ଦଗୁବାତୀ:**

ଅଭିନେତା ଭେଙ୍କଟେଶ ଦଗୁବାତୀଙ୍କୁ ସାଉଥ୍‌ର ସୁପରଷ୍ଟାର ଭାବରେ ବିବେଚନା କରାଯାଏ। ପ୍ରାୟ ୩୦ ବର୍ଷ ପୂର୍ବେ ଦଗୁବାତୀ ଫିଲ୍ମ 'ଅନାଡୀ'ରେ ଅଭିନେତ୍ରୀ କରିସ୍ମା କପୁରଙ୍କ ସହ କାମ କରିଥିଲେ। ତାଙ୍କର ପ୍ରଥମ ଚଳଚ୍ଚିତ୍ର 'ଅନାଡୀ'କୁ ସେତେବେଳେ ଖୁବ ପ୍ରଶଂସା କରାଯାଇଥିଲା। ଏହି ଚଳଚ୍ଚିତ୍ର ୧୯୯୨ରେ ମୁକ୍ତିଲାଭ କରିଥିବା। ଏହା ତେଲୁଗୁ ଚଳଚ୍ଚିତ୍ର 'ଚଣ୍ଡି'ର ରିମେକ୍ ଥିଲା। ଭେଙ୍କଟେଶଙ୍କ ଫିଲ୍ମ 'ତକ୍‌ଦୀରୱାଲା' ମଧ୍ୟ ଏକ ବଡ଼ ହିଟ୍ ହୋଇଥିଲା। ଏହା ସତ୍ତ୍ୱେ ବି ସେ ବଲିଉଡରେ ଏକ ବିଶେଷ ପରିଚୟ କରିପାରିଲେ ନାହିଁ।

**ଅରବିନ୍ଦ ସ୍ୱାମୀ:**

ସାଉଥ୍ ଇଣ୍ଡଷ୍ଟ୍ରିର ସୁପରଷ୍ଟାର ଅରବିନ୍ଦ ସ୍ୱାମୀଙ୍କ ନାମ ମଧ୍ୟ ଏହି ତାଲିକାରେ ରହିଛି। ଅଭିନେତା ଅରବିନ୍ଦଙ୍କ 'ରୋଜା' ଚଳଚ୍ଚିତ୍ର ଦର୍ଶକଙ୍କୁ ବହୁତ ପସନ୍ଦ ଆସିଥିଲା। ଏହି ଚଳଚ୍ଚିତ୍ରଟି ବକ୍ସ ଅଫିସ୍‌ରେ ସଫଳ ହୋଇଥିଲା। ଏହି ଚଳଚ୍ଚିତ୍ରର ହିନ୍ଦୀ ଡବ୍ ମଧ୍ୟ ସମାନ ଭାବରେ ସଫଳ ହୋଇଥିଲା। ଅରବିନ୍ଦ ୧୯୯୫ ମସିହାରେ 'ବମ୍ବେ' ଚଳଚ୍ଚିତ୍ରରେ ମନୀଷା କୋଇରାଲାଙ୍କ ସହ କାମ କରିଥିଲେ। ଏହି ଚଳଚ୍ଚିତ୍ରଟି ବକ୍ସ ଅଫିସରେ ଏକ ବଡ଼ ହିଟ୍ ହୋଇଥିଲା। ତେବେ ଅଭିନେତା ବଲିଉଡ୍‌ରେ ସାଉଥ୍ ଭଳି ନାମ ଅର୍ଜନ କରିବାରେ ବିଫଳ ହେଲେ।

**ବିକ୍ରମ:**

ସାଉଥ୍ ଅଭିନେତା ବିକ୍ରମ କେନେଡି ଜନ୍ ଭିକ୍ଟର ଭାବରେ ଜଣାଶୁଣା। ଏହି ଅଭିନେତା ୧୯୯୦ ମସିହାରେ ଫିଲ୍ମ 'ଏନ୍ କଧଲ କନମଣି'ରୁ ତାଙ୍କର ଅଭିନୟ ଜୀବନ ଆରମ୍ଭ କରିଥିଲେ। ତେଲୁଗୁ ଏବଂ ମାଲାୟାଲମ୍ ଚଳଚ୍ଚିତ୍ରରେ ନିଜର ପ୍ରତିଭା ପ୍ରଦର୍ଶନ କରିବା ପରେ ବିକ୍ରମ ବଲିଉଡ୍‌ରେ ପ୍ରବେଶ କରିଥିଲେ। ସେ ଅନେକ ଚଳଚ୍ଚିତ୍ରରେ କାମ କରିଛନ୍ତି, କିନ୍ତୁ ସେପରି ପ୍ରଦର୍ଶନ କରିପାରି ନାହାନ୍ତି ଯେପରି ସାଉଥ୍ ଇଣ୍ଡଷ୍ଟ୍ରିରେ କରିଛନ୍ତି।

**ସୂର୍ଯ୍ୟା:**

ଅଭିନେତା ସୂର୍ଯ୍ୟା ହେଉଛନ୍ତି ସାଉଥ୍ ଚଳଚ୍ଚିତ୍ର ଇଣ୍ଡଷ୍ଟ୍ରିର ଅନ୍ୟତମ ଅଭିଜ୍ଞ ଅଭିନେତା। ୨୦୧୦ ମସିହାରେ ମୁକ୍ତିଲାଭ କରିଥିବା ତାଙ୍କର ଚଳଚ୍ଚିତ୍ର 'ରକ୍ତ ଚରିତ୍ର ୨' ବିଶେଷ କିଛି କରିପାରିଲା ନାହିଁ। ତାଙ୍କୁ ବିଫଳତାର ସାମ୍ନା କରିବାକୁ ପଡିଥିଲା। ଆଜିକାଲି ନିର୍ଦ୍ଦେଶକ ସିରୁଥା ଶିଭାଙ୍କ ନିର୍ଦ୍ଦେଶିତ ଫିଲ୍ମ 'କଙ୍ଗୁଭା'ରେ ସେ କାମ କରୁଛନ୍ତି।

**ପୃଥ୍ୱୀରାଜ୍ ସୁକୁମାରନ୍:**

ଅଭିନେତା ପୃଥ୍ୱୀରାଜ୍ ସୁକୁମାରନ୍ ମାଲାୟାଲମ୍ ସିନେମାରେ ଅନେକ ସଫଳ ଚଳଚ୍ଚିତ୍ର ଦେଇଛନ୍ତି। ଫିଲ୍ମ 'ଅଇୟା'ରେ ରାନୀ ମୁଖାର୍ଜୀଙ୍କ ସହ ବଲିଉଡ୍‌ରେ ନଜର ଆସିଥିଲେ। ଏହା ବ୍ୟତୀତ ଅଭିନେତା ତାପସୀ ପନ୍ନୁଙ୍କ ସହ 'ଶବାନା' ଚଳଚ୍ଚିତ୍ରରେ ମଧ୍ୟ କାମ କରିଛନ୍ତି। ସୁକୁମାରନଙ୍କ ଏହି ବଲିଉଡ ଚଳଚ୍ଚିତ୍ରଗୁଡ଼ିକ ପ୍ରାୟ ଫ୍ଲପ୍ ହୋଇଛି।

# ଅସିତ୍ ପରିଡାଙ୍କ ସ୍ମୃତିରେ ବିଶାଳ ରକ୍ତଦାନ ଓ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ



ନୀଳଗିରି, ୦୮/୨ (ନି,ପ୍ର): ନୀଳଗିରି ୟୁଥ୍ ଫେଷ୍ଟ୍ ତରଫରୁ ୟୁଥ୍ ଫେଷ୍ଟ୍ ପରିବାରର ଜଣେ ଆଗଧାଡିର ସଦସ୍ୟ ଅସିତ୍ ପରିଡ଼ା (କାଲୁଭାଇ)ଙ୍କ ଏକାଦଶାହ ଉପଲକ୍ଷେ ତାଙ୍କ ସ୍ମୃତିରେ ବିଶାଳ ରକ୍ତଦାନ ଶିବିର ଓ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି ।ଏହି ବିଶାଳ ରକ୍ତଦାନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନୀଳଗିରିର ଉପଜିଲ୍ଲାପାଳ ମନ୍ଦରଧର ମହାଳିକ ଫିତା କାଟି ଉକ୍ତ ରକ୍ତଦାନ ଶିବିରକୁ ଉଦଘାଟିତ କରିଥିବା ବେଳେ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଉକ୍ତ ରକ୍ତଦାନ ଶିବିରରେ ମୋଟ ୪୯ ୟୁନିଟ ରକ୍ତ ସଂଗ୍ରହ କରାଯାଇ ରକ୍ତ ଭଣ୍ଡାର କୁ ପଠାଯାଇଥିବା ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ ଏକ ମାଗଣା ଚକ୍ଷୁ ପରୀକ୍ଷା ଶିବିର କରାଯାଇଥିବା ସୂଚନା ରହିଛି। ଏହି ରକ୍ତଦାନ କାର୍ଯ୍ୟକ୍ରମ ୟୁଥ୍ ଫେଷ୍ଟ୍ ମହୋତ୍ସବ କମିଟି ପକ୍ଷରୁ ପରିଚାଳନା କରାଯାଇଥିବା ବେଳ, କମିଟିର ସଦସ୍ୟ ତାପସ ପରିଡ଼ା, ଚନ୍ଦ୍ରବିନ୍ଦୁ ଦାସ୍, କପିଳ ସାମଲ, ମାନସ ପରିଡ଼ା, ବ୍ରଜକିଶୋର ପାଣି, ଗୟାଧର ବେହେରା, ମାନସ ଜେନା, ରମେଶ ସ, ଭାରତ ବିଶ୍ୱାଳ, ବିସ୍ମୟ ମଲ୍ଲିକ୍, ବିଜୟ ପ୍ରଧାନ,ପାପୁନା ପରିଛା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ବରିଷ୍ଠ ନାଗରିକ ମଂଚ ପକ୍ଷରୁ ଜିଲ୍ଲାସ୍ତରୀୟ ବୈଠକ




ବାଲେଶ୍ୱର,ତା ୭/୦୨: ଜିଲ୍ଲା ବରିଷ୍ଠ ନାଗରିକ ମଂଚ ପକ୍ଷରୁ ମଙ୍ଗଳବାର ପୂର୍ବାହ୍ଣରେ ସ୍ଥାନୀୟ ନୃତ୍ୟ ସଙ୍ଗିତ କଳାମନ୍ଦିର ପରିସରରେ ଜିଲ୍ଲା ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ମଂଚର ସଭାପତି ବୈଦ୍ୟନାଥ ଷଡଙ୍ଗୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ଜିଲ୍ଲାର୨୧ଟି ବରିଷ୍ଠ ନାଗରିକ ମଂଚର ଶତାଧିକ ପ୍ରତିନିଧି ଏହି ବୈଠକରେ ଯୋଗ ଦେଇଥିଲେ। ସାଧାରଣ ସମ୍ପାଦକ ଦାମୋଦର ନାୟକ ବୈଠକର ଉଦ୍ଦେଶ୍ୟ ଓ ବରିଷ୍ଠ ନାଗରିକମାନଙ୍କର ବିଭିନ୍ନ ସମସ୍ୟାର ସମାଧାନ ଦିଗରେ ଜିଲ୍ଲା କମିଟି ବୈଠକର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଉପସଭାପତି ଅର୍ନ୍ତଯ୍ୟାମୀ ପ୍ରଧାନ ଦାବି ପ୍ରସ୍ତାବ ପାଠ କରିଥିଲେ। ମଂଚର ପ୍ରତିଷ୍ଠାତା ବରିଷ୍ଠ ସଦସ୍ୟ ଶରତଚନ୍ଦ୍ର ଦାଶ ଉପସ୍ଥିତମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ମଂଚର ଉପଦେଷ୍ଟା କମଳାକାନ୍ତ ବେହେରା ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ବରିଷ୍ଠ ନାଗରିକମାନଙ୍କ ପାଇଁ ବିଭିନ୍ନ ଯୋଜନା ଓ ଆଇନ ସମ୍ପର୍କରେ ବୈଠକରେ ଅବଗତ କରାଇଥିଲେ। ବିଭିନ୍ନ ଆଂଚଳିକ କମିଟି ଓ ଜିଲ୍ଲା କମିଟି ଦେବବ୍ରତ ପାଣିଗ୍ରାହୀ, ନିରଞ୍ଜନ ରାଉତ, ବଂଶୀଧର ନାୟକ, ଗୁରୁକଲ୍ୟାଣ ନନ୍ଦ, କୁମୁଦ ରଞ୍ଜନ ଗିରି,ସନ୍ୟାସୀ ବେହେରା,ଶରତ କୁମାର ମହାପାତ୍ର,ରାଜେନ୍ଦ୍ର ନାଥ ରାଉତ, ଶରତ କୁମାର ବିଶ୍ୱାଳ,ବିଷ୍ଣୁ ପ୍ରସାଦ ମହାନ୍ତି, ରବୀନ୍ଦ୍ର ପ୍ରହରାଜ, ସୁରେନ୍ଦ୍ରନାଥ ପଣ୍ଡା, ଦୀନବନ୍ଧୁ ଲେଙ୍କା,ପ୍ରତୀମା ପଣ୍ଡା,ଡମ୍ବରୁଧର ବେହେରା, ଆଇନଜିବୀ ଲଳିତ କୁମାର ମିଶ୍ର, ଦାମୋଦର ଦାସମହାପାତ୍ର, ଉମେଶଚନ୍ଦ୍ର ମହାନ୍ତି, ବିଧାନଚନ୍ଦ୍ର ରାୟ,ବିପ୍ଳବ କୁମାର ମହାନ୍ତି, ଯଶୋଦା ନନ୍ଦନ ଆଶ,ଲୋଚନ ବେହେରା ଓ ସୋମନାଥ ନାୟକ ପ୍ରମୁଖ ବରିଷ୍ଠ ନାଗରିକମାନେ ସମ୍ମୁଖିନ ହେଉଥିବା ବିଭିନ୍ନ ସାମାଜିକ,ଆର୍ଥିକ ଓ ସ୍ୱାସ୍ଥ୍ୟ ଚିକିତ୍ସା ସମ୍ପର୍କିତ ସମସ୍ୟା ଗୁଡିକ ଉପରେ ବିଶଦ ଆଲୋଚନା କରିଥିଲେ। ଏହି ଅବସରରେ ବରିଷ୍ଠ ନାଗରିକମାନଙ୍କ ପକ୍ଷରୁ କରାଯାଇଥିବା ଦାବି ଗୁଡିକ ମଧ୍ୟରେ ବରିଷ୍ଠ ନାଗରିକମାନଙ୍କ ମାସିକ ଭତା ୨ହଜାର ଟଙ୍କାକୁ ବୃଦ୍ଧି,ପୂର୍ବପରି ରେଳଯାତ୍ରାରେ ବରିଷ୍ଠ ନାଗରିକମାନଙ୍କୁ ରିହାତି, ବାଲେଶ୍ୱର ଜିଲ୍ଲା ପାଇଁ ମଞ୍ଜୁରୀ ପ୍ରାପ୍ତ ବହୁମୁଖୀ ପ୍ରକଳ୍ପର ସଠିକ ସ୍ଥାନ ନିରୂପଣ ଓ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା,ସରକାରୀ ମୁଖ୍ୟ ଚିକିତ୍ସାଳୟରେ ବରିଷ୍ଠ ନାଗରିକ ମାନଙ୍କ ପାଇଁ ଜରା ୱାର୍ଡ ପ୍ରତିଷ୍ଠା କରିବା,ବରିଷ୍ଠ ନାଗରିକମାନଙ୍କ ପାଇଁ ସରକାରୀ ଯୋଜନା ଗୁଡିକ ସମ୍ପର୍କରେ ସାଧାରଣରେ ଅବଗତ କରାଇବା, ଜିଲ୍ଲା ଓ ବ୍ଲକ ସ୍ତରରେ ବିଭିନ୍ନ ସଳରକାରୀ କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ମଂଚର ନେତୃତ୍ୱଙ୍କୁ ସାମିଲ କରାଇବା,ବାଲେଶ୍ୱରରୁ ବମ୍ବେ ଅଭିମୁଖେ ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରିବା,ସମସ୍ତ ବସରେ ବରିଷ୍ଠ ନାଗରିକମାନଙ୍କ ପାଇଁ ସ୍ୱତନ୍ତ୍ର ସିଟର ବ୍ୟବସ୍ଥା,ନିର୍ଯ୍ୟାତିତ ହେଉଥିବା ବରିଷ୍ଠ ନାଗରିମାନଙ୍କ ଅଭିଯୋଗ ପାଇଁ ଉଦ୍ଦିଷ୍ଟ ଜିଲ୍ଲାସ୍ତରୀୟ ଟ୍ରିବ୍ୟୁନାଲକୁ କାର୍ଯ୍ୟକ୍ଷମ କରିବା,ଜିଲ୍ଲା ମୁଖ୍ୟ ଦପ୍ତରକୁ ଆସୁଥିବା ବରିଷ୍ଠ ନାଗରିକମାନଙ୍କ ସାମୟିକ ବିଶ୍ରାମଗୃହ ପ୍ରଦାନ କରିବା ପ୍ରଭୃତି ଦାବି ଗୁଡିକ ସର୍ବ ସମ୍ମତି କ୍ରମେ ଗୃହିତ ହୋଇଥିଲା। ଏହି ଦାବି ଗୁଡିକ ଉପରେ ସରକାର ଓ ଜିଲ୍ଲା ପ୍ରଶାସନ ଆବଶକୀୟ କାର୍ଯ୍ୟପନ୍ଥା ଯଦି ଗ୍ରହଣ ନ କରନ୍ତି ତେବେ ଆସନ୍ତା ସାଧାରଣ ନିର୍ବାଚନ ପୂର୍ବରୁ ଜିଲ୍ଲାସ୍ତରରେ ଶାନ୍ତିପୂର୍ଣ୍ଣ ଗଣତାନ୍ତ୍ରିକ ଆନ୍ଦୋଳନ ପାଇଁ ବୈଠକରେ ନିଷ୍ପତି ଗ୍ରହଣ କରାଯାଇଛି। ଜିଲ୍ଲା କମିଟିର ପୃଷ୍ଠପୋଷକ ସଦସ୍ୟତା ଗ୍ରହଣ କରିଥିବା ପଦ୍ମଲୋଚନ ଦତଙ୍କୁ ଏହି ବୈଠକରେ ପ୍ରମାଣପତ୍ର ସହ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଡ ଗୋବିନ୍ଦଚନ୍ଦ୍ର ବିଶ୍ୱାଳ ଓ ସଚିନ୍ଦ୍ର ଦାସଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ବୈଠକରେ ମଂଚର ଜନସମ୍ପର୍କ ସମ୍ପାଦକ ଗୌରାଙ୍ଗ ପାଣିଗ୍ରାହୀ ମଂଚ ଆହ୍ୱାନ ଓ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଅନ୍ୟତମ ଉପସଭାପତି ସୀତାରାମ ପ୍ରାଧାନ ଧନ୍ୟବାଦ ଦେଇଥିଲେ। ବୈଠକ ଆରମ୍ଭରେ କର୍ମକର୍ତ୍ତାମାନେ ଶ୍ରୀଶ୍ରୀ ଜଗନ୍ନାଥଙ୍କ ବିଗ୍ରହରେ ପୁଷ୍ପ ପ୍ରଦାନ କରିଥିଲେ ଓ ଦିବଂଗତ ସଦସ୍ୟମାନଙ୍କପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମଂଚର କୋଷାଧ୍ୟକ୍ଷ ଲକ୍ଷ୍ମୀନାରାୟଣ ଘୋଷଙ୍କ ସମେତ ଶ୍ୟାମସୁନ୍ଦର ଜେନା,ଅକ୍ଷୟ କୁମାର ତ୍ରିପାଠି,ପୂର୍ଣ୍ଣଚନ୍ଦ୍ର ପାତ୍ର,ବେଣୁଧର ସାହୁ, ପୁରୁଷତୋମ ବେହେରା, ପ୍ରଫୁଲ୍ଲ କୁମାର ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ନୂତନ ଅତିରିକ୍ତ ଜିଲ୍ଲାପାଳଙ୍କ ଦାୟିତ୍ୱ ଗ୍ରହଣ



ଭଦ୍ରକ , ୦୮/୨ (ନି,ପ୍ର): ଓଡ଼ିଶା ସରକାରଙ୍କ ଦ୍ୱାରା ଜାରି ବଦଳି ବିଜ୍ଞପ୍ତି ଅନୁଯାୟୀ ବରିଷ୍ଠ ପ୍ରଶାସନିକ ଅଧିକାରୀ ସୁଋରୁ କୁମାର ବଳ ଭଦ୍ରକ ଜିଲ୍ଲାର ନୂତନ ଅତିରିକ୍ତ ଜିଲ୍ଲାପାଳ ଭାବେ ଯୋଗଦାନ କରିଛନ୍ତି। ଜିଲ୍ଲାପାଳଙ୍କୁ ସାକ୍ଷାତକରି କାର୍ଯ୍ୟରେ ଯୋଗ ଦେଲାପରେ ଅତିରିକ୍ତ ଜିଲ୍ଲାପାଳ ରାମଦାସ ଟୁଡୁଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିବା ଅବସରରେ ଶ୍ରୀଯୁକ୍ତ ଟୁଡୁଙ୍କ ସହ ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି, ଡେପୁଟୀ କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ସାଗରିକା ସାହୁ, ପ୍ରମିଳା ମଲ୍ଲିକ ଏବଂ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ପ୍ରମୁଖ ଶ୍ରୀଯୁକ୍ତ ବଳଙ୍କୁ ସ୍ୱାଗତ କରିଥିଲେ। ଏହା ପୂର୍ବରୁ ଶ୍ରୀଯୁକ୍ତ ବଳ ନୟାଗଡ଼ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ। ପୂର୍ବରୁ ବିଭିନ୍ନ ପଦ ପଦବୀରେ ରହି ଦକ୍ଷତାର ସହିତ କାର୍ଯ୍ୟ କରି ଆସିଛନ୍ତି। ଭଦ୍ରକ ଜିଲ୍ଲାର ବିକାଶ ଦିଗରେ ବିଭିନ୍ନ ବିଭାଗ ଜରିଆରେ ସମସ୍ତ ସରକାରୀ ଯୋଜନା ଗୁଡ଼ିକର ସଠିକ କାର୍ଯ୍ୟକାରୀତା ନେଇ ଅତିରିକ୍ତ ଜିଲ୍ଲାପାଳ ଭାବେ ସୁଋରୁ ରୂପେ ନିଜର କର୍ତ୍ତବ୍ୟ ସମ୍ପାଦନ କରିବେ ବୋଲି ଶ୍ରୀଯୁକ୍ତ ବଳ ପ୍ରକାଶ କରିଛନ୍ତି। ପ୍ରାକ୍ତନ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ଟୁଡୁଙ୍କର ଭଦ୍ରକ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ପ୍ରଶାସନିକ ଅଧିକାରୀ ପଦବୀକୁ ବଦଳି ହୋଇଛି।

# ପାରମ୍ପରିକ ଲୋକକଳା ବ୍ଲକସ୍ତରୀୟ ଏକ ଦିବାସୀୟ କର୍ମଶାଳା

ଗଞ୍ଜାମ, ୦୮/୨ (ନି,ପ୍ର): ଶେରଗଡ଼ ବ୍ଲକ ପରିସରରେ ଗଞ୍ଜାମ ଜିଲ୍ଲା ପାରମ୍ପରିକ ଲୋକକଳା ଏକ ଦିବାସୀୟ କର୍ମଶାଳା ବ୍ଲକ ଉପସଭାପତି ବିଜୟ କୁମାର ଦୋରାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି କ୍ଷ ବ୍ଲକ ଅଧକ୍ଷ ଶ୍ରୀ କୃଷ୍ଣଚନ୍ଦ୍ର ନାୟକ ଏହି କର୍ମଶାଳାକୁ ଉଦଘାଟନ କରିଥିବା ବେଳେ ଅତିଥି ଭାବରେ ବିଜେଡି ବ୍ଲକ ସଭାପତି ଶରତ ପାତ୍ର, ବରିଷ୍ଟ ବିଜେଡି ନେତା ହୀନ ବେହେରା, ହୃଷିକେଶ ପାଢ଼ୀ, ପ୍ରମୋଦ ପାତ୍ର, ମେଘନାଦ ଦାସ, ଗୌରହରି ବିଷୋଇ, ଯୋଗଦାନ କରି ଗଞ୍ଜାମ ଜିଲ୍ଲାର ପାରମ୍ପରିକ ଲୋକକଳା ଦାଶକାଠି, ଗାହାଣି, ପାଲା, ପ୍ରହଲ୍ଲାଦ ନାଟକ, ଭାରତଲୀଳା, ଘୁଡ଼ିକି ନାଚ, କୃଷ୍ଣଲୀଳା, ଘଂଟସ୍ଥଳ, ଯୋଡିଶଙ୍ଖ, ଏପରି ବିଭିର୍ଣ୍ଣ ଲୋକକଳା କଳାକାର ଯୋଗଦେଇ,ସାମାର୍ଜିକ ଅର୍ଥନୈତିକ ଓ ସରକାରଙ୍କ ଉର୍ନୟନମୂଳକ ଯୋଜନା ବିଷୟରେ ନିକ ନିଜର କଳା ମାଧମରେ ପରିବେଷଣ କରିଥିଲେ । ଏହି କର୍ମଶାଳାରେ ଯୋଗ ଦେଇଥିବା କଳାକାର ମାନେ ନିଜ ନିଜର ସମସ୍ୟା ବିଷୟରେ ଅତିଥି ମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଅନେକ ନୂତନ କଳାକାର,ରାଜ୍ୟ ସରକାରଙ୍କ ଦ୍ୱାରା ମିଳୁଥିବା କଳାକାର ଭତ୍ତାପାଇଁ ଆବେଦନ ପତ୍ର ପଞ୍ଜିକୃତ କରିଥିଲେ । ଦେବରାଜ ରେଡି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ବିଜୟ କୁମାର ଦୋରାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ଅଧକ୍ଷ ଶ୍ରୀ କୃଷ୍ଣଚନ୍ଦ୍ର ନାୟକ ଏହି କର୍ମଶାଳାକୁ ଉଦଘାଟନ କରିଥିବା ବେଳେ ଅତିଥି ଭାବରେ ବିଜେଡି ବ୍ଲକ ସଭାପତି ଶରତ ପାତ୍ର, ବରିଷ୍ଟ ବିଜେଡି ନେତା ହୀନ ବେହେରା, ହୃଷିକେଶ ପାଢ଼ୀ, ପ୍ରମୋଦ ପାତ୍ର, ମେଘନାଦ ଦାସ, ଗୌରହରି ବିଷୋଇ, ଯୋଗଦାନ କରି ଗଞ୍ଜାମ ଜିଲ୍ଲାର ପାରମ୍ପରିକ ଲୋକକଳା ଦାଶକାଠି, ଗାହାଣି, ପାଲା, ପ୍ରହଲ୍ଲାଦ ନାଟକ, ଭାରତଲୀଳା, ଘୁଡ଼ିକି ନାଚ, କୃଷ୍ଣଲୀଳା, ଘଂଟସ୍ଥଳ, ଯୋଡିଶଙ୍ଖ,ଏପରି ବିଭିର୍ଣ୍ଣ ଲୋକକଳା କଳାକାର ଯୋଗଦେଇ, ସାମାଜିକ ଅର୍ଥନୈତିକ ଓ ସରକାରଙ୍କ ଉନ୍ନୟନମୂଳକ ଯୋଜନା ବିଷୟରେ ନିଜ ନିଜର କଳା ମାଧମରେ ପରିବେଷଣ କରିଥିଲେ । ଏହି କର୍ମଶାଳାରେ ଯୋଗ ଦେଇଥିବା କଳାକାର ମାନେ ନିଜ ନିଜର ସମସ୍ୟା ବିଷୟରେ ଅତିଥି ମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଅନେକ ନୂତନ ଓ କଳାକାର,ରାଜ୍ୟ ସରକାରଙ୍କ ଦ୍ୱାରା ମିଳୁଥିବା କଳାକାର ଭତ୍ତାପାଇଁ ଆବେଦନ ପତ୍ର ପଞ୍ଜିକୃତ କରିଥିଲେ । ଦେବରାଜ ରେଡି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ତୀର୍ଥଯାତ୍ରାରେ ଗଲେ ୧୫୧ ଜଣ ବରିଷ୍ଠ ନାଗରିକ

ପୁରୀ, ୦୮/୨ (ନି,ପ୍ର): ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ରେ ପୁରୀ ଜିଲ୍ଲାରୁ ଆଜି ୧୫୧ ଜଣ ବରିଷ୍ଠ ନାଗରିକଙ୍କୁ ତୀର୍ଥଯାତ୍ରାରେ ପ୍ରେରଣ କରାଯାଇଛି।ଏହି ବରିଷ୍ଠ ନାଗରିକ ମାନେ ତିରୁପତି ଭେଲୋର ପରିଭ୍ରମଣ କରିବା ସହ ଚଳିତ ମାସ ୧୩ ତାରିଖରେ ଫେରିଆସିବାର କାର୍ଯ୍ୟକ୍ରମ ରହିଛି।ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ,ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ,ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ଡଃ ଶରତ ଚନ୍ଦ୍ର ମହାପାତ୍ର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବାଶୀଷ ପଟ୍ଟନାୟକ, ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ସରୋଜ କାନ୍ତ ପ୍ରଧାନ,ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ , ଆରଟିଓ ରବିନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ତୀର୍ଥଯାତ୍ରୀ ମାନଙ୍କୁ ପୁଷ୍ପ ଗୁଚ୍ଛ ଦେଇ ଯାତ୍ରାର ଶୁଭ କାମନା କରିଥିଲେ।ଅନ୍ୟ ମାନଙ୍କ ମଧ୍ୟରେ ରେଡକ୍ରସ ସଦସ୍ୟ ଜୟନ୍ତୀ ମହାପାତ୍ର, ମଧୁମିତା ମହାପାତ୍ର ପ୍ରମୁଖ ଯୋଗ ଦେଇ ତୀର୍ଥଯାତ୍ରୀ ଙ୍କୁ ସହାୟତା କରିଥିଲେ।

# ଗୁହାଳଡିହି-ଗନ୍ଧମାର୍ଦ୍ଧନ ରେଳ ପ୍ରକଳ୍ପକୁ ବିରୋଧ: ଆନ୍ତରିକତା ଉପରେ ଉଠିଲା ପ୍ରଶ୍ନ

କେନ୍ଦୁଝର , ୦୮/୨ (ନି,ପ୍ର): ରାଜ୍ୟର ଏକ ବିତଶାଳୀ ସଂଗଠନ ଭାବେ ପରିଚିତ କେନ୍ଦୁଝର ଜିଲ୍ଲା ଟ୍ରକ ମାଲିକ ସଘଂର ନିର୍ବାଚନକୁ ନେଇ ଛକାପନ୍‌ଝା ଲାଗି ରହିଥିବା ବେଳେ ସଘଂର କେତେକ ସଦସ୍ୟ ତଥା ପୂର୍ବତନ କର୍ମକର୍ତା ଏକ ସମ୍ବାଦିକ ସମ୍ମିଳନୀରେ କେନ୍ଦ୍ର ସରକାରଙ୍କର ପ୍ରସ୍ତବିତ ଗୁହାଳଡିହି – ଗନ୍ଧମାର୍ଦ୍ଧନ ( ଶୁଆକାଟୀ ) ରେଳ ପ୍ରକଳ୍ପକୁ ବିରୋଧ କରିବା ସହ ଆନ୍ଦୋଳନର ଧମକ ଦେଇଛନ୍ତି । ଏଠାରେ ଟ୍ରକ ବ୍ୟବସାୟ ସହ ପରୋକ୍ଷ ଓ ପ୍ରତ୍ୟକ୍ଷ ଭାବେ ଜଡିତ ଥିବା ଲୋକଙ୍କର ସ୍ୱାର୍ଥର ଦ୍ୱାହୀ ଦେଇ ସଂପୃକ୍ତ ମାଲିକ ମାନେ ରେଳ ପ୍ରକଳ୍ପ ବନ୍ଦ କରାନଗଲେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି । ବିଗତ ଦିନରେ ସଂଗଠନର ଦାୟିତ୍ୱ ଥିବା ସମୟରେ ନିଜ ସ୍ୱାର୍ଥ ଅପେକ୍ଷା ଅନ୍ୟ ସାଧାରଣ ମାଲିକଙ୍କ ସ୍ୱାର୍ଥ ପ୍ରତି କ୍ୱଚିତ ଦୃଷ୍ଟି ଦେଉଥିବା କର୍ମକର୍ତା ଆଗାମୀ ନର୍ବାଚନରେ ପ୍ରତିଦ୍ୱନ୍ଦିତା କରିବାକୁ ଯାଉଥିବା ଦୃଷ୍ଟିରୁ , ତାହାକୁ କୁଆଡେ ଆଖିଆଗରେ ରଖି ଏଭଳି ସାମ୍ବାଦିକ ସମ୍ମିଳନୀର ଆୟୋଜନ ବୋଲି କେତେକ ଟ୍ରକ ମାଲିକ ମତ ଦେବା ସହ ଏହାର ଆନ୍ତରିକତା ଉପରେ ପ୍ରଶ୍ନ ଉଠାଇଛନ୍ତି । ଏହି ରେଳ ପ୍ରକଳ୍ପ ପାଇଁ କେନ୍ଦ୍ର ସରକାର ୨୦ କୋଟି ଟଙ୍କା ବ୍ୟୟ ବରାଦ କରିଥିବା ସଂପୃକ୍ତ ଟ୍ରକ ମାଲିକମାନେ ପ୍ରକାଶ କରିବା ସହ ଗନ୍ଧମାର୍ଦ୍ଦିନକୁ କେନ୍ଦୁଝର ଜିଲ୍ଲାର ଭାତହାଣ୍ଡି ବୋଲି କହିଥିଲେ । ବେକାର ଯୁବକଟିଏ ଋଣ ନେଇ ଟ୍ରକ ଖଣ୍ଡିଏ କରି ଖଣିଜ ପରିବହନ ମାଧ୍ୟମରେ ନିଜର ପରିବାର ପ୍ରତିପୋଷଣ କରିଆସୁଥିବା ବେଳେ ଏହି ବ୍ୟବସାୟ ସହ ପରୋକ୍ଷ ଭାବେ ଚା ଦୋକାନ ଠାରୁ ଆରମ୍ଭ କରି ହୋଟେଲ , ଗ୍ୟାରେଜ , ପାର୍ଟସ , ଟାୟାରସ ଦୋକାନୀ ଓ କର୍ମଚାରୀ ଆଦି ଲକ୍ଷାଧିକ ଲୋକ ଉପକୃତ ହୋଇଥାଆନ୍ତି। କିନ୍ତୁ ରେଳ ସଂଯୋଗ ହେଲେ ପ୍ରାୟ ଦୁଇ ଲକ୍ଷରୁ ଉର୍ଦ୍ଧ ଲୋକଙ୍କର ଜୀବନ ଜୀବିକା ପ୍ରଭାବିତ ହେବେ ବୋଲି କହିଛନ୍ତି । ଋଣ ନେଇ ଟ୍ରକ କରି ପରିବାର ପ୍ରତିପୋଷଣ କରୁଥିବା ବେକାର ଯୁବକଙ୍କ ସହ ଲକ୍ଷାଧିକ ଲୋକଙ୍କ ପେଟକୁ ଲାତ ମାରିବା ସଦୃଶ୍ୟ ହେବ ଏହି ରେଳ ପ୍ରକଳ୍ପ ବୋଲି ସେମାନେ କହିଛନ୍ତି । ଏବଂ ରେଳ ପ୍ରକଳ୍ପ ପରିବର୍ତେ ଗୁହାଳଡିହି ରୁ ଗନ୍ଧମାର୍ଦ୍ଧନ ପର୍ଯ୍ୟନ୍ତ ଜାତୀୟ ରାଜପଥ ନିର୍ମାଣ କରି ଟ୍ରକରେ ଖଣିଜ ପଦାର୍ଥ ପରିବହନ ଦିଗରେ ବ୍ୟବସ୍ଥା କରାଗଲେ ଅଧିକ ଭଲ ହେବ ବୋଲି ସେମାନେ ମତ ଦେଇଛନ୍ତି । ଏହି ସମ୍ମିଳନୀରେ ଜିଲ୍ଲା ଟ୍ରକ ମାଲିକ ସଘଂର ପୂର୍ବତନ ସଭାପତି ରାମଚନ୍ଦ୍ର ଭୂୟାଁଙ୍କ ସମେତ ପୂର୍ବତନ ସାଧାରଣ ସଂପାଦକ ପ୍ରଦୀପ କୁମାର ବାରିକ , ପୂର୍ବତନ କୋଷାଧକ୍ଷ ପ୍ରଭାତ କୁମାର ରାଉତ , ସଦସ୍ୟ ପୂର୍ଣ୍ଣ ଚନ୍ଦ୍ର ସାହୁ ,ଆୟସକାନ୍ତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ ।

# କୋଶଳ ରାଜ୍ୟ ଗଠନ ପାଇଁ ପରିବାରବାଦ ରାଜନୀତିକୁ କବର ଦେବା ନିହାତି ଆବଶ୍ୟକ: ପ୍ରମୋଦ କୁମାର ମିଶ୍ର

ବଲାଙ୍ଗିର , ୦୮/୨ (ନି,ପ୍ର): କୋଶଳ ଆନ୍ଦୋଳନକୁ ଶାଣିତ କରିବାକୁ ତଥା କୋଶଳାଞ୍ଚଳ ରେ ବିଶେଷ କରି ଅବିଭକ୍ତ ବଲାଙ୍ଗିର ଜିଲ୍ଲାରେ ପରିବାର ବାଦ ରାଜନୀତିକୁ ପ୍ରତିହତ କରିବା ପାଇଁ ବିଶିଷ୍ଟ କୋଶଳବାଦୀ ନେତା ପ୍ରମୋଦ ମିଶ୍ର ବିଭିନ୍ନ ଅଂଚଳ କୁ ଗସ୍ତ କରି ସଭା, ସମିତିମାନ କରୁଛନ୍ତି । ଏହି କ୍ରମରେ ଗତ କାଲି ବିଳମ୍ବିତ ସନ୍ଧ୍ୟା ପର୍ଯ୍ୟନ୍ତ ଶ୍ରୀ ମିଶ୍ର ଦେଓଗାଁ ବ୍ଲକର ବନ୍ଧପଡା ଠାରେ ଏକ ଯୁବ ସମ୍ମିଳନୀ ରେ ଯୋଗ ଦେଇଥିଲେ । କୋସଲ ରାଜ୍ୟ ସମନ୍ୱୟ ସମିତି ଦେଓଗାଁ ବ୍ଲକ କମିଟି ତରଫରୁ ଆୟୋଜିତ ଏହି ଯୁବ ସମ୍ମିଳନୀରେ ଶତାଧିକ ଯୁବ ସଂଗଠକ ଯୋଗଦାନ କରିଥିଲେ । ଉପସ୍ଥିତ ଯୁବ ପ୍ରତିନିଧିମାନଙ୍କୁ ଉଦ୍ ?ବୋଧନ ଦେଇ ଶ୍ରୀ ମିଶ୍ର କୋସଲ ଆନ୍ଦୋଳନକୁ ଜୋରଦାର କରିବା ପାଇଁ ଯୁବ ପ୍ରତିନିଧିମାନଙ୍କୁ ଆହ୍ୱାନ ଦେଇଥିଲେ । ଏଥି ସହିତ କୋଶଳ ଆନ୍ଦୋଳନ, ଗଣତନ୍ତ୍ର ଓ ଅବିଭକ୍ତ ବଲାଙ୍ଗିର ଜିଲ୍ଲା (ବଲାଙ୍ଗିର - ସୋନପୁର) ର ବିକାଶ ଓ ସମୃଦ୍ଧି ପାଇଁ ପରିବାରବାଦ ରାଜନୀତିକୁ ପ୍ରତିହତ କରିବା ପାଇଁ ଯୁବ ସମାଜକୁ ଆହ୍ୱାନ ଦେଇଥିଲେ । ଗତ ତିରିଶ (୩୦) ବର୍ଷ ମଧ୍ୟରେ ବଲାଙ୍ଗିର ଜିଲ୍ଲା ଓ ବଲାଙ୍ଗିର ଲୋକସଭା ନିର୍ବାଚନ ମଣ୍ଡଳୀର ରାଜନିତୀ କିଛି ନିର୍ଦ୍ଦିଷ୍ଟ ରାଜନୈତିକ ପରିବାର ହାତରେ କେନ୍ଦ୍ରୀଭୁତ ହୋଇ ରହି ଯିବାରୁ ଏ ଅଂଚଳର ବିକାଶ ହୋଇ ପାରୁ ନାହିଁ ବୋଲି ଶ୍ରୀ ମିଶ୍ର ମତ ଦେଇଥିଲେ । ଏଥି ସହିତ ଏ ଅଂଚଳର ସକ୍ଷମ ଓ ସଂଗ୍ରାମୀ ଯୁବ ସମାଜକୁ ରାଜନୈତିକ ନେତୃତ୍ୱ ପ୍ରଦାନ କରିବା ପରିବର୍ତ୍ତେ ନିଜ ପରିବାର ର ସଂପତ୍ତି ଓ ପ୍ରତିପତ୍ତି ର ସୁରକ୍ଷା ପାଇଁ କିଛି ରାଜନେତା ନିଜ ନିଜର ପୁଅମାନଙ୍କୁ ଧରି ରାଜନୈତିକ ମଇଦାନରେ ବୁଲୁଥିବାରୁ ଶ୍ରୀ ମିଶ୍ର ସେମାନଙ୍କୁ ସମଲୋଚନା କରିଥିଲେ । ଯେଉଁ ରାଜନୈତିକ ଦଳମାନେ ଏ ଅଂଚଳର ବାସ୍ତବିକ ବିକାଶ ଚାହାନ୍ତି, ସେମାନେ ଏ ଭଳି ପରିବାରବାଦୀ ରାଜନୈତିକ ପରିବାରମାନଙ୍କୁ ଛାଡି ସାଧାରଣ ପରିବାରର ଯୁବକମାନଙ୍କୁ ଟିକଟ ଦିଅନ୍ତୁ ବୋଲି ଶ୍ରୀ ମିଶ୍ର ଆହ୍ୱାନ ଦେଇଥିଲେ । ଯେଉଁ ରାଜନେତା କୋସଲକୁ ବିରୋଧ କରୁଛନ୍ତି କିମ୍ବା କୋଶଳ ପ୍ରସଙ୍ଗକୁ ନେଇ ରାଜନୈତିକ ଫାଇଦା ନେବାକୁ ଚେଷ୍ଟା କରୁଛନ୍ତି ସେମାନଙ୍କୁ ଆଗାମୀ ନିର୍ବାଚନରେ ପ୍ରତ୍ୟାଖ୍ୟାନ କରିବାକୁ ଶ୍ରୀ ମିଶ୍ର ଆହ୍ୱାନ ଦେଇଥିଲେ ।

# ବିଜେପିର ଗାଁକୁ ଚାଲ ଅଭିଯାନ

ପଟ୍ଟାମୁଣ୍ଡାଇ, ୦୮/୨ (ନି,ପ୍ର): କେନ୍ଦ୍ରାପଡା ଜିଲ୍ଲା ରାଜନଗର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୩୩ ଜୋନ୍ ର ଗାଁକୁ ଚାଲ ଅଭିଯାନ ପଟ୍ଟାମୁଣ୍ଡାଇ ନିଗମ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଛି। ନଗର ବିଜେପି ସଭାପତି ଶଶିକାନ୍ତ ସ୍ୱାଇଁଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ କର୍ମଶାଳାରେ ବିଜେପି ଯୁବ ନେତା ତଥା ରାଜ୍ୟ କୃଷକ ମୋର୍ଚ୍ଚା ର ସଂପାଦକ ବିକ୍ରମ ରାଉତରାୟ ଉପସ୍ଥିତ ରହି ମୋଦିଜୀ ଙ୍କ ଜନହିତକର କାର୍ଯ୍ୟ କୁ ଘରେ ଘରେ ପହଂଚାଇବା ପାଇଁ ଆହ୍ୱାନ ଦେଇଥିଲେ। ଜୋନ୍ ସ୍ତରୀୟ କର୍ମଶାଳାରେ ବହୁ କାର୍ଯ୍ୟକର୍ତାଙ୍କ ସମେତ ୩୩ ନମ୍ବର ଜୋନ୍ ର ବହୁ ଆଗ ଧାଡ଼ିର ବିଜେପି କର୍ମୀ ଯୋଗ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ ହିତକର କାର୍ଯ୍ୟ, ଏବଂ ପ୍ରଧାନମନ୍ତ୍ରୀ ଗରୀବ କଲ୍ୟାଣ ଯୋଜନା କେମିତି ସଠିକ୍ ରୁପେ ରାଜନଗର ନିର୍ବାଚନ ମଣ୍ଡଳୀ ର ପ୍ରତ୍ୟେକ ଗାଁ ଗହଳିରେ କାର୍ଯ୍ୟକାରୀ ହୋଇ ଲୋକମାନଙ୍କ ପାଖରେ ପହଂଚି ପାରିବ ସେ ବିଷୟରେ କର୍ମୀ ମାନଙ୍କୁ ଗୁରୁମନ୍ତ୍ର ଦେଇଥିଲେ ।

# ଧର୍ମଶାଳା ନିର୍ମାଣ କରିବାକୁ ଦାବି

ଜୟପୁର, ୦୮/୨ (ନି,ପ୍ର): ଜୟପୁରରେ ଏକ ଧର୍ମଶାଳା ନିର୍ମାଣ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ମଧ୍ୟମରେ ଅନୁରୋଧ କଲେ ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦ ସନାତନୀଙ୍କ ଆରାଧ ଦେବତା ବାବା ଗୁପ୍ତେଶ୍ୱରଙ୍କ ଶୈବପୀଠକୁ ସାରା ରାଜ୍ୟରୁ ଆସୁଥିବା ଶ୍ରଦ୍ଧାଳୁ ଙ୍କ ନିମନ୍ତେ ନିଶୁଳ୍କ ଧର୍ମଶାଳା ନିର୍ମାଣ ନିମନ୍ତେ ଅନୁରୋଧ କରିଛନ୍ତି । ପୂର୍ବତନ ଗଣଶିକ୍ଷାମନ୍ତ୍ର ରବିନାରାୟଣ ନନ୍ଦ ବିନମ୍ରତାର ସହ ନିବେଦନ କରି ଚିଠି ଲେଖିଛନ୍ତି ଯେ ସାରା ଦେଶରେ ସନାତନୀଙ୍କ ନିମନ୍ତେ ଆରାଧ ଏବଂ ପରିଚିତ ବାବା ଗୁପ୍ତେଶ୍ୱର ଶୈବପୀଠ ଯାହା ବୈପାରିଗୁଡା ବ୍ଲକ ଓ ଜୟପୁର ଦେବୋତର ଅଧିନରେ ରହିଛି ଏବଂ ଏହି ଶୈବପୀଠ କୁ ରାଜ୍ୟର ପ୍ରତ୍ୟେକ ଜିଲ୍ଲା ଏବଂ ବିଭିନ୍ନ ରାଜ୍ୟର ବହୁ ଶ୍ରଦ୍ଧାଳୁ ମାନେ ବାବା ଗୁପ୍ତେଶ୍ୱର ଙ୍କୁ ଦର୍ଶନ କରିବା ନିମନ୍ତେ ବର୍ଷ ତମାମ ଆସିଥାନ୍ତି, ଏବଂ ବର୍ଷ ମଧ୍ୟରେ ବାବାଙ୍କ ବିଭିନ୍ନ ପର୍ବପର୍ବାଣି ତଥା:- ମହାଶିବରାତ୍ରି, କାର୍ତିକ ମାସର ସୋମବାର, ଶିବ ଚତୁର୍ଦ୍ଦଶୀ ଏବଂ ଶ୍ରାବଣ ମାସରେ ଜଳାଭିଷେକ ନିମନ୍ତେ କାଉଡ଼ିଆ ଭକ୍ତଙ୍କ ବହୁଳ ମାତ୍ରା ରେ ଜନ ସମାଗମ ଲାଗି ରହୁଛି। ବାବା ଗୁପ୍ତେଶ୍ୱରଙ୍କୁ ଦର୍ଶନ କରିବା ପାଇଁ ଶୈବପୀଠ ରେ ଶ୍ରଦ୍ଧାଳୁମାନେ ପହଂଚି ରାତ୍ରି ଯାପନ ଓ ବିଶ୍ରାମ କରିବା ନିମନ୍ତେ ବହୁ ଖର୍ଚ୍ଚାନ୍ତ ହେଉଛନ୍ତି। ଏଣୁ ଶ୍ରଦ୍ଧାଳୁମାନଙ୍କୁ ସୁବିଧା ଯୋଗାଇଦେବା ନିମନ୍ତେ ଜୟପୁର ଠାରେ ଏକ ନିଶୁଳ୍କ ଭାବରେ ସମସ୍ତ ପ୍ରକାରର ସୁବିଧା ବ୍ୟବସ୍ଥା ରହିଥିବା ଧର୍ମଶାଳା ଯୋଗାଇଦେବା ପାଇଁ ନିବେଦନ କରିଛନ୍ତି ।

# ସରପଂଚଙ୍କୁ ଗିରଫ ପ୍ରତିବାଦରେ ଜିଲ୍ଲାପାଳଙ୍କୁ ଦାବିପତ୍ର ଦେଲା ସରପଂଚ ମହାସଂଘ

କେନ୍ଦ୍ରାପଡ଼ା, ୦୮/୨ (ନି,ପ୍ର): କେନ୍ଦ୍ରାପଡା ଜିଲ୍ଲା ସରପଂଚ ମହାସଂଘ ପକ୍ଷରୁ ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ନୀଳକଣ୍ଠପୁର ସରପଂଚଙ୍କୁ ନିର୍ଦ୍ଦୋଶରେ ଖଲାସ କରିବା ସହିତ ଏମ୍.ଆଇ.ଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି । ଜିଲ୍ଲା ସରପଂଚ ମହାସଂଘର ସଭାନେତ୍ରୀ ଚାମେଲି ଓଝାଙ୍କ ନେତୃତ୍ୱରେ ଶତାଧିକ ସରପଂଚ ଜିଲ୍ଲପାଳ ଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଏହି ଦାବିପତ୍ରରେ ଜଣେ ଲୋକ ପ୍ରତିନିଧି ଭାବେ କାମ କରୁଥିବା ନୀଳକଣ୍ଠପୁର ଗ୍ରାମ ପଂଚାୟତର ସରପଂଚ ରାସନ କାର୍ଡକୁ ନେଇ ବ୍ଲକ ଏମ୍.ଆଇଙ୍କ ସହିତ ପାଟିତୁଣ୍ଡ ହୋଇଥିଲା । ଏଥିରେ ଉଭୟଙ୍କ ପକ୍ଷରୁ ପଟ୍ଟାମୁଣ୍ଡାଇ ଥାନାରେ ଏତଲା ଦେଇଥିଲେ ମଧ ପୋଲିସ ପ୍ରଶାସନ କେବଳ ସରପଂଚଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଏମ୍.ଆଇଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଯିବାରୁ ସରପଂଚ ସଂଘ ପକ୍ଷରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଜଣେ ସରପଂଚ ଲୋକଙ୍କ ପାଇଁ କାମ କରୁଥିବା ବେଳେ ରାସନ କାର୍ଡ କରାଇବା ପାଇଁ ଦୀର୍ଘ ଦୁଇ ବର୍ଷ ହେଲା ନିରାଶ ହେଉଥିବାରୁ ରାସନ କାର୍ଡ ହିତାଧିକାରୀଙ୍କୁ ସାହାଯ୍ୟ କରିବା ଅସମ୍ଭବ ହୋଇ ପଡିଥିଲା । ଏହି ଅବସରରେ ଏମ୍.ଆଇଙ୍କ ସହିତ ଯୁକ୍ତିତର୍କ ହୋଇଥିଲା । ଗତ ୧ ତାରିଖ ପଟ୍ଟାମୁଣ୍ଡାଇ ଥାନାରେ ଦୁଇଟି ପୃଥକ ପୃଥକ ଏତଲା ଦିଆଯାଇ ଥିଲା । ମାତ୍ର ଥାନା ଅଧିକାରୀ କେବଳ ସରପଂଚଙ୍କ ବିରୋଧରେ ମାମଲା ରୁଜୁକରି ସରପଂଚଙ୍କୁ ଜେଲ ପଠାଇଛନ୍ତି । ତୁରନ୍ତ ତାଙ୍କୁ ଖଲାସ କରିବା ସହିତ ଏମ୍.ଆଇଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସରପଂଚ ସନାତନ ସାହୁ, ହିମାଂଶୁ ଶେଖର ପଣ୍ଡା, ଜୀବନ କୃଷ୍ଣ ରାୟ, ଲକ୍ଷ୍ମୀପ୍ରିୟା ଷଡଙ୍ଗୀ, ରମେଶ ଚନ୍ଦ୍ର ମଲିକ, ହେମନ୍ତ ଧଳ, ଅନୁସୟା ନାୟକ ପ୍ରମୁଖ ସରପଂଚ ଦାବି କରିଛନ୍ତି ।

# ଭାରତୀୟ ଶିକ୍ଷଣ ମଣ୍ଡଳ ତରଫରୁ ଶ୍ରଦ୍ଧାସୁମନ ଅର୍ପଣ

ବଲାଙ୍ଗିର, ୦୮/୨ (ନି,ପ୍ର): ଭାରତୀୟ ଶିକ୍ଷଣ ମଣ୍ଡଳ ବଲାଙ୍ଗିର ଶାଖା ତରଫରୁ ସ୍ଥାନୀୟ ଐତିହାସିକ ପୂର୍ଣ୍ଣଚନ୍ଦ୍ର ରଥ ପାଠାଗାରର ସମ୍ମିଳନୀ କକ୍ଷରେ ବରିଷ୍ଠ ସଦସ୍ୟ ଡ. ଅଭିମନ୍ୟୁ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଶିକ୍ଷଣ ମଣ୍ଡଳର ଦିବଂଗତ କାର୍ଯ୍ୟକର୍ତ୍ତା ସ୍ୱର୍ଗତ ଡା. ପ୍ରିୟବ୍ରତ ରଥ ଏବଂ ଡା. ରାଧାକାନ୍ତ ମିଶ୍ରଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା । ସଦସ୍ୟ ଧର୍ମବ୍ରତ ରଥ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିବା ପରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ପରେ ଓଡିଶା ପଶ୍ଚିମ ପ୍ରାନ୍ତର ଉପସଭାପତି ପ୍ରଫେସର ତରୁଣ ମିଶ୍ର ଶିକ୍ଷଣ ମଣ୍ଡଳରେ ସ୍ୱର୍ଗତ ସଦସ୍ୟଦ୍ୱୟଙ୍କ ଅବଦାନ ସମ୍ପର୍କରେ ବିସ୍ତୃତ ତଥ୍ୟ ପ୍ରଦାନ କରିଥିଲେ । ମନୋରଂଜନ ସାହୁ, ସତ୍ୟବ୍ରତ ରଥ, ପ୍ରଶନ୍ନ କୁମାର ମିଶ୍ର, ଡ. ଭବାନି ଶଙ୍କର ପଟେଲ, ଦିବାକର ହୋତା ପ୍ରମୁଖ ସ୍ୱର୍ଗତ ସଦସ୍ୟଦ୍ୱୟଙ୍କ ଉନ୍ନତ ଚିନ୍ତାଧାରା ଓ କାର୍ଯ୍ୟପ୍ରଣାଳୀ ସମ୍ପର୍କରେ ନିଜ ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ । ସଦସ୍ୟ ଯତିନ୍ଦ୍ର ନାଥ ପାଠୀ, ଅଶୋକ ଚାନ୍ଦ, କେଶବ ପଟେଲ, ମାଳତି ଉଦ୍ ?ଗାତା, ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ଆକୁଳ ବେହେରା, କୃଷ୍ଣଚନ୍ଦ୍ର ମହାକୁର, ଜୀବନ ତ୍ରିପାଠୀ, ଯୁଧିଷ୍ଠିର ମିଶ୍ର, ହୃଷିକେଶ ପୁରୋହିତ, ଗୁରୁନାଥ ବ୍ରହ୍ମା, ପ୍ରକାଶ ତରିଆ, ପୂର୍ଣ୍ଣଚନ୍ଦ୍ର ଦାଶ, ହରେକୃଷ୍ଣ ପଟେଲ, ଶୁଭ୍ରପ୍ରକାଶ ରଥ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ସଦସ୍ୟ ବିଭୁଦତ୍ତ ମିଶ୍ର ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଅଖିଳ ଭୂମଣ୍ଡଳୀୟ ସର୍ବଶିରୋମଣି ମୁନି ସମାଜ ଛଚିନା ଶାଖାର ବାର୍ଷିକ ଅଧିବେଶନ



ବସ୍ତା , ୮/୨ (ନି.ପ୍ର): ଅଖିଳ ଭୂମଣ୍ଡଳୀୟ ସର୍ବଶିରୋମଣି ମୁନି ସମାଜ ଛଚିନା ଶାଖାର ବାର୍ଷିକ ଅଧିବେସନ ଯୋଗୀ ପରେଶ୍ ମୁନିଜୀଙ୍କ ସଭାପତିତ୍ୱରେ ମହା ସମାରୋହରେ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ହିସାବରେ ଯୋଗଦାନ କରିଥିଲେ, ମୁନିରାଜ ସନ୍ୟାସୀ ଜେନା ମହୋଦୟ । ମୁଖ୍ୟ ବକ୍ତା ହିସାବରେ ଯୋଗଦାନ କରିଥିଲେ ଯୋଗୀ ଜୟଚନ୍ଦ୍ର ଶତପଥୀ ମହୋଦୟ । ସମ୍ମାନୀତ ବକ୍ତା ହିସାବରେ ଯୋଗଦାନ କରିଥିଲେ ପ୍ରାନ୍ତୀୟ ସହ ସମ୍ପାଦକ ଯୋଗୀ ଚିତ୍ତରଞ୍ଜନ ମୁନିଜୀ ମହୋଦୟ। ଯୋଗ ସ୍ୱାସ୍ଥ୍ୟ ଆତ୍ମଜ୍ଞାନୀ ଏବଂ ସ୍ୱତନ୍ତ୍ର ବିଚାର ଉପରେ ବକ୍ତାମାନେ ଆଲୋକପାତ କରିଥିଲେ। ଆଶ୍ରମର ସମ୍ପାଦିକା ମୁନିରାଜ୍ଞୀ ଅମ୍ବିକା ଜେନା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ଶେଷରେ,ମୁନି ସମାଜର ଜ୍ୟୋତି, ବ୍ରହ୍ମଜ୍ଞାନୀ ଯୋଗାଚାର୍ଯ୍ୟ ଅନନ୍ତ ମୁନିଜୀ ମହୋଦୟ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି ଏକାମ୍ର ସ୍ୱାଦିଷ୍ଟ ସୁସ୍ୱାଦୁ ବ୍ୟଞ୍ଜନରେ ଆପ୍ୟାୟିତ କରିଥିଲେ।

# ଆଦର୍ଶ ଶିକ୍ଷକ ବିଜୟ କୁମାର ମିଶ୍ରଙ୍କ ପରଲୋକ



ବାଲିଆପାଳ , ୮/୨ (ନି.ପ୍ର): ବାଲିଆପାଳ ବ୍ଲକ୍ ଜାମକୁଣ୍ଡା ଗ୍ରାମପଞ୍ଚାୟତ ଅଞ୍ଚଳର ବାସିନ୍ଦା ଆଦର୍ଶ ଶିକ୍ଷକ ବିଜୟ କୁମାର ମିଶ୍ରଙ୍କର ସୋମବାର ରାତି ୯.୫୫ ମିନିଟ୍ ସମୟରେ ତାଙ୍କ ଅଙ୍ଗାରଗଡ଼ିଆ ସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ସ୍ୱର୍ଗତ ମିଶ୍ରଙ୍କୁ ୮୫ବର୍ଷ ବୟସ ହୋଇଥିଲା । ସ୍ୱର୍ଗତ ମିଶ୍ର ବାର୍ଦ୍ଧକ୍ୟ ଜନିତ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସାଧିନ ଥିବାବେଳେ ତାଙ୍କର ପରଲୋକ ହୋଇଛି । ମୃତ୍ୟୁଶଯ୍ୟା ନିକଟରେ ତିନିପୁଅ ଜ୍ୟୋତିକାନ୍ତ ମିଶ୍ର, ରାଧାକାନ୍ତ ମିଶ୍ର, ଶଶିକାନ୍ତ ମିଶ୍ର, ପତ୍ନୀ ଜୟନ୍ତୀ ମିଶ୍ର, ପୁତୁରା ଜଗଦୀଶ ମିଶ୍ର, ଭାଇ ଡକ୍ଟର ଅଜୟ କୁମାର ମିଶ୍ର, ସଞ୍ଜୟ କୁମାର ମିଶ୍ର, ହିମାଂଶୁ ଦିକ୍ଷିତଙ୍କ ସମେତ ପୁତ୍ରବଧୂ, ଝିଅ, ଜ୍ୱାଇଁ, ଝିଆରୀ, ନାତି ନାତୁଣୀଙ୍କ ସମେତ ଆତ୍ମୀୟ ସ୍ୱଜନମାନେ ଉପସ୍ଥିତ ଥିଲେ । ସ୍ୱର୍ଗତ ମିଶ୍ରଙ୍କ ମର ଶରୀର ତାଙ୍କର ଜନ୍ମସ୍ଥାନ ଜାମକୁଣ୍ଡା ଗ୍ରାମରେ ପହଞ୍ଚିଲା ପରେ ବାଲିଆପାଳ ବ୍ଲକ୍ ଶିକ୍ଷକ ସଂଘର ସଭାପତି ଶ୍ରୀକାନ୍ତ ଜେନା, ଜାମୁକୁଣ୍ଡା ଗ୍ରାମପଞ୍ଚାୟତର ସରପଞ୍ଚ କାଞ୍ଚନବାଳା ମହାନ୍ତିଙ୍କ ସମେତ ପଞ୍ଚାନନ ନାୟକ, ବିଜୟ ପରିଡ଼ା, ଜ୍ୟୋତିପ୍ରକାଶ ଜେନା, ଅନନ୍ତ ପରିଡ଼ା, ନାରାୟଣ କର, ଦିଲ୍ଲୀପ କୁମାର ସିଂ, ଉପେନ୍ଦ୍ର ପଣ୍ଡାଙ୍କ ସମେତ ବହୁ ଶିକ୍ଷକ ଶିକ୍ଷୟିତ୍ରୀ ଛାତ୍ରଛାତ୍ରୀ ଅବିଭାବକମାନେ ସ୍ୱର୍ଗତ ମିଶ୍ରଙ୍କ ଜାମକୁଣ୍ଡା ସ୍ଥିତ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶବା ଧାରରେ ପୁଷ୍ପମାଲ୍ୟ ଅର୍ପଣ କରି ଶେଷ ଶ୍ରଦ୍ଧାଞ୍ଜଳି ଜଣାଇ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ । ସ୍ୱର୍ଗତ ମିଶ୍ର ବାଲିଆପାଳ ବ୍ଲକ ଅଞ୍ଚଳରେ ଜଣେ ଆଦର୍ଶ ଶିକ୍ଷକ ଭାବେ ସୁନାମ ଅର୍ଜନ କରିବା ସହ ଚାକିରୀ ରୁ ଅବସର ନେବା ପରେ ସମାଜସେବା, ଗରିବ ଲୋକଙ୍କୁ ସହାୟତା ପ୍ରଦାନ, ବିଭିନ୍ନ ଧାର୍ମିକ କାର୍ଯ୍ୟକ୍ରମରେ ସାମିଲ ରହିବା ସହ ବହୁ ଅନୁଷ୍ଠାନର ସଦସ୍ୟ ରହି ଅନୁଷ୍ଠାନ ଗୁଡ଼ିକ ନିମନ୍ତେ ବହୁ ଉନ୍ନୟନ ମୂଳକ କାର୍ଯ୍ୟ କରିଯାଇଛନ୍ତି । ଏହାଛଡ଼ା ସେ ଜଣେ ମିଷ୍ଟଭାଷୀ ଓ ପରୋପକାରୀ ବ୍ୟକ୍ତି ଭାବେ ପରିଚିତ ଥିଲେ ।

# ନିଜକୁ ଗଢ଼ିବାର ପ୍ରଚେଷ୍ଟା ସମସ୍ତ ପ୍ରତିକୂଳତାକୁ ପରାହତ କରେ : ମୋନାଲିସା



ଉଦଳା , ୮/୨ (ନି.ପ୍ର): ଉଦଳା ବ୍ଲକ ଅନ୍ତର୍ଗତ ବହୁବନ୍ଧସ୍ଥିତ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ଚଳିତ ଫେବୃଆରି ୭ ତାରିଖ ବୁଧବାର ଦିନ ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳିତ ହୋଇ ଯାଇଛି । ଏଥିପାଇଁ ଦିର୍ଘ ୧ ମାସ ପୁର୍ବରୁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଥିଲା । ପୁରସ୍କାର ବିତରଣ ଉତ୍ସବରେ ଶିକ୍ଷାକେନ୍ଦ୍ରର ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିଭା ମଂଜରି ପରିଡ଼ା ଅଧ୍ୟକ୍ଷତା କରି ୧୯୫୦ ମସିହାରେ ସ୍ଥାପିତ ହୋଇଥିବା ଏହି ବିଦ୍ୟାଳୟ ସ୍ଥାନୀୟ ଅଂଚଳରେ ଶିକ୍ଷା କ୍ଷେତ୍ରରେ କିପରି ବିପ୍ଲବାତ୍ମକ ପରିବବର୍ତନ ଆଣିଛି ବିସ୍ତୃତ ବର୍ଣ୍ଣନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଅଧ୍ୟାପକ ଡ଼. ରମେଶ ଚନ୍ଦ୍ର ନାୟକ, ଅବସର ପ୍ରାପ୍ତ ଶିକ୍ଷକ ସନ୍ତୋଷ କୁମାର ବେହେରା, ସିଆରସିସି ସରସ୍ୱତୀ ବେହେରା ଓ ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ପ୍ରଧାନ ମଂଚାସୀନ ଅତିଥି ଭାବରେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୁର୍ବକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଆଶ୍ରମ ବିଦ୍ୟାଳୟର ପରିବେଶ ଶିକ୍ଷାଦାନ ପାଇଁ କିପରି ସୁନ୍ଦର ବାତାବରଣ ତିଆରି କରିଛି ଓ ଏହା ଅନ୍ୟ ବିଦ୍ୟାଳୟ ମାନଙ୍କ ପାଇଁ ଦୃଷ୍ଟାନ୍ତ ପାଲଟିଛି ବୋଲି ବକ୍ତବ୍ୟ ମାଧ୍ୟମରେ କହିଥିଲେ । ଏହାପରେ ପୁରସ୍କାର ବିତରଣ ପର୍ବ ଆରମ୍ଭ ହୋଇଥିଲା । ଶିକ୍ଷୟିତ୍ରୀ ମୋନାଲିସା ଭଂଜ ପ୍ରାରମ୍ଭରେ ଅତିଥି ପରିଚୟ, ସ୍ୱଗତ ଭାଷଣ ସହିତ ମଂଚ ପରିଚାଳନା ଓ ବାର୍ଷିକ ବିରଣୀ ପାଠର ଦାୟିତ୍ୱ ତୁଲାଇଥିଲେ । ଶିକ୍ଷକ ଶାନ୍ତନୁ କୁମାର ନାୟକ ଶେଷରେ ଧନ୍ୟବାଦ ଅର୍ପଣ କରିବା ପରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।

# ୯ରେ ଘନ କୁହୁଡି: ୧୧, ୧୨ରେ ବର୍ଷା

ଭୁବନେଶ୍ୱର, ୮/୨ (ନି.ପ୍ର): ଶୀତରେ ପୁଣି ଫେରୁଛି ବର୍ଷା ! ଆସନ୍ତା ୧୧ ଓ ୧୨ ତାରିଖରେ ରାଜ୍ୟରେ କେତେକ ଜିଲ୍ଲାରେ ବର୍ଷା ହେବାର ସମ୍ଭାବନା ରହିଛି । ଏଥିସହ କିଛି ଜିଲ୍ଲାରେ ଘନକୁହୁଡି ମଧ୍ୟ ହୋଇପାରେ । ଏନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଜାରି କରିଥିବା ବୁଲେଟିନ୍ ଅନୁସାରେ ୧୧ ତାରିଖରେ ନୂଆପଡ଼ା, ବଲାଙ୍ଗିର, ସୋନପୁର, ବୌଦ୍ଧ, ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, ଯାଜପୁର, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣ ବର୍ଷା ହୋଇପାରେ। ସେହିପରି ୧୨ ତାରିଖରେ ଉପକୂଳ ଓଡ଼ିଶା ସମେତ ମୟୂରଭଞ୍ଜ, କେନ୍ଦୁଝର, ଅନୁଗୋଳ, ଢେଙ୍କାନାଳ, ସୁନ୍ଦରଗଡ଼ ଓ ବୌଦ୍ଧ ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣ ବର୍ଷା ହେବାର ସମ୍ଭାବନା ରହିଛି । ଆସନ୍ତାକାଲି ଅର୍ଥାତ ଶୁକ୍ରବାର ସକାଳେ କଳାହାଣ୍ଡି, ନବରଙ୍ଗପୁର, କନ୍ଧମାଳ, କୋରାପୁଟ ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ଘନ କୁହୁଡି ହେବାର ସମ୍ଭାବନା ରହିଛି। ୧୦ ତାରିଖ ମଧ୍ୟ କେତେକ ଜିଲ୍ଲାରେ ଘନ କୁହୁଡ଼ି ଦେଖାଦେଇପାରେ। ଏଥିସହିତ ଆଗାମୀ ଦୁଇ ରାତିର ତାପମାତ୍ର ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ କମିବାର ସମ୍ଭାବନା ରହିଛି। ୩ ଦିନ ପରେ ତାପମାତ୍ର ପୁଣି ବଢ଼ିବାର ଆଶଙ୍କା ରହିଛି। ଗତ ୨୪ ଘଣ୍ଟା ଭିତରେ କେବଳ ଗଜପତି ଜିଲ୍ଲାରେ କିଛି ଅଞ୍ଚଳରେ ସାମାନ୍ୟ ବର୍ଷା ହୋଇଥିଲେ। ତେବେ ରାଜ୍ୟର ବାକି ଜିଲ୍ଲାରେ ପାଗ ସାଧାରଣତଃ ଶୁଖିଲା ରହିଥିଲା। କଟକ ଓ ନୟାଗଡ଼ରେ ଘନ କୁହୁଡି ଅନୁଭୂତ ହୋଇଥିଲା।

# ସ୍କୁଲ ପିଲାଙ୍କ ପାଇଁ ଅନନ୍ୟ ସିଏସଆର ପ୍ରୟାସ ଦୁଗ୍ଧ ଉପହାର କାର୍ଯ୍ୟକ୍ରମ ସନ୍ଦର୍ଭରେ ଏନଡ଼ିଡ଼ିବି ଏବଂ ଜିଲ୍ଲା ପ୍ରଶାସନ ସହିତ ନୂତନ ବୁଝାମଣା ପତ୍ର ସ୍ୱାକ୍ଷରିତ




ସେଲ, ୮/୨ (ନି.ପ୍ର): ରାଉରକେଲା ଷ୍ଟିଲ ପ୍ଲାଣ୍ଟ (ଆରଏସପି) ବିସ୍ରା ବ୍ଲକର ପ୍ରାଥମିକ ବିଦ୍ୟାଳୟର ପିଲାମାନଙ୍କୁ ଅନନ୍ୟ ସିଏସଆର ଗିଫ୍ଟ ମିଲ୍କ କାର୍ଯ୍ୟକ୍ରମ ଅଧୀନରେ ପୁଷ୍ଟିକର ପସ୍ଚୁରାଇଜଡ୍ ସୁସ୍ୱାଦୁ ସୁବାସିତ ପ୍ୟାକେଜ୍ କ୍ଷୀର ଯୋଗାଇବା ସନ୍ଦର୍ଭରେ ନେସନାଲ ଡାଇରି ଡେଭେଲପମେଣ୍ଟ ବୋର୍ଡ (ଏନଡ଼ିଡ଼ିବି) ଫର ନ୍ୟୁଟ୍ରିସନ , ଆନନ୍ଦ, ଗୁଜୁରାଟ ଏବଂ ଜିଲ୍ଲା ପ୍ରଶାସନ ସହିତ ଏକ ନୂତନ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷର କରିଛି । ଏଥିନିମନ୍ତେ ଏମଓୟୁ ଫେବୃଆରୀ ୬ ତାରିଖରେ ସ୍ୱାକ୍ଷରିତ ହୋଇଥିଲା। ଏଥିରେ ଆରଏସପି ତରଫରୁ ସହର ପ୍ରଶାସନ ସିଏସଆର ବିଭାଗର ସିଜିଏମ ଶ୍ରୀ ପି କେ ସ୍ୱାଇଁ, ଏନଏଫଏନ ତରଫରୁ ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଏସ ରେଗପଥୀ ଏବଂ ସୁନ୍ଦରଗଡ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ଅମୂଲ୍ୟ କୁମାର ପ୍ରଧାନ ଏମଓୟୁ ସ୍ୱାକ୍ଷର କରିଥିଲେ। ପୂର୍ବ ଏମଓୟୁ ଅଧୀନରେ ୨୦୨୪ ମାର୍ଚ୍ଚ ୩୧ ତାରିଖରେ ଶେଷ ହେବାକୁ ଯାଉଥିବା ଏହି ଉତ୍ତମ ସିଏସଆର ପଦକ୍ଷେପ ଜାରି ରଖିବା ଦିଗରେ ନୂତନ ଏମଓୟୁ ମାର୍ଗ ପ୍ରଶସ୍ତ କରିଛି । ସୂଚନାଯୋଗ୍ୟ ଯେ, ଆରଏସପି ଓ ବୋକାରୋ ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଶ୍ରୀ ଅତନୁ ଭୌମିକଙ୍କ ମାର୍ଗଦର୍ଶନରେ ପରିକଳ୍ପିତ ଏହି ପ୍ରକଳ୍ପ ୨୦୨୩ ଡିସେମ୍ବର ମାସରେ ଆରମ୍ଭ ହୋଇଥିଲା। ଏହି ନୂତନ ଏମଓୟୁ ୨୦୨୪ ଅପ୍ରେଲ ୧ ତାରିଖରୁ ୨୦୨୫ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ଗୋଟିଏ ବର୍ଷ ପାଇଁ କାର୍ଯ୍ୟକାରୀ ରହିବ ଏବଂ ଏଥିନିମନ୍ତେ ଆରଏସପି ଏକ ବର୍ଷ ନିମନ୍ତେ ୬୦ ଲକ୍ଷ ଟଙ୍କା ବ୍ୟୟ ବହନ କରିବ। ନୂତନ ଏମଓୟୁରେ କାର୍ଯ୍ୟକ୍ରମର ପରିସୀମା ସମ୍ପ୍ରସାରିତ କରାଯାଇଛି । ଏହି ଅଧୀନରେ ବିଦ୍ୟାଳୟ ସଂଖ୍ୟା ବିଦ୍ୟମାନ ୨୦ରୁ ୨୮କୁ ବୃଦ୍ଧି କରାଯାଇଛି ଏବଂ ହିତାଧିକାରୀ ଛାତ୍ରଙ୍କ ସଂଖ୍ୟା ମଧ୍ୟ ୧୧୫୦ରୁ ୧୪୭୦କୁ ବୃଦ୍ଧି କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଉକ୍ତ ଅନନ୍ୟ ସିଏସଆର ପ୍ରୟାସର ଅଂଶ ସ୍ୱରୂପ ୨୦୦ ମିଲିଲିଟର ସ୍ୱାଦଯୁକ୍ତ ସୁବାସିତ କ୍ଷୀର ପ୍ରତ୍ୟେକ ପିଲାଙ୍କୁ ବିଦ୍ୟାଳୟ ପରିସରରେ ପ୍ରତି କାର୍ଯ୍ୟଦିନରେ ପ୍ରଦାନ କରାଯିବ। ସରକାରୀ ବିଦ୍ୟାଳୟରେ ପଢୁଥିବା ପିଲାଙ୍କ ମଧ୍ୟରେ ପୁଷ୍ଟିହୀନତାର ସ୍ତର ହ୍ରାସ କରିବା ଏହି ଯୋଜନାର ଲକ୍ଷ୍ୟ ରହିଛି।

WORKS DEPARTMENT
OFFICE OF THE SUPERINTENDING ENGINEER,
RAIRANGPUR (R&B), DIVISION
e-mail: - eerbrairangpur@yahoo.co.in
Government of Odisha "e" Procurement Notice
Bid Identification No.SE 71 of 2023-24

1. Nature of work:- Electrical Works
2. Number of works: 1 (One )
3. Amount put to Tender: - Rs. 7,74,200.00
4. Class of Contractor: - Authorised vendor of CCTV OEM/ MV Electrical Licence
5. Date & Time of availability of bid document in the portal: - Dt. 17.02.2024 at 10:00 AM
6. Last Date / Time of receipt of bid in the portal: - Dt. 26.02.2024 up to 04:00 PM
7. Date of opening of bid : - Dt 27.02.2024 at 11:00 AM
8. Name & address of the Office inviting bid: - Superintending Engineer, Rairangpur (R&B)Division
9. The bidders have to participate in ONLINE bidding only. Further details can be seen from the e-procurement portal "http//tendersodisha.gov.in." All future corrigendum will be available on ONLINE mode only.

OIPR: 34041/11/0020/2324

Superintending Engineer
Rairangpur (R&B) Division

## କାଇ ଚଟୁଣିରେ ପୁରି ରହିଛି ଔଷଧୀୟ ଗୁଣ : ଇଂ. ନୟାଧର

ଉଦଳା, ୮/୨ (ନି.ପ୍ର): ମୟୂରଭଂଜ ଜିଲ୍ଲାରେ ବହୁଳ ଭାବରେ ଉପଲବ୍ଧ ହେଉଥିବା କାଇ ଚଟୁଣିରେ ଔଷଧୀୟ ଗୁଣ ଭରପୁର ରହିଛି ବୋଲି ଉଦଳା ସହରର ବାସିନ୍ଦା ଇଂ. ନୟାଧର ପଢ଼ିଆଳ କହିଛଁ । ଗତ କରୋନା ସମୟରୁ ଏହା ଉପରେ ଗବେଷଣା ଚଳାଇ ଆସୁଥିବା ଇଂ. ନୟାଧର ଏଥିପାଇଁ ଚଳିତ ଫେବୃଆରି ୧୧ ତାରିଖ ରବିବାର ଦିନ ଉଦଳା ଉଚ୍ଚ ବିଦ୍ୟାଳୟର ଖେଳ ପଡ଼ିଆ ଠାରେ ଏକ ପ୍ରେସ ମିଟର ଆୟୋଜନ କରିଛନ୍ତି । ଦିନ ୧୦ ଘଟିକାରେ ଏହି ପ୍ରେସ ମିଟ ହେବାକୁ ଥିବା ବେଳେ ବହୁ ସଂଖ୍ୟାରେ ଗଣମାଧ୍ୟମର ପ୍ରତିନିଧି ଏଥିରେ ଯୋଗ ଦେବାକୁ ସେ ଅନୁରୋଧ ଜଣାଇଛନ୍ତି । ଏହି ପ୍ରେସ ମିଟରେ ଗବେଷକ ଇଂ. ନୟାଧର କାଇ ଚଟୁଣିର ଔଷଧୀୟ ଗୁଣ ଓ ଏହାକୁ ମିଳିଥିବା ଜିଆଇ ଟ୍ୟାଗର ମାନ୍ୟତା ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇବେ ବୋଲି କହିଛନ୍ତି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ବିକ୍ଷୋଭ ପାଇଁ ଦିଲ୍ଲୀ....

ପ୍ରବେଶ କରିବାର ଆଶଙ୍କା ଥିବାରୁ ପୁଲିସ୍ ପକ୍ଷରୁ ସର୍ଚ୍ଚ ଅପରେସନ କରାଯାଉଥିବା ସଫେଇ ଦିଆଯାଇଛି। ବରିଷ୍ଠ ପୁଲିସ ଅଧିକାରୀ ଶିବହରି ମୀନା କହିଛନ୍ତି, "ନୋଏଡା ଓ ଦିଲ୍ଲୀର ସମସ୍ତ ସୀମାରେ ବ୍ୟାପକ ପୁଲିସ୍ ଫୋର୍ସ ମୁତୟନ କରାଯାଇଛି। ୨୪ ଘଣ୍ଟା ପାଇଁ ସବୁ ସୀମାକୁ ସିଲ କରାଯାଇଛି। ଦିଲ୍ଲୀ ଯାଉଥିବା ସବୁ ଗାଡ଼ିକୁ ଚେକିଂ କରାଯାଉଛି। ସାଧାରଣ ଲୋକ ଯେମିତି ସମସ୍ୟାରେ ନ ପଡ଼ିବେ, ସେଥିପାଇଁ ଆମେ ସବୁ ପ୍ରକାରର ପଦକ୍ଷେପ ନେବାକୁ ଚେଷ୍ଟା କରୁଛୁ। ଆମେ ଚାଷୀଙ୍କ ସହ ମଧ୍ୟ କଥାବାର୍ତ୍ତା କରିଛୁ।" ଅନ୍ୟପକ୍ଷରେ ଦିଲ୍ଲୀକୁ ଲାଗିଥିବା ହରିଆଣା ସୀମାରେ ମଧ୍ୟ ଚାଷୀଙ୍କୁ ଅଟକାଇବା ପାଇଁ ବ୍ୟବସ୍ଥା ହୋଇଛି। ଏଠାରେ ସିମେଣ୍ଟ ବ୍ୟାରିୟର୍ସ, ବାଲିବସ୍ତା ଆଦି ରଖାଯାଇଛି। ଶମ୍ଭୁ ସୀମାରେ ଏପରି ବ୍ୟବସ୍ଥା ହୋଇଛି। ୨୦୨୦-୨୧ରେ ମଧ୍ୟ ସମାନ ଢଙ୍ଗରେ ବ୍ୟାରିକେଡ ଓ ଲୁହା କଣ୍ଟା ବିଛାଇ ଚାଷୀଙ୍କ ରାସ୍ତାକୁ ରୋକା ଯାଇଥିଲା। ହରିଆଣା ପୁଲିସ୍ ଚାଷୀମାନଙ୍କୁ ନୋଟିସ ଜାରି କରି ଧମକ ମଧ୍ୟ ଦେଇଛି। ପୁଲିସ୍ ? ପକ୍ଷରୁ ଚାଷୀଙ୍କୁ ଆନ୍ଦୋଳନରେ ସାମିଲ ନ ହେବାକୁ କୁହାଯାଇଛି। ଯଦି ଚାଷୀମାନେ ଆନ୍ଦୋଳନରେ ସାମିଲ ହୁଅନ୍ତି, ତା'ହେଲେ ସେମାନଙ୍କୁ ବହୁତ କ୍ଷତି ସହିବାକୁ ପଡ଼ିବ। ଟ୍ରାକ୍ଟର ମାର୍ଚ୍ଚ ପାଇଁ ପ୍ରସ୍ତୁତ ହେଉଥିବା ହରିଆଣା ଓ ପଞ୍ଜାବର ଚାଷୀମାନେ ଏକାଧିକ ଦାବି ଉପସ୍ଥାପନ କରିଛନ୍ତି। ଏମଏସ୍‌ପି ପାଇଁ ଆଇନ, ଚାଷୀଙ୍କ ପାଇଁ ପେନସନ, ଫସଲ ବୀମା ଓ ୨୦୨୦ ଆନ୍ଦୋଳନ ବେଳେ ଚାଷୀଙ୍କ ବିରୋଧରେ ରୁଜୁ ହୋଇଥିବା ଏଫଆଇଆରକୁ ରଦ୍ଦ କରିବା ଭଳି ଦାବି କରି ସେମାନେ ଆନ୍ଦୋଳନ କରିବାକୁ ଯୋଜନା କରିଛନ୍ତି।

## କାମଚଳା ବଜେଟ୍‌ର...

ଆୟ ମଧ୍ୟରେ ବ୍ୟବଧାନ ୩୨ ପ୍ରତିଶତକୁ ରୁ ୧୩ ପ୍ରତିଶତକୁ ହ୍ରାସ ପାଇଛି । ୨୦୨୪-୨୫ ଆର୍ଥିକ ବର୍ଷର ଆଗୁଆ ଆକଳନ ଅନୁସାରେ ଓଡ଼ିଶାର ଅଭିବୃଦ୍ଧି ୮.୫ ପ୍ରତିଶତକୁ ବୃଦ୍ଧି ପାଇବ । ଏଣୁ ସମଗ୍ର ଦେଶର ଅର୍ଥନୀତି କ୍ଷେତ୍ରରେ ଓଡ଼ିଶା ଏକ ଉଜ୍ଜଳ ସ୍ଥାନ ହୋଇ ରହିଛି । ଏହି ବଜେଟର କୃଷି ଓ ଅନୁଷଙ୍ଗିକ କ୍ଷେତ୍ର ପାଇଁ ୩୩୦୯ କୋଟି ଟଙ୍କା ବ୍ୟୟବରାଦ ହୋଇଥିବା ବେଳେ ଉଚ୍ଚଶିକ୍ଷା ବିଭାଗ ପାଇଁ ୧୩୯୪ କୋଟି ରଖାଯାଇଛି। ପଞ୍ଚାୟତିରାଜ ବିଭାଗ ପାଇଁ ୧୦ ହଜାର ୧୯୮ କୋଟି ଟଙ୍କା। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପାଇଁ ୯ ହଜାର ୯୬୮ କୋଟି। ଜଙ୍ଗଲ ଓ ପରିବେଶ ବିଭାଗ ପାଇଁ ୮୫୯ କୋଟି। ସ୍ୱାସ୍ଥ୍ୟ ବିଭାଗ ପାଇଁ ୮୨୬୪ କୋଟି। ଏସସି/ଏସଟି ବିଭାଗ ପାଇଁ ୨୩୩୯ କୋଟି। ଶିଳ୍ପ ବିଭାଗ ପାଇଁ ୩୫୯ କୋଟି। ପରିବହନ ବିଭାଗ ପାଇଁ ୧୩୬୮ କୋଟି। ଗ୍ରାମ୍ୟ ଉନ୍ନୟନ ବିଭାଗ ପାଇଁ ୪୪୭୦ କୋଟି। ନଗର ଉନ୍ନୟନ ବିଭାଗ ପାଇଁ ୪୧୮୦ କୋଟି। ଶକ୍ତି ବିଭାଗ ପାଇଁ ୧୬୫୨ କୋଟି। ମହିଳା ଓ ଶିଶୁ ବିକାଶ ବିଭାଗ ପାଇଁ ୨୦୨୧ କୋଟି। ଜଳସଂପଦ ବିଭାଗ ପାଇଁ ୬୨୪୪ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ଧାନ ମୂଲ୍ୟ ସଠିକ ସମୟରେ ପ୍ରଦାନ ପାଇଁ ୨ହଜାର କୋଟିର ରିଭଲ୍?ଭିଂ ଫଣ୍ଡ ବ୍ୟବସ୍ଥା ହୋଇଥିବା ବେଳେ ଆଗାମୀ ୫ ବର୍ଷରେ ୧୮୫୮ ସ୍ୱାସ୍ଥ୍ୟକେନ୍ଦ୍ରର ରୂପାନ୍ତରଣ ହେବ ଏଥିପାଇଁ ୩୩୮୯ କୋଟି ଟଙ୍କା ଖର୍ଚ୍ଚ ହେବ। ମିଶନ ଶକ୍ତି ସ୍କୁଟର ଯୋଜନା ପାଇଁ ୫୨୯ କୋଟିର ବ୍ୟୟବରାଦ । ୨୦୨୪-୨୫ ଆର୍ଥିକ ବର୍ଷରେ ମେଟ୍ରୋ ପାଇଁ ୧ ହଜାର କୋଟି । ରେଳ ପ୍ରକଳ୍ପ ପାଇଁ ୭ଶହ କୋଟିର ବ୍ୟବସ୍ଥା ହୋଇଛି।

## ୯୦୦ କୋଟି ...

ଏହି ଚିଟଫଣ୍ଡର ସଂସ୍ଥାର କିଛି ସମ୍ପତ୍ତି ଜବତ କରିବା ସହ ଜମି ଗୁଡ଼ିକୁ ମଧ୍ୟ ନିଲାମ କରାଯାଇଥିଲା। ଆଜି ଏହି ଚିଟଫଣ୍ଡ ସଂସ୍ଥା ଉପରେ ଇଡି ଚଢ଼ାଉ କରି ଖୋଳତାଡ଼ ଆରମ୍ଭ କରିଛି।

## କ୍ରମାଗତ ଷଷ୍ଠ...

ଏହାର ମୁଦ୍ରା ନୀତି(ଆରବିଆଇ କ୍ରେଡିଟ୍ ପଲିସି) ଘୋଷଣା କରିଛି। ରେପୋ ରେଟ୍ ଏବଂ ରିଭର୍ସ ରେପୋ ରେଟରେ କୌଣସି ପରିବର୍ତ୍ତନ ହେବ ନାହିଁ ବୋଲି ଆରବିଆଇ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ କହିଛନ୍ତି। ସେଣ୍ଟ୍ରାଲ୍ ବ୍ୟାଙ୍କ୍ ମନିଟାରୀ ପଲିସି କମିଟି (ଏମପିସି)ର ଛଅ ଜଣିଆ ସଦସ୍ୟ ଷଷ୍ଠ ଥର ପାଇଁ ରେପୋ ହାରକୁ ୬.୫ ପ୍ରତିଶତରେ ଅପରିବର୍ତ୍ତିତ ରଖିବାକୁ ନିଷ୍ପତ୍ତି ନେଇଥିବା ଆରବିଆଇ ଗଭର୍ଣ୍ଣର କହିଛନ୍ତି। ଗତ ବର୍ଷ ଫେବୃଆରୀରେ ଶେଷ ଥର ପାଇଁ ରେପୋ ରେଟ୍ ପରିବର୍ତ୍ତନ କରିଥିଲା ଆରବିଆଇ। ଏହା ପରଠାରୁ କୌଣସି ପରିବର୍ତ୍ତନ କରାଯାଇ ନାହିଁ। ରେପୋ ହାରରେ କୌଣସି ପରିବର୍ତ୍ତନ ନହେବା କାରଣରୁ ଘର ଏବଂ କାର ଲୋନ୍ ସମେତ ସମସ୍ତ ପ୍ରକାରର ଲୋନର ରଗଓ ହ୍ରାସ ପାଇଁ ଅପେକ୍ଷା କରିଥିବା ଲୋକଙ୍କୁ ନିରାଶ ହେବାକୁ ପଡିଛି।

## ପ୍ରଧାନମନ୍ତ୍ରୀ ଓବିସି...

ଏବେ କଂଗ୍ରେସ ସାରା ଦେଶରେ ଜାତିଗତ ଜନଗଣନା ପାଇଁ ଦାବି କରୁଛି । କିନ୍ତୁ ଏହାରି ଭିତରେ ରାହୁଲ ଗାନ୍ଧୀ ମୋଦୀଙ୍କ ଜାତି ଓବିସି ନୁହେଁ ବୋଲି ଦାବି କରିଛନ୍ତି । ରାହୁଲ ଏପରି କହି ନିର୍ବାଚନ ବେଳେ ଭୋଟ୍ ବ୍ୟାଙ୍କ ଏବଂ ତୁଷ୍ଟିକରଣ ରାଜନୀତି କରୁଛନ୍ତି ବୋଲି ଗୁଜରାଟର ବିଜେପି ବିଧାୟକ କହିଛନ୍ତି ।୨୦୧୪ ଲୋକସଭା ନିର୍ବାଚନରେ ୩୦ ପ୍ରତିଶତ ପ୍ରଭାବଶାଳୀ ଓବିସି ବିଜେପିକୁ ଭୋଟ୍ ଦେଇଥିବା ବେଳେ ଅଣ-ପ୍ରଭାବଶାଳୀ ଓବିସି ଭୋଟରଙ୍କ ମଧ୍ୟରେ ୪୩ ପ୍ରତିଶତ ଭୋଟ୍ ମିଳିଥିଲା । ୨୦୧୯ ଲୋକସଭା ନିର୍ବାଚନରେ ଓବିସି ଭୋଟରଙ୍କ ମଧ୍ୟରେ ବିଜେପିର ସମର୍ଥନ ଆହୁରି ବୃଦ୍ଧି ପାଇଥିଲା । ପ୍ରଭାବଶାଳୀ ଓବିସି ଭୋଟରଙ୍କ ମଧ୍ୟରୁ ୪୦ ପ୍ରତିଶତ ବିଜେପିକୁ ଭୋଟ୍ ଦେଇଥିବା ବେଳେ ଅଣ-ପ୍ରଭାବଶାଳୀ ଓବିସିଙ୍କ ମଧ୍ୟରେ ୪୮ ପ୍ରତିଶତ ଭୋଟ୍ ମିଳିଛି । ଏବେ ନିର୍ବାଚନ ରହିଛି । ତେଣୁ ଓବିସିକୁ ନିଜ ପଟକୁ ନେବା ପାଇଁ ଶାସକ ବିରୋଧୀ ବୟାନବାଜି ଚାଲିଛି ।

# ଖଡିଆରରେ ଏଡିଜେ କୋର୍ଟ ସ୍ଥାପନା ପାଇଁ ଦାବି

ଭୁବନେଶ୍ୱର, ୮/୨ (ନି.ପ୍ର): ନୂଆପଡା ଜିଲ୍ଲାର ଖଡିଆର ଠାରେ ଏଡିଜେ କୋର୍ଟ ସ୍ଥାପନା କରିବାରେ ଅହେତୁକ ବିଳମ୍ବ ନେଇ ବିଧାନସଭାରେ ଉଦବେଗ ପ୍ରକାଶ କରିଛନ୍ତି ବିଧାୟକ ଅଧିରାଜ ରଂଜନ ପାଣିଗ୍ରାହୀ । ପ୍ରଶ୍ନକାଳରେ ତାଙ୍କ ଦ୍ୱାରା ଏ ସମ୍ପର୍କରେ ପଚରା ଯାଇଥିବା ପ୍ରଶ୍ନ ଉପରେ ଆଲୋଚନା ବେଳେ ସେ କହିଛନ୍ତି ଯେ, ଓଡିଶା ଉଚ୍ଚ ନ୍ୟାୟାଳୟ ଏ ସମ୍ପର୍କରେ ନିର୍ଦ୍ଦେଶ ଦେବା ସତ୍ୱେ ସ୍ଥାପନାରେ ବିଳମ୍ବ କରାଯାଉଛି । ଏହି କୋର୍ଟ ନ ଥିବା କାରଣରୁ ନୂଆପଡା ଜିଲ୍ଲାର ବିଭିନ୍ନ ଅଂଚଳର ଲୋକ ମାନଙ୍କୁ ନ୍ୟାୟପାଇଁ ୧୫୦ରୁ ୨୦୦ କିମି ଆସିବାକୁ ପଡୁଛି । ତେଣୁ ଏହାକୁ ଶୀଘ୍ର କରାଯାଉ ବୋଲି ସେ କହିଛନ୍ତି ।

# ଭଗବାନ ଚନ୍ଦ୍ର ପାଢୀଙ୍କ ସ୍ମୃତି ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ



ବାସୁଦେବପୁର, ୮/୨ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ନରସିଂହପୁର ପଞ୍ଚାୟତର ମଖଲ ପୁର ଗ୍ରାମରେ ଅବସର ପ୍ରାପ୍ତ ଶିକ୍ଷକ ଭଗବାନ ଚନ୍ଦ୍ର ପାଢ଼ୀଙ୍କ ଏକାଦଶାହ କ୍ରିୟା ଓ ସ୍ମୃତି ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ସ୍ୱର୍ଗତ ଭଗବାନ ପାଢ଼ୀ ଙ୍କ ଅମର ଆତ୍ମାର ସଦଗତି ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଏହି ସଭାରେ ବିଶିଷ୍ଟ ଶିକ୍ଷାବିତ୍ ଗୟାଧର ମହାପାତ୍ର ସଭାପତିତ୍ୱ କରିଥିଲେ । ବାସୁଦେବପୁରର ମାନ୍ୟବର ବିଧାୟକ ବିଷ୍ଣୁ ବ୍ରତ ରାଉତରାୟ, ନାବାର୍ଡର ସି ଜି ଏମ ଅକ୍ଷୟ କୁମାର ପାଢ଼ୀ, ଡାକ୍ତର ନରେନ୍ଦ୍ର ପ୍ରସାଦ ସାହୁ, ରମାକାନ୍ତ ପଣ୍ଡା, ଇଞ୍ଜିନିୟର ଭାଗିରଥି ମହାପାତ୍ର, ମହେଶ୍ୱର ଦାଶ, ମହେଶ୍ୱର ପାଣିଗ୍ରାହୀ, ଅଭିରାମ ପାଢ଼ୀ, ଗଭା ମଣି ପାଢ଼ୀ, ଇନ୍ଦ୍ରମଣି ପାଢ଼ୀ ପ୍ରମୁଖ ଏହି ସଭାରେ ଅତିଥି ଭାବେ ଯୋଗଦେଇ ଭଗବାନ ପାଢ଼ୀ ଙ୍କ ଜୀବନର ବିଭିନ୍ନ ଦିଗ ପ୍ରତି ଆଲୋଚନା କରିଥିଲେ । ଏହି ସଭାରେ ବେଦ ପାଠ କରିଥିଲେ ସାଇ ବିସ୍ମୟ ପାଢ଼ୀ, ଦେବାଶିଷ ପାଢ଼ୀ, ଅଙ୍କିତ ପାଢ଼ୀ, ଲୋପାମୁଦ୍ରା ପଣ୍ଡା, ଜ୍ୟୋତିସ୍ମିତା ପାଢ଼ୀ, କୌସ୍ତୁଭ ପାଢ଼ୀ, ଭୁବନେଶ୍ୱର ପାଢ଼ୀ । ଏହି ଉତ୍ସବରେ ଅନ୍ୟ ମାନଙ୍କ ମଧ୍ୟରେ ଯୋଗ ଦେଇଥିଲେ ରଘୁନାଥ ପଣ୍ଡା, ରବୀନ୍ଦ୍ର ପଣ୍ଡା, ବେଣୁଧର ବେହେରା, କବି ରତ୍ନାକର ପଣ୍ଡା, ନରସିଂହପୁର ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଶାନ୍ତିଲତା ପଣ୍ଡା, ରଙ୍ଗରାଗ ର ସମ୍ପାଦକ କବି ପ୍ରଦୀପ୍ତ କୁମାର ମହାନ୍ତି, ଶିକ୍ଷାବିତ୍ ଉପେନ୍ଦ୍ର ପ୍ରସାଦ ପାଢ଼ୀ, କବି ତପନ ମିତ୍ର ପ୍ରମୁଖ । ଏହି ଉତ୍ସବକୁ ପରିଚାଳନା କରିବାରେ ସହଯୋଗ କରିଥିଲେ ଅମରେନ୍ଦ୍ର ପାଢ଼ୀ, ଜ୍ଞାନେନ୍ଦ୍ର ପାଢ଼ୀ, କ୍ଷେତ୍ରବାସୀ ପାଢ଼ୀ, ଜ୍ଞାନେନ୍ଦ୍ର ନାରାୟଣ ପାଢ଼ୀ, ଦାମୋଦର ପାଢ଼ୀ, ମନୋରଞ୍ଜନ ପାଢ଼ୀ, ହୃଷୀକେଶ ପାଢ଼ୀ, ବିଶ୍ୱ ବିସ୍ମୟ ପାଢ଼ୀ, ଅସିତ୍, ଶ୍ରୀୟା, ଗୁନୁମା । ସାଇ ବିସ୍ମୟ ପାଢ଼ୀ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ । ଶେଷରେ ଶିକ୍ଷାବିତ୍ ଡକ୍ଟର ଶୈଳେନ୍ଦ୍ର ନାରାୟଣ ପାଢ଼ୀ ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ଶୁକ୍ରବାର, ଫେବୃଆରୀ ୯, ୨୦୨୪

ଧ୍ୱନି ପ୍ରତିଧ୍ୱନି

# ମା' ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ



ବାସୁଦେବପୁର, ୮/୨ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ବିନାୟକପୁର ଗ୍ରାମର ମାଆ ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ଦାସ ସଭାପତିତ୍ୱ କରିଥିଲେ । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଏ ବି ଇ ଓ ଅମିୟ କୁମାର ମହାଳିକ । ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ଅବସର ପ୍ରାପ୍ତ ଶିକ୍ଷକ ଭଗବାନ ମିଶ୍ର, ପ୍ରଧାନ ଆଚାର୍ଯ୍ୟ ତାପସ କୁମାର ମିଶ୍ର, ସି ଆର ସି ସି ରବି ଶଙ୍କର ଜେନା । ସମସ୍ତ ଅତିଥି ଏହି ବିଦ୍ୟା ମନ୍ଦିରର ସୁନ୍ଦର ପରିବେଶ, ପାଠ ପଢା ଶୈଳୀ ଓ ଛାତ୍ର ଛାତ୍ରୀ ମାନଙ୍କୁ ପ୍ରଶଂସା କରିଥିଲେ । ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ପିଲାମାନେ ସୁନ୍ଦର ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ । ଶେଷରେ ନୃତ୍ୟ ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ଏହି ବିଦ୍ୟା ମନ୍ଦିର ର ପ୍ରତିଷ୍ଠାତା ଲଳିତ କୁମାର ବାରିକ୍ ପିଲା ମାନଙ୍କୁ ଭଲ ମଣିଷ ହେବା ପାଇଁ ପ୍ରେରଣା ଦେଇଥିଲେ । ସମ୍ପାଦକ ବିକ୍ରମ କେଶରୀ ରଣା ସଂକ୍ଷିପ୍ତ ବକ୍ତବ୍ୟ ରଖିଥିଲେ କ୍ଷ ପ୍ରଧାନ ଆଚାର୍ଯ୍ୟ ତାପସ ମିଶ୍ର ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବୃଦ୍ଧାଶ୍ରମ ନିର୍ମାଣ ପାଇଁ ପ୍ରସ୍ତୁତ ବୈଠକ



ବାଲିଆପାଳ, ୮/୨ (ନି.ପ୍ର): ବାଲିଆପାଳ ବ୍ଲକ ବାଲିକୁଟି ଗ୍ରାମର ସମାଜସେବୀ ତପସ୍ୱିନୀ କର ଙ୍କ ଆହ୍ୱାନ କ୍ରମେ ଛଡ଼ା ଗ୍ରାମର ଯତୀନ୍ଦ୍ର ଘୋଡାଇଙ୍କ ବାସଭବନରେ ବୁଧବାର ବୃଦ୍ଧାଶ୍ରମ ନିର୍ମାଣ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବସୁନ୍ଧରା ଚାରି ଟେବୁଲ୍ ଟ୍ରଷ୍ଟର ସଭାପତି ସନ୍ତୋଷ କୁମାର ଲେଙ୍କା ଙ୍କ ଅଧ୍ୟକ୍ଷତାରେ ଏହି ବୈଠକରେ ଆଖପାଖ ଅଞ୍ଚଳରୁ ବିଭିନ୍ନ ପଞ୍ଚାୟତରୁ ବୁଦ୍ଧିଜୀବୀମାନେ ଯୋଗଦେଇ ଥିଲେ। ଆଜିର ସମାଜ ରେ ଦିନକୁ ଦିନ ବଢୁଥିବା ଅସହାୟ ବୃଦ୍ଧା ବାପା, ମା ମାନଙ୍କ ପ୍ରତି ଅତ୍ୟାଚାର ଅସହ୍ୟ ହୋଇପଡୁଛି । ଫଳରେ ବାର ଦୁଆର ଶୁଙ୍ଘି ପିଣ୍ଡା ବୃଦ୍ଧା ବାପା ମା ହେଉଛନ୍ତି । ଅସହାୟ ବାପା ମା ଙ୍କ ସୁରକ୍ଷା ପାଇଁ ଏବେ ସମାଜରେ ଲୋଡା ହୋଇପଡିଛି ବୃଦ୍ଧାଶ୍ରମ । ଏହାକୁ ଦୃଷ୍ଟିରେ ରଖି ସମାଜସେବୀ ତପସ୍ୱିନୀ କର ଏକ ବୃଦ୍ଧ ଆଶ୍ରମ ନିର୍ମାଣ ପାଇଁ ସମସ୍ତଙ୍କର ସହଯୋଗ କାମନା କରିଛନ୍ତି। ଶ୍ରୀମତୀ କର ପୂର୍ବରୁ ଶ୍ରଦ୍ଧା ନାମରେ ଏକ ବୃଦ୍ଧା ଆଶ୍ରମ ତାଙ୍କ ବାସଭବନରେ ଚଳାଇ ଆସୁଛନ୍ତି। ଉକ୍ତ ଆଶ୍ରମରେ ଏବେ ୧୦ ଜଣ ବୃଦ୍ଧ, ବୃଦ୍ଧା ଅଛନ୍ତି, ଏହି ବୃଦ୍ଧ ଆଶ୍ରମ କୁ ବ୍ୟାପକ କରିବା ପାଇଁ ଉକ୍ତ ଅଞ୍ଚଳର ବୁଦ୍ଧିଜୀବୀମାନଙ୍କର ପରାମର୍ଶ ସେ କାମନା କରିଛନ୍ତି। ଗତ କାଲି ଏହି ବୈଠକରେ ମୃତ୍ୟୁଞ୍ଜୟ ନାୟକ , ବିଦ୍ୟାଧର ଭୂୟାଁ, ମହେଶ୍ୱର ଦାସ, ପ୍ରଦୀପ କୁମାର ସାହୁ, ବରିଷ୍ଠ ସାମ୍ବାଦିକ ରବିରଞ୍ଜନ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ରେ ଅଂଶ ଗ୍ରହଣ କରିଥିଲେ। ଝରଣା ରାଉତ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ରାଜଧାନୀର ଡାକ୍ତରଖାନା ଡାକ୍ତର ନଥିବା ପ୍ରତିବାଦରେ ବିଜେପିର ସତ୍ୟାଗ୍ରହ

ଭୁବନେଶ୍ୱର, ୮/୨ (ନି.ପ୍ର): ଏକାମ୍ର ନିର୍ବାଚନ ମଣ୍ଡଳୀର କପିଳପ୍ରସାଦ- ସୁନ୍ଦରପଦା ସହରାଂଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ରାଜ୍ୟ ସରକାରଙ୍କୁ ବାରମ୍ବାର ଅନୁରୋଧ ସତ୍ତ୍ୱେ ଡାକ୍ତର ନିଯୁକ୍ତି ନହେବା ପ୍ରତିବାଦରେ ୱାର୍ଡ଼ ନଂ ୬୭ ର କର୍ପୋରେଟର ମଧୁସ୍ମିତା ପ୍ରଧାନ ଓ ସ୍ଥାନୀୟ ଜନସାଧାରଣ ମେଡ଼ିକାଲ ସମ୍ମୁଖ ରେ ସତ୍ୟାଗ୍ରହ ରେ ବସିଛନ୍ତି। ଏହି ସତ୍ୟାଗ୍ରହ ରେ ବିଜେପି ଜିଲ୍ଲା ସଭାପତି ତଥା ଏକାମ୍ର ନିର୍ବାଚନ ମଣ୍ଡଳୀ ବିଜେପି ବିଧାୟକ ପ୍ରାର୍ଥୀ ବାବୁ ସିଂ ଯୋଗଦେଇ କହିଥିଲେ ଯେ, ସବୁ ବେଳେ ମୁଖ୍ୟମନ୍ତ୍ରୀ କୁହନ୍ତି ଯେ ସମଗ୍ର ଓଡ଼ିଶା ବାସୀ ମୋ ପରିବାର ହେଲେ ତାଙ୍କ ବାସଭବନ ଠାରୁ ଗୋଟେ କିଲୋମିଟର ଦୂରରେ ଏଭଳି ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ଦେଖିଲେ ମୁଖ୍ୟମନ୍ତ୍ରୀଙ୍କ କଥା ହାସ୍ୟାସ୍ପଦ ଭଳି ଲାଗୁଛି। ଯଦି ରାଜଧାନୀ ଭୁବନେଶ୍ୱରରେ ଅବସ୍ଥିତ ମେଡ଼ିକାଲରେ ଡାକ୍ତର ରହୁନାହାନ୍ତି ତେବେ ଦୂର ଦୁରନ୍ତର କଥା ଭାବିଲେ ମନରେ ଭୟ ସୃଷ୍ଟି ହେଉଛି। ଏହି ଗଣ ସତ୍ୟାଗ୍ରହ ଏଭଳି ଚାଲିଥିବ ଯେ ପର୍ଯ୍ୟନ୍ତ କୁମ୍ଭକର୍ଣ୍ଣ ବିଜେଡ଼ି ସରକାରଙ୍କ ନିଦ ନଭାଙ୍ଗୁଛି। ଆଜି ର ସତ୍ୟାଗ୍ରହରେ ଲିଙ୍ଗରାଜ ମଣ୍ଡଳ ସଭାପତି ସୁରେନ୍ଦ୍ର ପ୍ରଧାନ,ସମାଜ ସେବୀ ନୀଳମଣି ମିଶ୍ର,ବିଜେପି ନେତା ତାପସ ଦଳାଇ,ସୁଭାଷିନୀ ପୃଷ୍ଟି, ଇଦିସ୍ ଭୁଇଁଆ,ବିଜୟ ସାହୁ,ଜ୍ୟୋତ୍ରିମଇ ଅଗରୱା,ପ୍ରଶାନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ବିଦ୍ୟୁତ ବିଭାଗର ଖାମଖିଆଲି ଓ ଗାଡି ଚାଳକର ବେପରୁଆ ଚାଳନାରେ ଅଳ୍ପକେ ବଞ୍ଚିଗଲା ଦୁଇଟି ଜୀବନ

ବସ୍ତା, ୮/୨ (ନି.ପ୍ର): ବସ୍ତାବ୍ଲକ କୁଡିଆ ପଞ୍ଚାୟତ ବିଦ୍ୟୁତ କେବୁଲ ରାସ୍ତାରେ ଓହଳିଥିବା ସ୍ଥଳେ ବେପରୁଆ ଗାଡି ଚାଳକ କ୍ଷିପ୍ର ଗତିରେ ଗାଡି ଚଳାଇବା ଫଳରେ ଇଲେକ୍ଟ୍ରୀ ଖଣ୍ଟ ଭାଙ୍ଗି ଯାଇଥିଲା ଫଳରେ ଦୁଇଜଣ ଯୁବକ ଅଳ୍ପକେ ବର୍ତ୍ତି ଯାଇଥିଲେ । ସୂଚନାରୁ ପ୍ରକାଶ ଗ୍ରାମର ଗଙ୍ଗାଧର ବେହେରାଙ୍କ ଦୋକାନ ସମ୍ମୁଖରେ ଥିବା ଇଲେକ୍ଟ୍ରୀ ତାର ରାସ୍ତା ରେ ଝୁଲି ରହିଥିଲା ବେଳେ ରାସ୍ତା ରେ କଂକ୍ରିଟ ମସଲା ନେଇ ଯାଉଥିବା ଟ୍ରକ (ଓଡିଜିରୋୱାନ୍ଏଭି ୪୬୪୮)ଟି ତାରରେ ବାଜି ବିଦ୍ୟୁତ ଖୁଣ୍ଟି ଭାଙ୍ଗି ଯାଇଥିଲା। ଫଳରେ ଇଲେକ୍ଟ୍ରୋ ଖୁଣ୍ଟଟି ଭାଙ୍ଗି ପାଖରେ ଥିବା ତୁଳସୀ ଚଉରା ଉପରେ ପଡିଥିବାର ଦେଖିବାକୁ ମିଳିଥିଲା । ତୁଳସୀ ଚଉରା ଉପରେ ବସିଥିବା ଦୁଇ ଯୁବକ ଅଳ୍ପକେ ବର୍ତ୍ତି ଯାଇଥିଲେ। ତେବେ ବିଦ୍ୟୁତ ବିଭାଗ ର ଏହିଭଳି ଗାଁ ସାହି ରେ ତାର ଓହଳି ରହିଥିବାରୁ ସର୍ବ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି ।

# ଧନପୁର କସ୍ତୁରବା ବାଳିକା ବିଦ୍ୟାଳୟର ବାର୍ଷିକ ଉତ୍ସବ




ବେତନଟୀ , ୮/୨ (ନି.ପ୍ର): ବେତନଟୀ ବ୍ଲକ ଅଧୀନ କସ୍ତୁରବା ବାଳିକା ବିଦ୍ୟାଳୟ ର ବାର୍ଷିକ ଉତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବ ରେ ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟିତ୍ରୀ କାନନବାଳା କର ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ବେତନଟୀ ବ୍ଲକ ଅଧ୍ୟକ୍ଷା କୌଶଲ୍ୟା ମାଝୀ, ମୁଖ୍ୟ ବକ୍ତା ଭାବରେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ସ୍ୱତନ୍ତ୍ର ଅତିଥି ଭାବରେ ବ୍ଲକ ଶିକ୍ଷା ଅଧିକାରୀ ବିପ୍ଳବ କର , ସମ୍ମାନୀତ ଅତିଥି ଭାବରେ ୩୫ ନମ୍ବର ଜିଲ୍ଲାପରିଷଦ ସଦସ୍ୟ ବିଶ୍ୱନାଥ ହେମ୍ବ୍ରମ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାର ରମାକାନ୍ତ ମହାନ୍ତ ଓ ଗୋପାଳ ଚନ୍ଦ୍ର ସେନାପତି , ନଣ୍ଡାଶୋଳ ସମିତି ସଭ୍ୟ ସୁନାମଣି ମାଝୀ, ଜିଲ୍ଲା ବାଳିକା ଶିକ୍ଷା ସଂଯୋଜକ ସପନ କୁମାର ପୃଷ୍ଟି, ଜିଲ୍ଲା ଅନ୍ତର୍ନିଦ୍ୱିଶୀ ଶିକ୍ଷା ସଂଯୋଜକ ନିରଞ୍ଜନ ନାୟକ, ଜିଲ୍ଲା ଶିକ୍ଷାତତ୍ତ୍ୱ ସଂଯୋଜିକା ଶୈଳବାଳା ବେହେରା, ଅଞ୍ଚଳିକ ସାଧନ କର୍ମୀ ସଞ୍ଜୟ କୁମାର ପଣ୍ଡିତ, ବିଦ୍ୟାଳୟ ପରିଚାଳନା ସଭାପତି ଭବାନୀ ଶଙ୍କର ମହାନ୍ତ ପ୍ରମୁଖ ମଞ୍ଚାସୀନ ରହି ଛାତ୍ର ଛାତ୍ରୀ ଙ୍କ ଉଦେଶ୍ୟ ରେ ନିଜ ନିଜର ବକ୍ତବ୍ୟ ରଖିଥିଲେ। ସର୍ବପ୍ରଥମେ ବିଦ୍ୟାଳୟ ର ଛାତ୍ରୀ ମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟ ର ଛାତ୍ର ଛାତ୍ରୀ ଙ୍କ ଦ୍ୱାରା ବିଦ୍ୟାଳୟ ପରିଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଶୁଦ୍ଧ ଚନ୍ଦ୍ର ସିଂ, କମଳାକାନ୍ତ ସିଂ, ନରେନ୍ଦ୍ର ନାଥ ମହାନ୍ତ, ନମିତା ମାଝୀ, ଆକାଶ ଚନ୍ଦ୍ର ମହାନ୍ତ , ସ୍ୱାଗତିକା ରାଉତ, ମନୋଜ କୃଷ୍ଣ ସାହା, କେଶବ ଚନ୍ଦ୍ର ମହାନ୍ତ ଓ ବିଦ୍ୟାଳୟ ପରିଚାଳନା କମିଟି ର ସମସ୍ତ ସଦସ୍ୟ, ସଦସ୍ୟା ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଲାଂଚ ନେଉଥିବା ବେଳେ ଧରାପଡିଲେ ଆକାଉଂଟାଂଟ

ଭୁବନେଶ୍ୱର, ୮/୨ (ନି.ପ୍ର): ଲାଂଚ ହେଲା କାଳ । ଲାଂଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡିଛନ୍ତି ଆକାଉଂଟାଂଟ । ପୁରୀ ବିଇଓ ଅଫିସର ଆକାଉଂଟାଂଟ ବିକାଶ କୁମାର ସେନାପତି ଲାଂଚ ନେଉଥିବା ବେଳେ ଧରାପଡିଛନ୍ତି । ଜଣେ ଅବସରପ୍ରାପ୍ତ ଶିକ୍ଷକଙ୍କ ଗ୍ରାଚ୍ୟୁଇଟି ରିଲିଜ ପାଇଁ ନୋ ଅବଜେକ୍ସନ ସାର୍ଟିଫିକେଟ ଦେବାପାଇଁ ୫ହଜାର ଟଙ୍କା ଲାଂଚ ନେଉଥିବା ବେଳେ ତାଙ୍କୁ ମାଡିବସିଛି ଭିଜିଲାନ୍ସ । ଶିକ୍ଷକ ଜଣକ ୨୦୨୨ ମେ ମାସରେ ଅବସର ଗ୍ରହଣ କରିଥିଲେ । ଅବସର ପରଠାରୁ ସେ ଏନଓସି ପାଇଁ ଆକାଉଂଟାଂଟ ବିକାଶ ସେନାପତିଙ୍କୁ ନଅୁରୋଧ କରିଆସୁଥିଲେ । ତେବେ ଏନଓସି ଦେବାକୁ ବିକାଶ ୫ହଜାର ଟଙ୍କା ଲାଂଚ ମାଗିଥିଲେ । ତେବେ ଅବସରପ୍ରାପ୍ତ ଚାରିଆଡୁ ନିରାଶ ହେବା ପରେ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ । ଆଜି ବିକାଶ ସେନାପତି ଟଙ୍କା ନେଉଥିବା ବେଳେ ପୂର୍ବ ଯୋଜନା ମୁତାବକ ଥିବା ଭିଜିଲାନ୍ସ ଟିମ ତାଙ୍କୁ ଧରିଛନ୍ତି । ତାଙ୍କ ଠାରୁ ୫ହଜାର ଲାଂଚ ଟଙ୍କା ଜବତ କରାଯାଇଛି । ଏହାପରେ ଆୟ ବହିର୍ଭୂତ ସଂପତ୍ତି ଠୁଳ ଅଭିଯୋଗରେ ସେନାପତିଙ୍କର ଦୁଇଟି ଠିକଣାରେ ଚଢାଉ କରିଛି ଭିଜିଲାନ୍ସ ।

# ଇପିଏଫ୍ ପେନସନ୍‌ଭୋଗୀଙ୍କ ଜିଲ୍ଲା କମିଟି ବୈଠକ

## ଆସନ୍ତା ନିର୍ବାଚନରେ ସରକାରୀ ଦଳକୁ ଭୋଟ ନ ଦେବାକୁ ନିଷ୍ପତ୍ତି




ବାଲେଶ୍ୱର, ୮/୨ (ନି.ପ୍ର): ଆସନ୍ତା ସାଧାରଣ ନିର୍ବାଚନରେ ଇପିଏଫ୍ ପେନ୍‌ସନ୍‌ଭୋଗୀମାନେ ବର୍ତ୍ତମାନର କେନ୍ଦ୍ର ସରକାରରେ ଥିବା ରାଜନୈତିକ ଦଳଙ୍କୁ ଭୋଟ ନ ଦେବାକୁ ଅଲ୍ ଓଡ଼ିଶା ଇପିଏଫ୍ ପେନସନର୍ସ ଆସୋସିଏସନ୍ ବାଲେଶ୍ୱର ଜିଲ୍ଲା କମିଟି ନିଷ୍ପତ୍ତି ଗ୍ରହଣ କରିଛି ଓ ରାଜ୍ୟ କମିଟି ଏହି ନିଷ୍ପତ୍ତିକୁ ରାଜ୍ୟବ୍ୟାପୀ କାର୍ଯ୍ୟକାରୀ କରିବାକୁ ଜଣାଇଛି। କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ କର୍ମଚାରୀ ଭବିଷ୍ୟନିଧି ପାଣ୍ଠିରୁ ମାତ୍ର ମାସିକ ଏକହଜାର ଟଙ୍କା କିମ୍ବା ତହିଁରୁ କମ୍ ଟଙ୍କା ପେନସନ୍ ପାଉଛନ୍ତି। ଏହି ସ୍ୱଳ୍ପ ପେନସନ୍ ପାଉଥିବା ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ ମହଙ୍ଗା ଭତ୍ତା ଦିଆଯାଉ ନାହିଁ। ଅଧିକ ଦରମା ପାଉଥିବା କର୍ମଚାରୀମାନଙ୍କୁ ଅବସର ପରେ ସେହି ଅନୁପାତରେ ପେନସନ୍ ଦେବାକୁ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟର ଆଦେଶକୁ ବିଭିନ୍ନ ଆଳରେ ସରକାର କାର୍ଯ୍ୟକାରୀ କରୁନାହାନ୍ତି। ଜାତୀୟସ୍ତରରେ ବହୁବାର ଦାବି ଓ ଆନ୍ଦୋଳନ କଲେବି, କିଛି ସୁଫଳ ମିଳିନାହିଁ। ସଂସଦରେ ନିର୍ବାଚିତ ସାଂସଦମାନେ ଏହି ବୟସ୍କବ୍ୟକ୍ତିଙ୍କ ଆର୍ଥିକ ଦୁରାବସ୍ଥା ସଂପର୍କରେ ସରକାରଙ୍କୁ ଅବଗତ କଲେ ମଧ୍ୟ କେନ୍ଦ୍ର ସରକାର ଦୀର୍ଘ ଦଶବର୍ଷ ଧରି କୌଣସି ନିଷ୍ପତ୍ତି ଗ୍ରହଣ କରୁନାହାନ୍ତି। ତେଣୁ ଜିଲ୍ଲା କମିଟି ବୈଠକ ଶ୍ରମିକନେତା ଗୌରାଙ୍ଗ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି। ବୈଠକରେ ଜିଲ୍ଲା ସଂପାଦକ ବିଷ୍ଣୁପ୍ରସାଦ ମହାନ୍ତି ଇପିଏଫ୍ ପେନସନ୍‌ଭୋଗୀ ବୟସ୍କବ୍ୟକ୍ତିଙ୍କ ପ୍ରତି କେନ୍ଦ୍ରସରକାରଙ୍କ ଆଭିମୁଖ୍ୟ ସଂପର୍କରେ ସୂଚନା ଦେଇଥିଲେ। ଦରଦାମ୍ ବୃଦ୍ଧି ହେଉଥିବାବେଳେ ଏହି ସ୍ୱଳ୍ପ ପେନସନ୍‌ରେ ବୟସ୍କ ନାଗରିକମାନେ ନିଜ ଜରାରୋଗର ଚିକିତ୍ସା ମଧ୍ୟ କରାଇ ପାରୁନାହାନ୍ତି। ତେଣୁ କେନ୍ଦ୍ର ସରକାର ଯଦି ଆସନ୍ତା ସାଧାରଣ ନିର୍ବାଚନ ପୂର୍ବରୁ ମାସିକ ସର୍ବନିମ୍ନ ନଅହଜାର ଟଙ୍କା ପେନସନ୍ ସହ ମହଙ୍ଗା ଭତ୍ତା ଓ ଚିକିତ୍ସା ଖର୍ଚ୍ଚ ପ୍ରଦାନ ପାଇଁ ଘୋଷଣା ନ କରନ୍ତି ତେବେ ଆସନ୍ତା ସାଧାରଣ ନିର୍ବାଚନରେ ଇପିଏଫ୍ ପେନସନ୍‌ଭୋଗୀଙ୍କ ପରିବାର ଓ ସଂପର୍କୀୟମାନେ ସରକାରୀ ଦଳକୁ ଭୋଟ ନ ଦେବାପାଇଁ କାର୍ଯ୍ୟ କରିବେ ବୋଲି ବୈଠକରେ ସର୍ବସମ୍ମତ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି ନିଷ୍ପତ୍ତି ଉପରେ ବିଚାର କରିବାପାଇଁ ରାଜ୍ୟ କମିଟିକୁ ଅବଗତ କରିବା ନିମିତ୍ତ ସଂପାଦକଙ୍କୁ ବୈଠକରେ ଦାୟିତ୍ୱ ଦିଆଯାଇଛି। ଆସନ୍ତା ମାର୍ଚ୍ଚ ୨୩ ତାରିଖ ଦିନ ଜିଲ୍ଲାସ୍ତରୀୟ ସମ୍ମିଳନୀରେ ଏଥିପାଇଁ ନିର୍ଦ୍ଦିଷ୍ଟ ଖସଡ଼ା ପ୍ରସ୍ତୁତ କରାଯାଇ ଜିଲ୍ଲା ଓ ରାଜ୍ୟବ୍ୟାପୀ ପ୍ରଚାର ଅଭିଯାନକୁ ବ୍ୟାପକ କରାଯିବ। ଏହି ବୈଠକରେ ବିଭିନ୍ନ ସରକାରୀ ଓ ବେସରକାରୀ ପ୍ରତିଷ୍ଠାନରେ କାର୍ଯ୍ୟକରି ଅବସର ପରେ ଇପିଏଫ୍ ସଂସ୍ଥାରୁ ପେନସନ୍ ପାଉଥିବା ସର୍ବଶ୍ରୀ ଜଳଧର ପଣ୍ଡା, ଶ୍ୟାମସୁନ୍ଦର ଜେନା, ଇଂ. କହ୍ନେଇଲାଲ୍ ଚୌଧୁରୀ, ପୂର୍ଣ୍ଣଚନ୍ଦ୍ର ପାତ୍ର, ଶରତ ଚନ୍ଦ୍ର ଦଳାଇ, ସନ୍ନ୍ୟାସୀ ବେହେରା, କୁଶପ୍ରସାଦ ଜେନା, ନିତ୍ୟାନନ୍ଦ ନଟ, ପରମେଶ୍ୱର ପାତ୍ର, ପୁରୁଷୋତ୍ତମ ବେହେରା ପ୍ରମୁଖ ଅଂଶଗ୍ରହଣ କରିଥିଲେ। ମନ୍ମଥ ପରିଡ଼ା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ଗ୍ରାମଦେବୀ ମା' ଦୁଧିଆବଡାମଙ୍କର ବାର୍ଷିକ ଉତ୍ସବ ଉପଲକ୍ଷେ ପ୍ରସ୍ତୁତି ବୈଠକ : ଫେବୃୟାରୀ ୧୦ ରେ ରକ୍ତଦାନ ଶିବିର



ବେତନଟୀ , ୮/୨ (ନି.ପ୍ର): ବେତନଟୀ ବ୍ଲକ ସ୍ଥିତ ପୁରୁଣୀଆ ପଞ୍ଚାୟତ ର ବାଛୁରୀପଡା ଗ୍ରାମ ତରଫରୁ ଗ୍ରାମଦ୍ୱେୀ ମା ଦୁଧିଆବଡାମ ଙ୍କର ବାର୍ଷିକ ଉତ୍ସବ ଉପଲକ୍ଷେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଜି ଏ ନେଇ ଗ୍ରାମରେ କ୍ଲବ ର କାର୍ଯ୍ୟକାରୀ ସଭାପତି ଧୀରେନ ସାହୁ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଶିବିର କୁ ସଫଳ ଆୟୋଜନ ପାଇଁ ବିସ୍ତୃତ ଆଲୋଚନା ହୋଇଥିଲା। ଶନିବାର ଦିନ ୧୦ ଟାରୁ ୨ ଟା ପର୍ଯ୍ୟନ୍ତ ଶିବିର ଅନୁଷ୍ଠିତ ହେବ ବୋଲି ସ୍ଥିର ହୋଇଛି। ଏହି ବୈଠକରେ ଉପ ସଭାପତି ଚନ୍ଦନ ସାହୁ, ବିରେନ କୁମାର ସାହୁ, ସମ୍ପାଦକ ଆନି କୁମାର ଦାସ, ସୁରେଶ କୁମାର ସାହୁ, ବିଜୟ କୁମାର ସାହୁ, ହରିନାରାୟଣ ସାହୁ , ଅଜୟ କୁମାର ସାହୁ , ଭାଗିରଥି ସାହୁ, ଗୋପିନାଥ ସାହୁ, ସୁରେନ୍ଦ୍ର ସାହୁ, ସାନ୍ତନୁ ଦାସ, ତାପସ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# କେମ୍ବ୍ରିଜ ସ୍କୁଲର ବାର୍ଷିକ ଉତ୍ସବ ପାଳିତ




ଉଦଳା , ୮/୨ (ନି.ପ୍ର): ଉଦଳା ସହର ମଧ୍ୟରେ ଗଢ଼ି ଉଠିଥିବା ଇଂରାଜୀ ମାଧ୍ୟମ ବିଦ୍ୟାଳୟ କେମ୍ବ୍ରିଜର ୧୬ ତମ ବାର୍ଷିକ ଉତ୍ସବ ଚଳିତ ଫେବୃଆରି ୭ ତାରିଖ ବୁଧବାର ଦିନ ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳିତ ହୋଇ ଯାଇଛି । ଏଥିପାଇଁ ଦିର୍ଘ ୧ ମାସ ପୂର୍ବରୁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଥିଲା । ପୁରସ୍କାର ବିତରଣ ଉତ୍ସବରେ ସ୍ଥାନୀୟ ତହସିଲଦାର ସତ୍ୟଜିତ ମହାନ୍ତି ଓ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ମିନତି ମଂଜରି ପଣ୍ଡା ଯଥାକ୍ରମେ ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଏହାପରେ ଶିକ୍ଷାକେନ୍ଦ୍ର ପରିଚାଳନା କମିଟିର ସଭାପତି ଅବସର ପ୍ରାପ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼. ଦିଲିପ କୁମାର ଦିକ୍ଷିତ କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ବିଦ୍ୟାଳୟ ପ୍ରତିଷ୍ଠା ହେବା ଦିନ ଠାରୁ ଆଜି ପର୍ଯ୍ୟନ୍ତ ଦିର୍ଘ ୧୬ ବର୍ଷର ଇତିହାସ ବିସ୍ତୃତ ବର୍ଣ୍ଣନା କରିଥିଲେ । ପରେ ବିଦ୍ୟାଳୟର ଅଧ୍ୟକ୍ଷା ତ୍ରିପର୍ଣ୍ଣା କର ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀଯୁକ୍ତ ମହାନ୍ତି, ତାଙ୍କର ପୁଅ ମଧ ଏକ ଘରୋଇ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ପଢ଼େ ବୋଲି କହିବା ସହ ସେ ନିଜେ କିପରି ଇଂରାଜୀ ମାଧ୍ୟମ ବିଦ୍ୟାଳୟର ପାଠ ପଢ଼ା ସହିତ ଜଡ଼ିତ ବାସ୍ତବ ଜୀବନର ଅନୁଭବ ବ୍ୟକ୍ତ କରିଥିଲେ । ସେହିପରି ମୁଖ୍ୟ ବକ୍ତା ଶିକ୍ଷା ଅଧିକାରୀ ଶ୍ରୀମତୀ ପଣ୍ଡା ବଂଚି ରହିବା ପାଇଁ ଖାଦ୍ୟ, ବସ୍ତ୍ର, ବାସଗୃହ ପରେ ଶିକ୍ଷା କିପରି ଅତ୍ୟାବଶ୍ୟକ ଅଟେ ବ୍ୟକ୍ତ କରିଥିଲେ । ଏହାପରେ ପୁରସ୍କାର ବିତରଣ ପର୍ବ ଆରମ୍ଭ ହୋଇଥିଲା । ଶେଷରେ ଛାତ୍ର ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ବିଦ୍ୟାଳୟର ସମସ୍ତ ଶିକ୍ଷକ / ଶିକ୍ଷୟିତ୍ରୀ ଓ ପରିଚାଳନା କମିଟିର ସଦସ୍ୟ ବୃନ୍ଦ ମିଳିମିଶି ସହଯୋଗ କରିଥିଲେ ।

# ବିଶିଷ୍ଟ ଶିକ୍ଷାବିତ୍ ସ୍ୱର୍ଗତଃ ରାଧାକିଶୋର ପଟ୍ଟନାୟକଙ୍କ ସ୍ମୃତିସଭା



ବାଲେଶ୍ୱର , ୮/୨ (ନି.ପ୍ର): ସିମୁଳିଆ ବ୍ଲକର କହ୍ନେଇବିନ୍ଧା ପଂଚାୟତ ଅନ୍ତର୍ଗତ ତିରଖୁଆ ଗ୍ରାମର ବିଶିଷ୍ଟ ଶିକ୍ଷାବିତ୍ ସ୍ୱର୍ଗତ ରାଧାକିଶୋର ପଟ୍ଟନାୟକଙ୍କ ଏକାଦଶାହ କ୍ରିୟା ଉପଲକ୍ଷେ କବି ତଥା ଔପନ୍ୟାସିକ ରମେଶ ଚନ୍ଦ୍ର ଦାସ ଙ୍କ ପୌରୋହିତ୍ୟରେ ଏକ ସ୍ମୃତି ସଭା ଅନୁଷ୍ଠିତ ହୋଇ ଯାଇଛି । ଏହି ସଭାରେ ସିମୁଳିଆ ବ୍ଲକର ଅନେକ ଶିକ୍ଷକ ସମେତ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ସ୍ୱର୍ଗତ ରାଧାକିଶୋର ପଟ୍ଟନାୟକ ଜଣେ ଆଦର୍ଶ ଶିକ୍ଷକ ଏବଂ ସମାଜ ସେବୀ ଥିଲେ ବୋଲି ବକ୍ତା ମାନେ ସେମାନଙ୍କ ବକ୍ତବ୍ୟ ରେ ମତ ପ୍ରକାଶ କରିଥିଲେ ।ସାମାଜିକ ସଂଘର୍ଷ ର ସମାଧାନ କରିବାରେ ସେ ଥିଲେ ଜଣେ ଅନନ୍ୟ ବ୍ୟକ୍ତିତ୍ୱ ।ଜଣେ ଛାତ୍ର ବତ୍ସଳ ଶିକ୍ଷକ ଭାବେ ସେ ସଭିଙ୍କ ନିକଟରେ ପ୍ରିୟ ଥିଲେ ।ଶିକ୍ଷାକୁ ସେ କେବେ ବ୍ୟବସାୟ ଅଙ୍ଗ ରେ ଦେଖିନାହାନ୍ତି ;ବରଂ ଶିକ୍ଷା ଦାନ ଏକ ମିଶନ ବୋଲି ବିବେଚନା କରୁଥିଲେ ବୋଲି ଅବସର ପ୍ରାପ୍ତ ଶିକ୍ଷୟତ୍ରୀ ଗୀତାଶ୍ରୀ ଦାସ ମତ ଦେଇଥିଲେ । ସ୍ୱର୍ଗତ ପଟ୍ଟନାୟକ ସିମୁଳିଆ ଶିକ୍ଷକ ମାନଙ୍କର ଦରଦୀ ପ୍ରତିନିଧି ଥିଲେ ।ପ୍ରାଥମିକ ବିଦ୍ୟାଳୟର ତମାମ ଶିକ୍ଷକ ମାନଙ୍କର ବିଭିନ୍ନ ସମସ୍ୟାର ସମାଧାନ କରୁଥିଲେ ବୋଲି ଅବସର ପ୍ରାପ୍ତ ଶିକ୍ଷକ କରୁଣାକର ପାଣିଗ୍ରାହୀ ଭାବ ବିହ୍ୱଳ କଣ୍ଠରେ ପ୍ରକାଶ କରିଥିଲେ । ସିମୁଳିଆ ବ୍ଲକ୍ ର ଶିକ୍ଷକ ମାନଙ୍କର ଭିଡ଼ ଜମୁଥିଲା ସ୍ୱର୍ଗତ ପଟ୍ଟନାୟକଙ୍କ ପାଖରେ ।ସେଥିଲେ ଶିକ୍ଷକ ମାନଙ୍କ ର ପ୍ରେରଣା ର ଅନିର୍ବାଣ ଦୀପଶିଖା । ସ୍ୱର୍ଗତ ରାଧାକିଶୋର ପଟ୍ଟନାୟକ ଜନ ସେବାରେ ନିଜ ଜୀବନକୁ ଉତ୍ସର୍ଗ କରିବା ସହ ଜଣେ ସଂସ୍କାର ବାଦୀ ମଣିଷ ଭାବେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛନ୍ତି ବୋଲି ସଭାପତିତ୍ୱ କରୁଥିବା ରମେଶ ଚନ୍ଦ୍ର ଦାସ ନିଜ ମତ ରଖିଥିଲେ । ଏହି ସ୍ମୃତି ସଭାରେ ଶିବ ପ୍ରସାଦ ପାଢ଼ୀ, ନାରାୟଣ ଚନ୍ଦ୍ର ବେହେରା ,ଗଣେଶ ଚନ୍ଦ୍ର ପଣ୍ଡା ,ଦୟାନିଧି ମହାନ୍ତି ,ଅମୀୟ କୁମାର ମହାନ୍ତି ,ମାନସ ରଞ୍ଜନ ପଟ୍ଟନାୟକ ,ତାପସ ରଞ୍ଜନ ପଟ୍ଟନାୟକ , ଗୌରାଙ୍ଗ ରାୟ , ଚକ୍ରଧର ମିଶ୍ର , ଅଜିତ ମହାନ୍ତି ଅନିଲମହାନ୍ତି,ପ୍ରଶାନ୍ତ କୁମାର ଦାସ,ସୁଶାନ୍ତ କୁମାର ଦାସ,ଚିରଞ୍ଜିବୀ ଦାସ ,ଦିନେଶ ମହାନ୍ତି, ଭାବେଶ ମହାନ୍ତି, ଚିରସ୍ମିତା ଦାସ, ଚିରୋ ସ୍ରୋତା ଦାସ, କବିତା ମହାନ୍ତି, ନିର୍ମଳ ମହାନ୍ତି ,ରାଧାରାଣୀ ପଟ୍ଟନାୟକ, ବିଦ୍ୟୁତ ଲତା ମହାନ୍ତି ,ରାଣୀ ତାପସ୍ୱିନୀ ପଟ୍ଟନାୟକ ,ହିତାର୍ଥ ପଟ୍ଟନାୟକ ,ଜ୍ୟୋତିପ୍ରଭା ପଟ୍ଟନାୟକ , ନିତ୍ୟାନନ୍ଦ ମହାନ୍ତି , ଭଗବାନ ଚନ୍ଦ୍ର ଦାସ,ଐଶ୍ୱର୍ଯ୍ୟା ମହାନ୍ତି ପ୍ରମୁଖ ଉପସ୍ଥିତ ରହି ସ୍ମୃତି ଶଦ୍ଧ ରଖିଥିଲେ ।ଏଇ ସ୍ମୃତିଡଭାରେ ଅନେକ ଶିକ୍ଷକ ,ବୁଦ୍ଧିଜୀବୀ ,ସମାଜ ସେବୀ ଉପସ୍ଥିତ ରହି ସ୍ୱର୍ଗତ ରାଧାକିଶୋର ପଟନାୟକ ଙ୍କ ତୈଳ ଚିତ୍ରରେ ପୁଷ୍ପ ଅର୍ଘ୍ୟ ଅର୍ପଣ କରିଥିଲେ ମଶେଷରେ ସ୍ୱର୍ଗତ ରାଧାକିଶୋର ପଟ୍ଟନାୟକ ଙ୍କ କାନିଷ୍ଠ ଭ୍ରାତା ଡ .ରାଧାରଂଜନ ପଟ୍ଟନାୟକ ସଭିଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo